# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୩/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, February 23/2021 | ★★★★★★

୪୭ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-


# ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷିକୁ ଫୋକସ୍

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ରାଜ୍ୟ ପାଇଁ କରୋନା ମହାମାରୀ ପରବର୍ତ୍ତୀ ସମୟ ଅତ୍ୟନ୍ତ କଠିନ ହୋଇଛି। କେନ୍ଦ୍ରୀୟ ଟିକସ ହ୍ରାସ ସାଙ୍ଗକୁ ଜିଏସ୍‌ଟି କ୍ଷତିପୂରଣ, ପଞ୍ଚଦଶ ଅର୍ଥ କମିଶନ ସୁପାରିସ ଅନୁଦାନ ଧିମେଇ ଯାଇଛି। ରାଜକୋଷ ଉପରେ ପ୍ରବଳ ଚାପ ପଡିଛି। ଜନସାଧାରଣଙ୍କ ଜୀବନଜୀବିକା ବଞ୍ଚାଇବା, ସ୍ୱାସ୍ଥ୍ୟ ରକ୍ଷା ସହ ରାଜ୍ୟର ଆର୍ଥିକ ବିକାଶ ରାଜ୍ୟ ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇଛି। ଏଥିରୁ ମୁକୁଳିବା ସହ ଆର୍ଥିକ ଅଭିବୃଦ୍ଧିକୁ କିପରି ପୁଣି ଗତିଶୀଳ କରାଯିବ ତାହାକୁ ଦେଖି ରାଜ୍ୟ ବଜେଟର ରୂପରେଖ ପ୍ରସ୍ତୁତ କରିବା ସହ ନୂଆ ଓଡ଼ିଶାର ସ୍ୱପ୍ନ ଦେଖାଇଛନ୍ତି ସରକାର। ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ ୭୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ସୋମବାର ଅପରାହ୍ନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଇ-ବଜେଟ ଉପସ୍ଥାପନ କରିଛନ୍ତି। ଇ-ବିଧାନସଭା ବ୍ୟବସ୍ଥା ହେବା ପରେ ପ୍ରଥମ ଥର ଲାଗି କାଗଜବିହୀନ(ପେପରଲେସ୍)ବଜେଟ ଉପସ୍ଥାପନ ହୋଇଛି। କୃଷି ପାଇଁ ମଧ୍ୟ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରାଯାଇଛି। ☞ପୃଷ୍ଠା-୪

## ୧ ଟଙ୍କାର ଆୟ




୧. ରାଜ୍ୟର ନିଜସ୍ୱ ଟିକସ-୨୨.୦୬%
୨. ଋଣ ଓ ଅଗ୍ରିମ ଆଦାୟ-୦.୨୪%
୩. ରାଜ୍ୟର ନିଜସ୍ୱ ଅଣଟିକସ-୧୧.୭୬%
୪. ଅଂଶଧନ ବାବଦ ଟିକସ-୧୭.୭୩%
୫. କେନ୍ଦ୍ରୀୟ ଅନୁଦାନ-୨୨.୩୩%
୬. ଅନ୍ୟାନ୍ୟ ସୂତ୍ରରୁ ଋଣ-୨୪.୧୧%
୭. ଭବିଷ୍ୟନିଧି ପାଣ୍ଠି ଏବଂ ଅନ୍ୟ ପାଣ୍ଠି ଓ ଜମା (ନେଟ୍)-୧.୭୬%

## ୧ ଟଙ୍କାର ବ୍ୟୟ




୧. ଋଣର ସୁଧ ପରିଶୋଧ-୪.୭୧%
୨. ଋଣ ବାବଦ କିସ୍ତି ପ୍ରଦାନ- ୧୩.୮୪%
୩. ଋଣ ବିତରଣ(ପ୍ରଶାସନିକ)-୦.୬୬%
୪. ଦରମା, ପେନସନ ଓ ଅନ୍ୟ ରାଜସ୍ୱ ବ୍ୟୟ-୫୯.୭୫%
୫. ପୁଞ୍ଜି କ୍ଷେତ୍ରରେ ବ୍ୟୟ -୧୫.୧୭% (ଋଣ ବାବଦ ଦେୟ ଫେରସ୍ତ ବ୍ୟତିରେକ)
୬. ବିପର୍ଯ୍ୟୟ ପ୍ରଶମନ ପାଣ୍ଠି-୧.୭୯%
୭. ରାଜ୍ୟରୁ ସ୍ଥାନାନ୍ତର ବାବଦ ଦେୟ-୪.୦୯%

## ୧.୭ ଲକ୍ଷ କୋଟିର ବଜେଟ

- ଅଭିବୃଦ୍ଧି କମିବ, ଋଣ ଭାର ବଢ଼ିବ
- ଋଣ ଭାର ୧.୨୫ ଲକ୍ଷ କୋଟି ଛୁଇଁବା ଆକଳନ
- ପ୍ରଶାସନିକ ଖର୍ଚ୍ଚ ୮୫, କାର୍ଯ୍ୟକ୍ରମ ପାଇଁ ୭୫ ହଜାର କୋଟି ଓଏମ୍‌ବିଏଡିସି, ଡିଏମ୍‌ଏଫ୍‌ରୁ ଖର୍ଚ୍ଚ କରିବେ ୮ ହଜାର କୋଟି
- କୃଷି ପାଇଁ ୧୭ ହଜାର, ପାନୀୟ ଜଳ ପାଇଁ ୧୨ ହଜାର କୋଟି

## ନୂଆ କ'ଣ

- ନ୍ୟାଶନାଲ ଇ-ବିଧାନ ଆପ୍ଲିକେଶନରେ ବଜେଟ ଉପସ୍ଥାପନା ସହିତ ଇ-ବଜେଟ ଏକ ପରିବେଶ ଅନୁକୂଳ ପଦକ୍ଷେପ। ଇ-ବେଜଟ ଯୋଗୁ ଦେଢ଼ କୋଟି ପୃଷ୍ଠା କାଗଜ ଛପା ବନ୍ଦ କରାଗଲା। ଏହାଦ୍ୱାରା ପ୍ରାୟ ୨ ହଜାର ବୃହତ୍ ବୃକ୍ଷକୁ ବଞ୍ଚାଯାଇପାରିଛି।
- ଗୁଗଲ ପ୍ଲେଷ୍ଟୋର ଏବଂ ଆପଲ ଆପ୍ ଷ୍ଟୋରରେ ବଜେଟ୍ ମୋବାଇଲ ଆପ୍ଲିକେଶନ ଉପଲବ୍ଧ।
- ବିତ୍ତୀୟ ସ୍ୱଚ୍ଛତା ବୃଦ୍ଧି ତଥା ସରକାରୀ ଅର୍ଥ ପରିଚାଳନାରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଫିସ୍କାଲ ରିସ୍କ ଷ୍ଟେଟ୍‌ମେଣ୍ଟ ପ୍ରକାଶିତ।
- ପ୍ରଥମ ଥର ପାଇଁ ବିତ୍ତୀୟ କୌଶଳ ରିପୋର୍ଟ ଓ ସରକାରୀ ଋଣର ସାମ୍ପ୍ରତିକ ସ୍ଥିତି ବିବରଣୀ ପ୍ରକାଶ ପାଇଛି।
- ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍‌ଡିଜି) ଦସ୍ତାବିଜ୍‌ର ପ୍ରଥମ ପ୍ରକାଶନ।

## ବଜେଟ ମୁଖ୍ୟାଂଶ

- ନୂତନ ଓଡ଼ିଶା-ସଶକ୍ତ ଓଡ଼ିଶା ଲକ୍ଷ୍ୟ ପୂରଣ ପାଇଁ ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ଜୀବିକା, ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରକୁ ଗୁରୁତ୍ୱ।
- ଏସ୍‌ସିବି ଭେଷଜ ମହାବିଦ୍ୟାଳୟକୁ ଏମ୍ସ ପ୍ଲସ୍ ପ୍ରତିଷ୍ଠାନରେ ପରିଣତ କରିବା ପାଇଁ ୩ ବର୍ଷରେ ୩୫୦୦ କୋଟି ଟଙ୍କା ବ୍ୟୟ କରାଯିବ।
- କାଳିଆ ଯୋଜନା ଅଧୀନରେ ୧୮୦୦ କୋଟି ଟଙ୍କା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୪୫୦ କୋଟି ଟଙ୍କା, ପ୍ରମୁଖ ନଦୀଗୁଡ଼ିକରେ ଆଇଏସ୍‌ଏସ୍ ନିର୍ମାଣ ପାଇଁ ୭୯୫ କୋଟି ଟଙ୍କା ଓ କୃଷକମାନଙ୍କୁ ସୁଧ ସବ୍‌ସିଡି/ଆର୍ଥିକ ସହାୟତା ଯୋଜନାରେ ୮୧୯ କୋଟି ଟଙ୍କା ବ୍ୟୟବରାଦ।
- ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ପାଇଁ ଅବଢ଼ା ଯୋଜନାରେ ୫୪୨ କୋଟି ଟଙ୍କା।
- ଲିଙ୍ଗରାଜ ମନ୍ଦିର ପରିପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଓ ଚତୁଃପାର୍ଶ୍ୱରେ ଥିବା ୬୫ ଏକରରୁ ଉର୍ଦ୍ଧ୍ୱ ଜାଗାକୁ ପଥଚାରୀଙ୍କ ଲାଗି ଉନ୍ମୁକ୍ତ କରିବା ପାଇଁ ଏକାମ୍ର ଯୋଜନାରେ ୨୦୦ କୋଟି ଟଙ୍କା।
- ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ ପାଇଁ ସମଲେଇ ଯୋଜନାରେ ୨୦୦ କୋଟି ଟଙ୍କା।
- ରାଉରକେଲାରେ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ପାଇଁ ୯୦ କୋଟି ଟଙ୍କାର ବ୍ୟବସ୍ଥା।






# ୨୨ବର୍ଷର ଲୁଚକାଳି ଶେଷ

ଭୁବନେଶ୍ୱର(ବ୍ୟୁରୋ)/
କଟକ ଅଫିସ୍,୨୨।୨(ବ୍ୟୁରୋ)

ଶେଷ ହୋଇଛି ୨୨ବର୍ଷର ଲୁଚକାଳି ଖେଳ। ୧୯୯୯ ଜାନୁୟାରୀ ୯ତାରିଖ ରାତିରେ ଅଞ୍ଜନା ମିଶ୍ରଙ୍କୁ ଗଣବଳାତ୍କାର କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ନିଜ ନାମ ଓ ପରିଚୟ ପରିବର୍ତ୍ତନ କରି ମହାରାଷ୍ଟ୍ର ଆମ୍ବିଭ୍ୟାଲିରେ ରହୁଥିବା ବିବନଙ୍କୁ ସିବିଆଇ କୋର୍ଟରେ ହାଜର କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇଦିଆଯାଇଛି। ବିଳମ୍ବରେ ହେଲେ ବି ପୋଲିସର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ପୀଡ଼ିତା ଅଞ୍ଜନା।

କଟକ ଡିସିପି କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଡାଦା ସମ୍ମିଳନୀରେ ପୋଲିସ କମିଶନର(ସିପି) ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି ଯେ, ୧୯୯୯ ଜାନୁୟାରୀ ୯ରେ ଜଣେ ସାମ୍ବାଦିକ ବନ୍ଧୁଙ୍କ ସହ ଅଞ୍ଜନା ଭୁବନେଶ୍ୱରରୁ କଟକ ଯାଉଥିବାବେଳେ ବାରଙ୍ଗ ନିକଟରେ ୩ଜଣ ଅଭିଯୁକ୍ତ ସେମାନଙ୍କୁ ☞ପୃଷ୍ଠା-୪

## ଅଞ୍ଜନାଙ୍କୁ ନ୍ୟାୟ


ବିବନ ବିଶ୍ୱାଳ

- ମୁଖ୍ୟ ଅଭିଯୁକ୍ତ ବିବନ ଗିରଫ
- ପୁଣେ ଆମ୍ବିଭ୍ୟାଲିରୁ ଅଭିଯୁକ୍ତଙ୍କୁ ଧରିଲା କମିଶନରେଟ ପୋଲିସ
- ଅପରେଶନ୍ ସାଇଲେଣ୍ଟ-ଭାଇପରକୁ ସଫଳତା
- ପରିଚୟ ବଦଳାଇ, ନୂତନ ପରିଚୟରେ ଲୁଚିଥିଲେ ଅଭିଯୁକ୍ତ

## ଅଭିଯୁକ୍ତ ବିବନଙ୍କୁ ଫାଶୀ ଦିଆଯାଉ

ଦୀର୍ଘ ୨୨ବର୍ଷ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଦୀର୍ଘବର୍ଷ ଧରି କଷ୍ଟ ଓ ଯନ୍ତ୍ରଣାରେ କଟିଛି। ତେଣୁ ଅଭିଯୁକ୍ତ ବିବନଙ୍କୁ ଫାଶୀ ଦିଆଯିବା ସହ ମତେ ନ୍ୟାୟ ମିଳୁବୋଲି କହିଛନ୍ତି ବଳାତ୍କାର ପୀଡ଼ିତା ଅଞ୍ଜନା ମିଶ୍ର। ସେ କହିଛନ୍ତି, ନ୍ୟାୟିକ ବ୍ୟବସ୍ଥାରେ ବିଳମ୍ବ ହୋଇଛି। ମାମଲାର ତଦନ୍ତ କରୁଥିବା ସିବିଆଇ ବି ଚୁପ ହୋଇ ବସିପଡ଼ିଥିଲା। ଏବେ ବିବନଙ୍କୁ ଗିରଫ କରିଥିବାରୁ କମିଶନରେଟ ପୋଲିସକୁ ଅଶେଷ ଧନ୍ୟବାଦ। ଘଟଣା ପରେ ତାଙ୍କୁ ବିଭିନ୍ନ ସମୟରେ ମାରିଦେବାକୁ ଚେଷ୍ଟା କରାଯାଇଥିଲା। କାହା ପ୍ରତି ଏଭଳି ଘଟଣା ଘଟିଲେ ତା'ର ଜୀବନ ବରବାଦ ହୋଇଯାଏ। ତେବେ ଏଥିରେ ଭାଙ୍ଗି ନ ପଡ଼ି ଲଢ଼େଇ କରିବାକୁ ବଳାତ୍କାର ପୀଡ଼ିତା ସାହସ କରିବା ଆବଶ୍ୟକ ବୋଲି ଅଞ୍ଜନା କହିଛନ୍ତି।






# ଓ୍ୱାରାଓ୍ୱାରା ରାଓଙ୍କୁ ଜାମିନ

ମୁମ୍ବାଇ, ୨୨।୨

ଭୀମା କୋରେଗାଁଓ ମାମଲାରେ ଅଭିଯୁକ୍ତ ଓ୍ୱାରାଓ୍ୱାରା ରାଓଙ୍କୁ ବମ୍ବେ ହାଇକୋର୍ଟ ସୋମବାର ୬ ମାସ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ତେଲୁଗୁ କବି ତଥା ସାମାଜିକ କର୍ମୀ ଓ୍ୱାରାଓ୍ୱାରାଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଜାମିନ ପ୍ରଦାନ କରାଯାଇଛି। ଓ୍ୱାରାଓ୍ୱାରା (୮୨)ଙ୍କ ଅତ୍ୟଧିକ ବୟସ ଓ ଅସୁସ୍ଥତାକୁ ବିଚାରକୁ ନେଇ ତାଙ୍କୁ ଜାମିନ ପ୍ରଦାନ କରାଯିବା ଆବଶ୍ୟକ ବୋଲି ଜଷ୍ଟିସ୍ ଏସ୍.ଏସ୍. ସିନ୍ଧେ ଏବଂ ମନୀଷ ପିଟାଲେଙ୍କ ଖଣ୍ଡପୀଠ କହିଥିଲେ।

ଜାମିନ ପ୍ରଦାନ ବେଳେ ଖଣ୍ଡପୀଠ ବିଚାରାଧୀନ ବନ୍ଦୀଙ୍କ ସାମ୍ବିଧାନିକ ଅଧିକାର ସମ୍ପର୍କିତ ୭ଟି ପ୍ରଶ୍ନକୁ ବିଚାରକୁ ନେଇଥିଲେ। ସେଗୁଡ଼ିକ ହେଲା, ଓ୍ୱାରାଓ୍ୱାରାଙ୍କୁ ଏଲ୍‌ଗାର ପରିଷଦ ମାମଲାରେ ଅଭିଯୁକ୍ତ କରାଯାଇଥିଲେ ହେଁ ଏନ୍‌ଆଇଏ କୋର୍ଟ ଦ୍ୱାରା ଏପର୍ଯ୍ୟନ୍ତ ଚାର୍ଜଫ୍ରେମ୍ ହୋଇନାହିଁ। ଅଭିଯୋଗ ପକ୍ଷ ୨୦୦ ସାକ୍ଷୀଙ୍କ ବୟାନ ଯାଞ୍ଚ କରିବାକୁ ଚାହାନ୍ତି। ଏଥିପାଇଁ କେତେ ଦିନ ଲାଗିବ ଓ କେବେ ବିଚାର ଶେଷ ହେବ, ତାହା କୁହାଯାଇପାରିବ ନାହିଁ। ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟଙ୍କ ରାୟର ଅବତାରଣା କରି ଖଣ୍ଡପୀଠ କହିଥିଲେ, ଜେଲ୍‌ରେ ଥିବା ବିଚାରାଧୀନ ବନ୍ଦୀଙ୍କୁ ସମ୍ବିଧାନର ଅନୁଚ୍ଛେଦ ୨୧ରେ ଥିବା ମୌଳିକ ଅଧିକାର ଗ୍ୟାରେଣ୍ଟିରୁ ବଞ୍ଚିତ କରାଯାଇପାରିବ ନାହିଁ।

ସ୍ୱତନ୍ତ୍ର ପରିସ୍ଥିତିରେ ଅଭିଯୁକ୍ତଙ୍କୁ ବାହାରକୁ ଯିବା ଲାଗି ଅନୁମତି ଦେବା ପାଇଁ ଜେଲ୍‌ର ୪ କାନ୍ଥକୁ ଭାଙ୍ଗିବାକୁ ପଡ଼ିପାରେ ବୋଲି ବମ୍ବେ ହାଇକୋର୍ଟ କହିଥିଲେ। ଜଣେ ଅସୁସ୍ଥ ବିଚାରାଧୀନ ବନ୍ଦୀଙ୍କୁ ଜାମିନରେ ଛଡ଼ା ନ ଗଲେ ତାଙ୍କ ଜୀବନ ବିପଦପୂର୍ଣ୍ଣ ହୋଇପାରେ। ବନ୍ଦୀଙ୍କୁ ଉପଲବ୍ଧ ହେଉଥିବା ଏଭଳି ଅଧିକାରକୁ ଉଚ୍ଛେଦ କରିବା ଲାଗି ☞ପୃଷ୍ଠା-୪


ଓ୍ୱାରାଓ୍ୱାରା ରାଓ

# ୪ ସପ୍ତାହ ମଧ୍ୟରେ ପ୍ରତି ଜବାବ ଦାଖଲ ଲାଗି ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ

## ସୁପ୍ରିମକୋର୍ଟରେ ପରୀ ହତ୍ୟା ମାମଲା

ନୂଆଦିଲ୍ଲୀ, ୨୨।୨

ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ପ୍ରତି ଜବାବ ସତ୍ୟପାଠ ମାଧ୍ୟମରେ ଦାଖଲ କରିବା ଲାଗି ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ଜୁଲାଇରେ ୫ ବର୍ଷର ଶିଶୁକନ୍ୟା ପରୀଙ୍କୁ ଅପହରଣ ପରେ ବଳାତ୍କାର ଓ ହତ୍ୟା କରାଯାଇଥିଲା। ମାମଲାର ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦେବା ପାଇଁ ପରୀଙ୍କ ମାଆ ସୌଦାମିନୀ ସାହୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ରେଜିଷ୍ଟ୍ରାର ରାଜେଶ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

୨୨ ବର୍ଷ ପରେ

## ଅଞ୍ଜନା କହିଲେ ଅନ୍ତରର କଷ୍ଟ

# ସିବିଆଇ ଷଡ଼ଯନ୍ତ୍ରକାରୀଙ୍କୁ ଖୋଜୁ

ଭୁବନେଶ୍ୱର, ୨୨।୨ (ବ୍ୟୁରୋ)

ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ ଗିରଫ ହେବା ପରେ ନିଜ ଅନ୍ତରର କଷ୍ଟକୁ ବଖାଣିଛନ୍ତି ନିଜେ ପୀଡିତା। ଖବରଦାତା ସମ୍ମିଳନୀରେ ଅଞ୍ଜନା କହିଛନ୍ତି, ଦୀର୍ଘ ୨୨ବର୍ଷ ହେବ ମୁଁ ମରି ମରି ବଞ୍ଚିଛି। ପ୍ରତି ମୁହୂର୍ତ୍ତରେ ମାନସିକ ସ୍ତରରେ ମୁଁ ଯନ୍ତ୍ରଣା ପାଉଛି। ଅଭିଯୁକ୍ତ ଓ ସମ୍ପୃକ୍ତ ଅନ୍ୟମାନେ ମୋତେ କେବେ ଶାନ୍ତିରେ ଏକାକୀ ଛାଡିନାହାନ୍ତି। ମୋତେ ଜୀବନରୁ ମାରିଦେବାକୁ ଚେଷ୍ଟା କରାଯାଇଛି। ମୋ ପାଟି ବନ୍ଦ କରିବାକୁ ଯଥା ସମ୍ଭବ ଉଦ୍ୟମ କରାଯାଇଛି। ମୁଁ ଯନ୍ତ୍ରଣା ସହିଛି, ହେଲେ ଡରିଯାଇନାହିଁ। କିଏ କହୁଥିଲା ବିବନ ମରିଯାଇଛି, କିଏ କହୁଥିଲା ତାଙ୍କୁ ଦେଶ ବାହାରକୁ ପଠାଇ ଦେଇଛନ୍ତି। ମୁଁ ଭାବି ନ ଥିଲି ସେ ଧରା ପଡିବ ବୋଲି। ହେଲେ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଅସମ୍ଭବକୁ ସମ୍ଭବ କରିଦେଲେ। ତେବେ ଗିରଫ ହୋଇଥିବା ଏମାନେ ସମସ୍ତେ ହେଲେ ମୋତେ ବଳାତ୍କାର କରିଥିବା ଅଭିଯୁକ୍ତ। ୟା' ପଛରେ ଥିବା ଷଡଯନ୍ତ୍ରକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଇନ୍ଦ୍ରଜିତ ରାୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନାମରେ ମୁଁ ଅଭିଯୋଗ କରିଥିଲି ସେମାନେ ହିଁ ଏପରି ଷଡ଼ଯନ୍ତ୍ର କରିଥିଲେ। ସେମାନଙ୍କ ବିରୋଧରେ କିଛି ହୋଇପାରିଲା ନାହିଁ। ସିବିଆଇ କିଛି ନ କରି ଚୁପ୍ ହୋଇଯାଇଥିଲା। ମୁଖ୍ୟ ଅଭିଯୁକ୍ତ ବିବନ ଧରାପଡିବା ପରେ ମୁଁ ଆଶା କରୁଛି ସିବିଆଇ ଏହା ପଛରେ ଲୁଚି ରହିଥିବା ଷଡଯନ୍ତ୍ରକାରୀଙ୍କୁ ଖୋଜି ବାହାର କରୁ। ତେବେ ବହୁତ ଡେରି ହୋଇଗଲା ବିବନଙ୍କୁ ଧରିବା। ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ.ବି. ପଟ୍ଟନାୟକ ବଞ୍ଚିଥିବା ସମୟରେ ବିବନ ଧରାପଡ଼ିଥିଲେ ଭଲ ହୋଇଥାନ୍ତା ବୋଲି କହିଛନ୍ତି ଅଞ୍ଜନା। ଅନ୍ୟପକ୍ଷେ ସୁଶ୍ରୀ କାନୁନ୍‌ଗୋ ବାରମ୍ବାର ମୋତେ ପାଟି ଚୁପ୍ କରି ବସିବାକୁ ଧମକ ଦେଉଥିଲେ ବୋଲି ଅଞ୍ଜନା କହିଛନ୍ତି। ସୁଶ୍ରୀଙ୍କ ସ୍ୱାମୀ ଆର୍ମିରେ ଥିବାରୁ ସେ ଯବାନମାନଙ୍କୁ ଲଗାଇ ମୋ ଘର ଓ ମୋ ଉପରକୁ ପଥର ଫିଙ୍ଗିଥିଲେ। ଏପରି ସ୍ଥିତି ହୋଇଥିଲା ମୁଁ ଘର ଛାଡିବାକୁ ବାଧ ହୋଇଥିଲି ବୋଲି ଅଞ୍ଜନା କହିବା ସହ କମିଶନର ସୁଧାଂଶୁ ଷଡଙ୍ଗୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ।

### ପୀଡ଼ିତାଙ୍କୁ ଦେଲେ ସାହସ

## 'ଭାଙ୍ଗି ନ ପଡ଼ି ଲଢ଼େଇ କର'

ଆମ ଦେଶରେ ଆଇନ ବ୍ୟବସ୍ଥା ବହୁତ କଷ୍ଟଦାୟକ। ଏହା ଏକ ଲମ୍ବା ପ୍ରକ୍ରିୟା। ଅପରାଧୀ ଦଣ୍ଡ ପାଇବା ସମୟ ମଧ୍ୟରେ ଆମ ସମାଜ ପୀଡିତାଙ୍କୁ ଏମିତି ନଜରରେ ଦେଖେ ଯେ କେହିବି ହେଲେ ମାନସିକ ସ୍ତରରେ ଭାଙ୍ଗିପଡିବ। ତେଣୁ ମୋର ସମସ୍ତଙ୍କୁ କହିବାର ଅଛି ଜୀବନରେ ଡର ନାହିଁ କି ଭାଙ୍ଗି ପଡନି। ନ୍ୟାୟ ପାଇଁ ଲଢେଇ କର ବୋଲି ଅଞ୍ଜନା ରାଜ୍ୟର ଅନ୍ୟ ପୀଡିତାଙ୍କୁ ସାହସ ଦେଇ ଏପରି କହିଛନ୍ତି।

"ସେ ସମୟରେ 'ଧରିତ୍ରୀ' ହିଁ ଏକମାତ୍ର ଗଣ ମାଧ୍ୟମ ଯିଏ ମୋ ସହ ଠିଆ ହୋଇଥିଲା। ମୋ ପାଇଁ ଲଢେଇ କରିଥିଲା। ଏଭଳି କର୍ତ୍ତବ୍ୟ ନିଷ୍ଠ ଗଣମାଧ୍ୟମ ରହିଲେ ବହୁତ ପୀଡିତା ନ୍ୟାୟ ପାଇବେ ।
–ଅଞ୍ଜନା ମିଶ୍ର

## '୨୨ ବର୍ଷ ମରି ମରି ବଞ୍ଚିଛି'



- ଜେ.ବି. ପଟ୍ଟନାୟକ ବଞ୍ଚିଥିଲେ ଭଲ ହୋଇଥାନ୍ତା
- ମୁଖ୍ୟମନ୍ତ୍ରୀ ଓ ପୋଲିସ କମିଶନରଙ୍କୁ ଧନ୍ୟବାଦ ଦେଲେ

## ଘଟଣାକ୍ରମ...

- ୧୯୯୯ ଜାନୁୟାରୀ ୯ ରାତି – ବାରଙ୍ଗ ନିକଟରେ ଅଞ୍ଜନାଙ୍କୁ କାର୍ ଭିତରେ ଗଣବଳାତ୍କାର
- ୧୯୯୯ ଜାନୁୟାରୀ ୧୦ – ପୀଡିତାଙ୍କ ଅଭିଯୋଗକ୍ରମେ କଟକ ମହିଳା ଥାନାରେ ମାମଲା
- ୧୯୯୯ ଜାନୁୟାରୀ ୧୧ – ସହଯୋଗୀ ଅଭିଯୁକ୍ତ ପ୍ରଦୀପ ସାହୁ ଓରଫ ପଦିଆ ଗିରଫ
- ୧୯୯୯ ଜାନୁୟାରୀ ୧୨ – ମାମଲାର ତଦନ୍ତ ଭାର ରାଜ୍ୟ କ୍ରାଇମବ୍ରାଞ୍ଚକୁ ଦିଆଗଲା
- ୧୯୯୯ ଜାନୁୟାରୀ ୨୫ – ଅନ୍ୟତମ ଅଭିଯୁକ୍ତ ଧୀରେନ୍ଦ୍ର ମହାନ୍ତି ଓରଫ ଟୁନିଆ ଗିରଫ
- ୧୯୯୯ ଫେବୃୟାରୀ ୨୬ – ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଆରମ୍ଭ କଲା ସିବିଆଇ
- ୧୯୯୯ ଏପ୍ରିଲ ୪ – ସିବିଆଇ ପକ୍ଷରୁ ଚାର୍ଜଶିଟ୍ ଦାଖଲ
- ୨୦୦୨ ଏପ୍ରିଲ ୨୯ – ଖୋର୍ଦ୍ଧା ଜିଲା ଦୌରା ଜଜ୍ ମହେନ୍ଦ୍ରନାଥ ପଟ୍ଟନାୟକ ପ୍ରଦୀପ ଓ ଧୀରେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଜା ଶୁଣାଇଲେ
- ୨୦୧୦ ଜୁନ୍ ୨୪ – ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ଗିରଫ କରି ନ ପାରିବାରୁ ସିବିଆଇର ବିଫଳତାକୁ ନେଇ ହାଇକୋର୍ଟଙ୍କ କ୍ଷୋଭ
- ୨୦୨୦ ଜାନୁୟାରୀ ୨୪ – ଚିକିତ୍ସାଧୀନ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଅଭିଯୁକ୍ତ ପଦିଆଙ୍କ ମୃତ୍ୟୁ
- ୨୦୨୧ ଫେବୃୟାରୀ ୧୮ – ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବାଦାମବାଡ଼ି ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍‌ର ମୁମ୍ବାଇ ଗସ୍ତ
- ୨୦୨୧ ଫେବୃୟାରୀ ୨୦ – ଓଡ଼ିଶା ପୋଲିସ ଓ ନଭି ମୁମ୍ବାଇ ପୋଲିସକୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ
- ୨୦୨୧ ଫେବୃୟାରୀ ୨୧ – ପୁଣେର ଆମ୍ବି ଭ୍ୟାଲିରୁ ମୁଖ୍ୟ ଅଭିଯୁକ୍ତ ବିବନଙ୍କୁ ଗିରଫ ପରେ ବିମାନରେ ଓଡ଼ିଶା ଅଣାଗଲା
- ୨୦୨୧ ଫେବୃୟାରୀ ୨୨ – ସାକ୍ଷୀମାନେ ଚିହ୍ନଟ ପରେ ବିବନଙ୍କୁ ଭୁବନେଶ୍ୱର ସିବିଆଇ କୋର୍ଟରେ ହାଜର, ଜାମିନ ନାମଞ୍ଜୁର ହେବାରୁ ଝାରପଡ଼ା ଜେଲ୍‌କୁ ପଠାଗଲା

## ମାମଲାର ଅନ୍ତରାଳେ...

ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ଇନ୍ଦ୍ରଜିତ ରାୟଙ୍କ ବଳାତ୍କାର ଉଦ୍ୟମର ଶିକାର ହୋଇ ନ୍ୟାୟ ଅପେକ୍ଷାରେ ଥିବା ଅଞ୍ଜନା ମିଶ୍ରଙ୍କୁ ୧୯୯୯ ଜାନୁୟାରୀ ୯ ରାତିରେ ଗଣବଳାତ୍କାର କରାଯାଇଥିଲା। ସାମ୍ବାଦିକ ବନ୍ଧୁଙ୍କ ସହ ଏକ କାର୍‌ରେ ଭୁବନେଶ୍ୱରରୁ କଟକ ଯାଉଥିବାବେଳେ ବାରଙ୍ଗ ନିକଟରେ ୩ଜଣ ଅଭିଯୁକ୍ତ ଗାଡ଼ି ଅଟକାଇବା ସହ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଅଞ୍ଜନାଙ୍କୁ ଗଣ ବଳାତ୍କାର କରିଥିଲେ। ସେ ସମୟରେ ଏହି ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ଏପରି କି ଏହି ଘଟଣାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏବଂ ତାଙ୍କ ବନ୍ଧୁ ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ଇନ୍ଦ୍ରଜିତ୍ ରାୟଙ୍କ ଭୂମିକାକୁ ନେଇ ଉଠିଥିଲା ଅନେକ ପ୍ରଶ୍ନ। ରାଜନୈତିକ ବିରୋଧ ଏଭଳି ସ୍ଥିତି ସୃଷ୍ଟି କଲାଯେ, ଶେଷରେ ଜାନକୀଙ୍କୁ ଇସ୍ତଫା ଦେବାକୁ ଦଳୀୟ ହାଇକମାଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଜାନକୀଙ୍କ ବଦଳରେ ଗିରିଧର ଗମାଙ୍ଗ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଅଞ୍ଜନାଙ୍କୁ ବଳାତ୍କାର କରିଥିବା ୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରଦୀପ ସାହୁ ଓରଫ ପଦିଆଙ୍କୁ ଜାନୁୟାରୀ ୧୧ରେ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅଭିଯୁକ୍ତ ଧୀରେନ୍ଦ୍ର ମହାନ୍ତି ଓରଫ ଟୁନିଆଙ୍କୁ ସେହିମାସ ୨୫ତାରିଖରେ ଗିରଫ କରାଯାଇଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇପାରି ନ ଥିଲା। ରାଜ୍ୟ ସରକାର ଉକ୍ତ ଘଟଣାର ତଦନ୍ତ ଦାୟିତ୍ୱ ପ୍ରଥମେ କ୍ରାଇମ୍‌ବ୍ରାଞ୍ଚକୁ ଦେଇଥିଲେ। ହେଲେ ଉକ୍ତ ଘଟଣାରେ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ସମ୍ପୃକ୍ତି ଥିବାରୁ ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଇଥିଲା। ସିବିଆଇ ଉକ୍ତ ମାମଲାର ତଦନ୍ତ ରିପୋର୍ଟ ସେହିବର୍ଷ ଏପ୍ରିଲ୍ ୧୪ରେ ହାଇକୋର୍ଟରେ ଦାଖଲ କରିବା ସହ ମୁଖ୍ୟ ଅଭିଯୁକ୍ତ ବିବନଙ୍କୁ ଫେରାର ଦର୍ଶାଇଥିଲା। ଉକ୍ତ ମାମଲାର ଶୁଣାଣି କରି ଖୋର୍ଦ୍ଧା ଜିଲା ଦୌରାଜଜ୍ ୨୦୦୨ ଏପ୍ରିଲ ୨୯ରେ ୨ ଅଭିଯୁକ୍ତ ଧୀରେନ୍ଦ୍ର ଏବଂ ପ୍ରଦୀପଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଦଣ୍ଡାଦେଶ ଶୁଣାଇଥିଲେ। ଇତିମଧ୍ୟରେ ପ୍ରଦୀପଙ୍କ ମୃତ୍ୟୁ ଘଟିଥିବାବେଳେ ଧୀରେନ୍ଦ୍ର ଏବେବି ଜେଲରେ ବନ୍ଦୀ ଜୀବନ କଟାଉଛନ୍ତି।



ଆଜୀବନ ଦଣ୍ଡାଦେଶ ପରେ ଦୋଷୀ ପ୍ରଦୀପ ସାହୁ ଏବଂ ଧୀରେନ୍ଦ୍ର ମହାନ୍ତିଙ୍କୁ ଜେଲକୁ ନିଆଯାଉଛି। (ଫାଇଲ ଫଟୋ)

## ବିବାଦରେ ପୂର୍ବତନ ଆଡ୍‌ଭୋକେଟ ଜେନେରାଲ

ଅଞ୍ଜନା ମିଶ୍ରଙ୍କ ସ୍ୱାମୀ ସୁବାସ ଚନ୍ଦ୍ର ମିଶ୍ର ଭାରତୀୟ ବନ ବିଭାଗ ସେବା ଅଧିକାରୀ ଥିଲେ। ପାରିବାରିକ ବିବାଦ କାରଣରୁ ଅଞ୍ଜନା ସ୍ୱାମୀଙ୍କ ଠାରୁ ଅଲଗା ରହୁଥିଲେ। ୧୯୯୭ ଜୁଲାଇ ୧୧ରେ ଅଞ୍ଜନା ତତ୍କାଳୀନ ଆଡ୍‌ଭୋକେଟ ଜେନେରାଲଙ୍କୁ ଭେଟିବାକୁ ଯାଇଥିଲେ। ସେହି ସମୟରେ ରାୟ ତାଙ୍କୁ ଶୟନ କକ୍ଷକୁ ଡାକି ବଳାତ୍କାର ଉଦ୍ୟମ କରିଥିବା ଅଞ୍ଜନା ଅଭିଯୋଗ କରିଥିଲେ। ହେଲେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ କିଛି ମହିଳା ସଂଗଠନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଘଟଣାର ଆପୋସ ସମାଧାନ କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ଅଞ୍ଜନା ପ୍ରତ୍ୟାଖ୍ୟାନ କରିଥିଲେ। ଏନେଇ ସେ କଟକ କ୍ୟାଣ୍ଟନମେଣ୍ଟ ଥାନାରେ ରାୟଙ୍କ ବିରୋଧରେ ଏତଲା ଦେଇଥିଲେ। ଅଞ୍ଜନା ମଧ୍ୟ ଅଭିଯୁକ୍ତ ରାୟଙ୍କୁ ମୁଖ୍ୟମନ୍ତ୍ରୀ ଘଣ୍ଟ ଘୋଡ଼ାଉଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ଏହାପରେ ସାଧାରଣରେ ରାୟଙ୍କ ଏଭଳି କାର୍ଯ୍ୟକଳାପକୁ ବିରୋଧ କରାଯିବାପରେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ପରେ ୨୦୦୦ ଫେବୃୟାରୀରେ ବଳାତ୍କାର ଉଦ୍ୟମ ଅଭିଯୋଗରେ ସିବିଆଇ କୋର୍ଟ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ହେଲେ ପରେ ସେ ଜାମିନ ପାଇଥିଲେ।




## ଯୋଗାଡ଼ ଚାଲିଥିଲା ବିବନଙ୍କ ମୃତ୍ୟୁ ପ୍ରମାଣପତ୍ର

ଘଟଣା ପରଠାରୁ ମୁଖ୍ୟ ଅଭିଯୁକ୍ତ ବିବନ ଫେରାର ହୋଇଯାଇଥିଲେ। ସିବିଆଇ ଦୀର୍ଘବର୍ଷ ଧରି ଖୋଜାଖୋଜି କରିବା ପରେ ପଳାତକ ଘୋଷଣା କରିଥିଲା। ହେଲେ ବର୍ଷ ବର୍ଷ ଧରି ତାଙ୍କର ଆଉ କିଛି ଖବର ନ ମିଳିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଚର୍ଚ୍ଚା ହୋଇଥିଲା। ଘଟଣା ସହ ରାଜନୈତିକ ଲିଙ୍କ୍ ଥିବାରୁ ତାଙ୍କୁ ମାରିଦିଆଯାଇଥିବା ମଧ୍ୟ ଶୁଣିବାକୁ ମିଳିଥିଲା। ଏହାକୁ ବିବନ ଆଉଏକ ସୁଯୋଗ ଭାବି ସତ୍ୟତାରେ ପରିଣତ କରିବା ପାଇଁ ଯୋଜନା କରିଥିଲେ। ସେ ନିଜ ପରିଚୟ ବଦଳାଇ ପୁଣେ ଆମ୍ବି ଭ୍ୟାଲିରେ ଜଳନ୍ଧର ସ୍ୱାଇଁ ନାମରେ ଚାକିରି କରିଥିଲେ। ବେଆଇନ ଭାବେ ଆଧାରକାର୍ଡ, ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଖୋଲିଥିଲେ। ନିଜକୁ ମୃତ ବୋଲି ପ୍ରମାଣ କରିବାକୁ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତାଙ୍କର ମୃତ୍ୟୁ ପ୍ରମାଣପତ୍ର କାଢିବାକୁ ଲାଗି ପଡିଥିଲେ।

### ପୀଡ଼ିତାଙ୍କୁ ନ୍ୟାୟ ମିଳିଥିବାରୁ ଖୁସି ଲାଗୁଛି



"ସତ୍ୟ ଦିନେ ନା ଦିନେ ପଦାକୁ ଆସିଥାଏ। ଦୀର୍ଘ ୨୨ବର୍ଷ ପରେ ଅଞ୍ଜନା ଗଣବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ହେବା ଶୁଣି ବହୁତ ଖୁସି ଲାଗୁଛି। ୨୦୧୦ରେ ଏହି ଘଟଣାର ଅପିଲ୍ ମୁଁ ଓ ଜଷ୍ଟିସ୍ ପରିଜା ଶୁଣୁଥିଲୁ। ଏଥିରେ ଦୁଇଜଣ ଗିରଫ ହୋଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିଲେ। ଏହା ଜାଣିବା ପରେ ମୁଁ କ୍ଷୋଭ ପ୍ରକାଶ କରିଥିଲି। ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପାଇଁ ମୁଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲି। ତେବେ ଏତେଦିନ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିବାରୁ ପୋଲିସକୁ ଧନ୍ୟବାଦ ଦେବି।
-ଜଷ୍ଟିସ୍ ଏ. ଏସ୍. ନାଇଡୁ, ପୂର୍ବତନ ବିଚାରପତି

### କମିଶନରେଟ ପୋଲିସର ଚମତ୍କାରିତା



"ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ତଦନ୍ତ କରି ବଳିଷ୍ଠ ସାକ୍ଷ୍ୟ ପ୍ରମାଣ ଯୋଗାଡ କରିଥିଲା। ଫଳରେ ସମ୍ପୃକ୍ତ ୨ ସହଯୋଗୀ ଅଭିଯୁକ୍ତଙ୍କୁ ଆଜୀବନ ସଜା ହୋଇଥିଲା। ହେଲେ ମୁଖ୍ୟ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରିବାକୁ ସମର୍ଥ ନ ହେବାରୁ ପଳାତକ ଘୋଷଣା କରିଥିଲା। ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଟିମ୍ ବେଶ୍ ଚମତ୍କାରିତା ଦେଖାଇଛି। ମୁଖ୍ୟ ଅଭିଯୁକ୍ତ ବିବନଙ୍କୁ ଗିରଫ ଘଟଣା ରାଜ୍ୟ ପୋଲିସ ଉପରେ ଲୋକଙ୍କ ଆସ୍ଥା ଭରସା ଓ ମନୋବଳ ବଢାଇଛି।
-ବିପିନ ବିହାରୀ ମିଶ୍ର, ଅବସରପ୍ରାପ୍ତ ଡିଜିପି

### କୋର୍ଟ ଟ୍ରାଏଲରେ ସାକ୍ଷୀ ପ୍ରମାଣ ଉପସ୍ଥାପନା ଗୁରୁତ୍ୱପୂର୍ଣ୍ଣ



"ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କମିଶନରେଟ ପୋଲିସ୍ ବେଶ୍ ପ୍ରଶଂସନୀୟ କାର୍ଯ୍ୟ କରିଛି। ହେଲେ ମାମଲାରେ ଯେଉଁମାନେ ସାକ୍ଷୀ ରହିଛନ୍ତି, ସେମାନେ ଯେପରି ପ୍ରଭାବିତ ନ ହେବେ ତାହା ପୋଲିସ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଦେବା ସହ ବଳିଷ୍ଠ ତଥ୍ୟ ପ୍ରମାଣ ଉପସ୍ଥାପନା କରି ଅଭିଯୁକ୍ତଙ୍କୁ ଉପଯୁକ୍ତ ଦଣ୍ଡ ଦେବା ପୋଲିସର ମୁଖ୍ୟ କାର୍ଯ୍ୟ।
-ଗୋପାଳ ଚନ୍ଦ୍ର ନନ୍ଦ, ଅବସରପ୍ରାପ୍ତ ଡିଜିପି

### ନ୍ୟାୟିକ ବ୍ୟବସ୍ଥା ଉପରେ ଆସ୍ଥା ବଢ଼ିବ



"୧୯୯୯ରେ ମୁଁ କଟକ ଏସ୍‌ପି ଥିବାବେଳେ ଅଞ୍ଜନା ଗଣବଳାତ୍କାର ଘଟଣାର ସୁପରଭିଜନ କରୁଥିଲି। ୨ଜଣଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ବିବନ ଫେରାର ଥିଲେ। କିନ୍ତୁ ଆଇନର ଲମ୍ବା ହାତରୁ କେହି ବର୍ତ୍ତିପାରିବେ ନାହିଁ। ବିବନଙ୍କୁ ଗିରଫ କରିଥିବାରୁ କମିଶନରେଟ ପୋଲିସକୁ ଶୁଭେଚ୍ଛା ଜଣାଉଛି। ୨ ଦଶନ୍ଧି ପରେ ମାମଲାର ବିଚାର କରି ଦଣ୍ଡ ବିଧାନ କରାଯିବା ନ୍ୟାୟିକ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ବଢାଇବ।
-ସତ୍ୟଜିତ ମହାନ୍ତି, ତତ୍କାଳୀନ ଏସ୍‌ପି ତଥା ରାଜ୍ୟ ଅଗ୍ନିଶମ ଡିଜି

### ପୀଡ଼ିତାଙ୍କ ମନରେ ଆଶା ସଞ୍ଚାର କରିଛି



"ଅଞ୍ଜନା ସହ ମୋର ୨୦ରୁ ୨୧ ବର୍ଷର ସୁସମ୍ପର୍କ। ତାଙ୍କୁ ଅସଦାଚାରଣ କରିଥିବା ଇନ୍ଦ୍ରଜିତ ରାଏଙ୍କୁ ୩ବର୍ଷ ଦଣ୍ଡ ସଜା ମିଳିଥିଲେ ମଧ ସେ ଜେଲ ନ ଯିବା ତାଙ୍କୁ ବହୁତ କଷ୍ଟ ଦେଇଥିଲା। ବଳାତ୍କାର ଶିକାର ହେବା ପରେ ମୁଖ୍ୟ ଅଭିଯୁକ୍ତ ଫେରାର ରହିବା ଆହୁରି କଷ୍ଟ ଦେଇଥିଲା। ଡେରିରେ ହେଉପଛେ ଅଭିଯୁକ୍ତ ବିବନ ଗିରଫ ହୋଇଥିବାରୁ ଅଞ୍ଜନାଙ୍କୁ ନ୍ୟାୟ ମିଳିଛି। ଏହା ନ୍ୟାୟ ଅପେକ୍ଷାରେ ଥିବା ବହୁ ପୀଡିତାଙ୍କ ମନରେ ଆଶା ସଞ୍ଚାର କରିଛି।
-ନମ୍ରତା ଚଢା, ସମାଜସେବିକା

### ଯେତେ ଚେଷ୍ଟା କଲେ ବି ଅପରାଧୀ ଖସିପାରିବ ନାହିଁ

"ଦୀର୍ଘ ୨୨ବର୍ଷ ଧରି ଫେରାର ଥିବା ଜଣେ ଅପରାଧୀଙ୍କୁ ଗିରଫ କରିବା ପୋଲିସ ପାଇଁ ଏକ ବଡ଼ ସଫଳତା। ଅପରାଧୀ ଯେତେ ଚେଷ୍ଟା କଲେ ମଧ ପୋଲିସ ହାତରୁ ଖସି ପାରିବେ ନାହିଁ। ସିବିଆଇ ଏତେ ବର୍ଷ ଧରି ଯେଉଁ କାମ କରିପାରି ନ ଥିଲା, ତାହା କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ କରି ଦେଖାଇଛି ।
- ଦେବାଶିଷ ପଣ୍ଡା, ବରିଷ୍ଠ ଆଇନଜୀବୀ

# ଅପରେଶନ 'ସାଇଲେଣ୍ଟ ଭାଇପର'

ଦୀର୍ଘଦିନ ଧରି କ୍ରାଇମବ୍ରାଞ୍ଚ, ସିବିଆଇ, ପୋଲିସ ନଜରରୁ ଖସି ପାତାଳ ପୁରରେ ରହିବା ଲୋକ କେବେବି ସାଧାରଣ ହୋଇପାରେନା। ଗଣବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତ ବିବନ ଅତି ଚତୁରତାର ସହିତ ପରିଚୟ ବଦଳାଇ ରାଜ୍ୟ ବାହାରେ ଲୁଚି ରହିଥିଲେ। ତାଙ୍କୁ ଧରିବା ପାଇଁ ତିନିମାସ ତଳେ କମିଶନରେଟ ପୋଲିସ ଆରମ୍ଭ କରିଥିଲା ଅପରେଶନ 'ସାଇଲେଣ୍ଟ ଭାଇପର' ବା 'ନୀରବ ବୋଡା ସାପ'। ଖୋଦ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏହି ଅପରେଶନ ପରିଚାଳନା କରିଥିଲେ। ଏହାକୁ ଶେଷ ରୂପ ଦେବା ପାଇଁ ୪ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏଥିରେ ସାମିଲ ଥିଲେ କଟକ ଡିସିପି ପ୍ରତୀକ ସିଂ, ଅତିରିକ୍ତ ଡିସିପି ପ୍ରମୋଦ ରଥ, ସ୍ପେଶାଲ ସ୍କ୍ୱାଡ୍ ଇନ୍ସପେକ୍ଟର ଅଜୟ କୁମାର ଦାସ ଓ ବାରଙ୍ଗ ଥାନା ଆଇଆଇସି ଶଶିକାନ୍ତ ରାଉତ। ଏମାନେ ଅପରେଶନ 'ସାଇଲେଣ୍ଟ ଭାଇପର' ମିଶନକୁ ସଫଳ କରିବାକୁ ଲାଗି ପଡିଥିଲେ। ମିଶନ ସମ୍ପର୍କରେ ଅନ୍ୟ କାହାକୁ ବି ସୂଚନା ଦିଆଯାଇ ନ ଥିଲା। ଚୁପ୍‌ଚାପ୍ ବିବନ ଓ ତାଙ୍କ ପରିବାର ସମ୍ପର୍କରେ ତଥ୍ୟ ଯୋଗାଡ଼ରେ ଲାଗି ପଡ଼ିଥିଲେ। ବିବନ ପୁଣେର ଆମ୍ବି ଭ୍ୟାଲିରେ ରହିବା ସହ ପରିଚୟ ବଦଳାଇ ଦେଇଥିଲେ। ସେଠାରୁ ନିୟମିତ ପରିବାର ଲୋକଙ୍କ ସହ କଥା ହେବା ସହ ନିଜ ପୁଅ ଆକାଉଣ୍ଟକୁ ଟଙ୍କା ପଠାଉଥିଲେ। ମଝିରେ କେତେଥର ନିଜ ଘରକୁ ଆସି ଥିବା ମଧ ଟିମ୍‌କୁ ସୂଚନା ମିଳିଥିଲା। ମୋବାଇଲ୍ ଫୋନ୍‌କୁ ଟ୍ରାକ୍ କରି ବିବନ ରହୁଥିବା ସ୍ଥାନକୁ ଠାବ କରାଯାଇଥିଲା। ତାଙ୍କର ସବୁ ତଥ୍ୟ ହାସଲ ପରେ ଆଉ ଏକ ଟିମ୍ ତାଙ୍କୁ ଧରିବା ପାଇଁ ପୁଣେ ଯାଇଥିଲା। ହେଲେ କେହି ଧରିପାରିବେ ନାହିଁ ବୋଲି ଭାବି ବିବନ ଖୁସିରେ ବୁଲୁଥିବାବେଳେ ବୋଡା ସାପ ଭଳି ଅଭିଯୁକ୍ତର ବେକ ଧରିପକାଇଥିଲା ଟିମ୍। ବିବନ ଗିରଫ ହେବା ପରେ କମିଶନରେଟ ପୋଲିସକୁ ଅର୍ଦ୍ଧ ସଫଳତା ମିଳିଛି। ବଳିଷ୍ଠ ତଥ୍ୟ ପ୍ରମାଣ ଯୋଗାଡ଼ କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲେ ପୋଲିସକୁ ପୂର୍ଣ୍ଣ ସଫଳତା ମିଳିବ ବୋଲି କମିଶନର ସୁଧାଂଶୁ ଷଡଙ୍ଗୀ କହିଛନ୍ତି।



ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ।

## ଆଜି ବୈଠକ ହୋଇପାରେ ରିମାଣ୍ଡ ନିଷ୍ପତ୍ତି

ରିମାଣ୍ଡରେ ଆସିବେ ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ। ଏନେଇ ମଙ୍ଗଳବାର ସିବିଆଇ ଓ କମିଶନରେଟ ପୋଲିସର ବୈଠକ ବସିବ। ଏହାପରେ ଅଭିଯୁକ୍ତ ବିବନଙ୍କୁ ରିମାଣ୍ଡରେ ନେବା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ସୂଚନା ଦେଇଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୨୧,୦୦,୦୬୬ | ୨୪,୮୦,୬୫୨ | ୮,୭୪,୯୩,୬୩୯ |
| ଭାରତ | ୧,୧୦,୦୯,୭୮୪ | ୧,୫୬,୪୭୦ | ୧,୦୭,୦୪,୫୯୦ |
| ଓଡ଼ିଶା | ୩,୩୬,୭୦୫ | ୧୯୧୪(+୫୩) | ୩,୩୪,୧୬୬ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଭିଏଲ୍-ଏସ୍ଆର୍ଏସ୍ଏମ୍ କ୍ଷେପଣାସ୍ତ୍ର ପରୀକ୍ଷଣ



ଭିଏଲ୍-ଏସ୍ଆର୍ଏସ୍ଏମ୍ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇଛି।

**ବାଲେଶ୍ୱର ଅଫିସ, ୨୨।୨**

ବାଲେଶ୍ୱର ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ୩ ନଂ. ଲଞ୍ଚ ପ୍ୟାଡ୍‌ରୁ ସୋମବାର ଅପରାହ୍ନ ୧ଟା ୨୮ ମିନିଟ୍ ସମୟରେ ଭର୍ଟିକାଲି ଲଞ୍ଚଡ୍ ଏସ୍ଆର୍ଏସ୍ଏମ୍ (ଭିଏଲ୍-ଏସ୍ଆର୍ଏସ୍ଏମ୍) କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହୋଇଛି। ଭୂପୃଷ୍ଠରୁ ଆକାଶମାର୍ଗକୁ ଉତ୍କ୍ଷେପଣ କରାଯାଇଥିବା ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୪୦ କିଲୋମିଟର ରହିଛି। ଆକାଶମାର୍ଗରେ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ଏହି ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଶତ୍ରୁପକ୍ଷର ଯେକୌଣସି ଯୁଦ୍ଧାସ୍ତ୍ରକୁ ଟାର୍ଗେଟ କରିପାରିବ ବୋଲି ଡିଆରଡିଓ ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଲଞ୍ଚପ୍ୟାଡ୍‌ର ଅଢ଼େଇ କିଲୋମିଟର ଦୂରତା ମଧ୍ୟରେ ଥିବା ବର୍ଦ୍ଧନପୁର ପାହି, ଜୟଦେବକସବା ପାହି, ସାହାଜନଗର ପାହି, କୁସୁମୁଳି, ଭୀମପୁର ଆଦି ଗ୍ରାମରୁ ୭୮୭ ପରିବାର ଓ ମତ୍ସ୍ୟଜୀବୀଙ୍କୁ ମିଶାଇ ପ୍ରାୟ ୮ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଛି। ୧୨ଘଣ୍ଟା ପାଇଁ ଲୋକଙ୍କୁ ଅସ୍ଥାୟୀ କ୍ୟାମ୍ପକୁ ନିଆଯାଇଥିବା ଜିଲା ଭୂ-ଅର୍ଜନ ଏବଂ ପୁନର୍ବସତି ବିଭାଗର ଜିଲା ଅଧିକାରୀ ତାପସ ସେଠୀ ସୂଚନା ଦେଇଛନ୍ତି। ଏନେଇ ପୂର୍ବରୁ ମଧ ସର୍ଭେ ହୋଇଥିଲା। ମଙ୍ଗଳବାର ସକାଳେ ଅସ୍ଥାୟୀ କ୍ୟାମ୍ପରେ ରହିଥିବା ଲୋକଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ପରିସ୍ଥିତି ଦେଖି ଲକ୍‌ଡାଉନ: ସ୍ୱାସ୍ଥ୍ୟମନ୍ତ୍ରୀ

- ଓଡ଼ିଶାରେ ମହାରାଷ୍ଟ୍ର ଷ୍ଟ୍ରେନ୍ ଏଯାଏ ଚିହ୍ନଟ ହୋଇନି
- ସଂକ୍ରମଣ ବଢ଼ିବା ଆଶଙ୍କା କଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ
- ସ୍କୁଲରେ କଟକଣା ନ ମାନିଲେ ଦଣ୍ଡ : ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ଓଡ଼ିଶାରେ କରୋନା ସଂକ୍ରମଣ ବଢ଼ିପାରେ। ବାହାରୁ ସଂକ୍ରମଣ ଆସିବା ସମ୍ଭାବନା ରହିଛି। ତେଣୁ ନିୟମ ମାନିଲେ ଏହା ବ୍ୟାପିବନି। କରୋନାର ନୂଆ ଷ୍ଟ୍ରେନ୍‌କୁ ନେଇ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଏପରି ଆଶଙ୍କା କରିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଏଯାଏ ମହାରାଷ୍ଟ୍ର ଷ୍ଟ୍ରେନ ଦେଖାଦେଇନି। ବର୍ତ୍ତମାନ ଓଡ଼ିଶାରେ ଦେଖାଦେଇଥିବା ଷ୍ଟ୍ରେନ ମହାରାଷ୍ଟ୍ରର ବୋଲି ମଧ ଆମେ କହିପାରିବା ନାହିଁ। ଭଦ୍ରକକୁ ଜଣେ ମହାରାଷ୍ଟ୍ରରୁ ଫେରିଛନ୍ତି। ତାଙ୍କ ଜିନମ ସିକ୍ୱେନ୍ସ ଆସିବା ପରେ ସେ କରୋନାର କେଉଁ ଷ୍ଟ୍ରେନରେ ଆକ୍ରାନ୍ତ ହୋଇଛନ୍ତି ତାହା ଜଣାପଡ଼ିବ। ଏଯାଏ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ଜିନମ ସିକ୍ୱେନ୍ସ କରିବା ପାଇଁ ସରକାର କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। କିନ୍ତୁ ବାହାର ଦେଶରୁ ଆସୁଥିବା ଲୋକଙ୍କ ଜିନମ ସିକ୍ୱେନ୍ସ ପରୀକ୍ଷା କରାଯାଉଛି। ବିମାନବନ୍ଦରରୁ ହିଁ ସେମାନଙ୍କ ପରୀକ୍ଷା ହେଉଛି। ସର୍ଭେଲାନ୍ସ ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି, ଆଗକୁ ଟେଷ୍ଟ ମଧ ବଢ଼ିବ ବୋଲି ଡା. ମିଶ୍ର କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ଆଶା କରୁଛି ମାର୍ଚ୍ଚରୁ ୫୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଟିକା ଦିଆଯିବ। ଏବେ କୋଭିଡ୍ ହସ୍ପିଟାଲ ବନ୍ଦ ଅଛି। ସଂକ୍ରମଣ ବଢ଼ିଲେ ଏହା ପୁଣି ଖୋଲିବ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ରାଜ୍ୟରେ ବହୁତ କଷ୍ଟରେ କରୋନା ନିୟନ୍ତ୍ରଣକୁ ଆସିଛି। ସମସ୍ତଙ୍କୁ କରୋନା କଟକଣା ମାନିବାକୁ ପଡ଼ିବ। ଯଦି ଜନସାଧାରଣ କୋଭିଡ୍ କଟକଣା ପାଳନ କରନ୍ତି, ତା'ହେଲେ ଆମକୁ ଆଉ ଲକ୍‌ଡାଉନ୍ କରିବାକୁ ପଡ଼ିବ ନାହିଁ। କିନ୍ତୁ ପରିସ୍ଥିତି ଯଦି ଖରାପ ହୁଏ, ତା'ହେଲେ ଲକ୍‌ଡାଉନ୍ ହୋଇପାରେ। ତେଣୁ କୋଭିଡ୍ ନିୟମ ମାନିବାକୁ ମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ଅପରପକ୍ଷରେ ସ୍କୁଲ୍, କଲେଜ ଖୋଲିସାରିଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଏବେ ଚିନ୍ତା ବଢ଼ିଛି। ସ୍କୁଲରେ କରୋନା ଯେପରି ନ ବ୍ୟାପେ ସେଥିନିମନ୍ତେ କଟକଣା କଡ଼ାକଡ଼ି ଭାବେ ପାଳନ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସେ କହିଛନ୍ତି, ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଚିଠି ଲେଖିଛନ୍ତି। ଏସ୍ଆର୍‌ସି ଜାରି କରିଥିବା ଗାଇଡ୍‌ଲାଇନ୍ ପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍କୁଲରେ ପାଠପଢ଼ା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। କଟକଣା ନ ମାନିଲେ ଗାଇଡ୍‌ଲାଇନ୍ ଅନୁସାରେ ଦଣ୍ଡିତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

TRUE VALUE
MARUTI SUZUKI
ବିକ୍ରୟ। କ୍ରୟ। ଭରସା।
True Value, pre-owned କାର କୁ କିଣିବା ଏବଂ ବିକ୍ରି କରିବାର ସବୁଠାରୁ ବଡ଼ ସ୍ଥାନ।


*T & C apply
Download the App here.
Images used are for illustration purposes only
SELL: AT HOME EVALUATION | DETAILED DIGITAL EVALUATION | AI BASED SCIENTIFIC PRICING ENGINE | HASSLE FREE DOCUMENTATION
BUY: 376 CHECK POINTS | VERIFIED CAR HISTORY | UP TO 1 YEAR WARRANTY & 3 FREE SERVICES* | HASSLE FREE DOCUMENTATION
For enquiry, call 1800 102 1800 | Visit www.marutisuzukitruevalue.com
TRUE VALUE CERTIFIED
**BHUBANESWAR:** Sky Automobiles: 9078080819, Jyote Motors: 7064499354, 7064499032, Narayani Motors: 7381000406, 7381093625 **PURI:** Narayani Motors: 7381000168 **PARADEEP:** Narayani Motors: 9583022097 **KEONJHAR/NAYAGARH/BALUGAON:** Jyote Motors: 7064499354 **CUTTACK:** Sky Automobiles: 9078080819 **JAJPUR:Jajpur,** Sky Automobiles: 9078080819.

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ
ମା' ଓ ଶିଶୁ ସାସ୍ଥ୍ୟ ପାଇଁ ସୁରକ୍ଷା କବଚ
DSPL - 210


୫ ବର୍ଷରେ ୭ ଥର
ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର
ଟୀକାକରଣ ସୂଚୀ

| ଟୀକାନେବା ସମୟ | ଟୀକାର ନାମ |
|---|---|
| ଯଥାଶୀଘ୍ର ଗର୍ଭଧାରଣ ପରେ* | ଟିଡି-୧ / ଟିଡି ବୁଷ୍ଟର # |
| ଟିଡି-୧ ନେବାର ୪ ସପ୍ତାହ ପରେ | ଟିଡି-୨ |
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫଆଇପିଭି-୧, ଆର୍‌ଭିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩, ଏଫଆଇପିଭି-୨, ଆର୍‌ଭିଭି-୩ |
| ୯-୧୨ମାସ | ଏମ୍ଆର୍-୧, ଭିଟାମିନ୍- 'କ', ***ଜେଇ-୧ ** |
| ୧୬-୨୪ମାସ | ଏମ୍ଆର୍-୨, ଭିଟାମିନ୍-'କ', ***ଡିପିଟି ବୁଷ୍ଟର-୧, ଓପିଭି-ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨# |
| ୧୦ ବର୍ଷ | ଟିଡି |
| ୧୬ ବର୍ଷ | ଟିଡି |

** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ ***ଭିଟାମିନ୍-କ ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ମାସ ବ୍ୟବଧାନରେ ଦିଆଯାଏ
*ଗର୍ଭ ଧାରଣର ୧୨ ସପ୍ତାହ ମଧ୍ୟରେ #ଯଦି ଗତ ୩ ବର୍ଷ ଭିତରେ ଟିଟି/ଟିଡି ଟିକାର ଦୁଇଟି ମାତ୍ରା ନେଇଥିବେ।
ଟୀକାକରଣ ସମୟରେ କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ କରନ୍ତୁ
- ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ।
- ମାସ୍କ ବ୍ୟବହାର କରନ୍ତୁ।
- ସାମାଜିକ ଦୂରତା ବଜାୟ ରଖନ୍ତୁ।
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ।


OIPR-10003/13/0059/2021
ଅଧିକ ସୂଚନା ପାଇଁ ଆଶା/ଅଙ୍ଗନୱାଡି ଦିଦି କିମ୍ବା ସାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ।
facebook.com/HFWOdisha | http://www.health.odisha.gov.in/ | @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

Silver Sponsor SBI
Organised by G S MARKETING ASSOCIATES
CREDAI BHUBANESWAR
Presents
17th Home & Decor
Exclusive Exhibition on Real Estate, Housing Finance & Allied Industry

19th Feb ▸ 1st Mar, 21
12 Noon - 8 PM
Janta Maidan
For Entry to the Home & Decor & IIMTF at Janta Maidan-
* For cars, the entry & exit is through **Gate No.1** only (Opp. Sandy Towers Hotel)
* For walking visitors, the Entry & exit is through **Gate No.2** only (on Jaidev Vihar Road)
17th India International
Mega Trade Fair
- International Standard
- Many AC Pavilions
- 3 Lakh Sq.ft.
- Over 50 Thousand Unique products
- 9 Countries
- 19 States

Segments:
- International • Lifestyle
- Electronics • Food Products
- Health & Beauty
- Government & PSU
- Handicrafts & Handlooms

Visit the original IIMTF and Home & Decor in Bhubaneswar since 2003
TWO FAIRS...ONE DESTINATION
LEADING FAIRS IN BHUBANESWAR
Partner Country: **Bangladesh**
Focus Countries: **Afghanistan & Iran**
Partner State: **Bihar**
Host State: **Odisha**


Sponsor BODY LINE | Healthcare Partner AMRI HOSPITALS | In Association with UCCI | Food Partner | Organised by BCC&I, G S MARKETING ASSOCIATES
Buy E-Tickets from BookMyShow or BookMyFair app.
For any query, kindly contact: +919821192053.

**ଆଜିର ମନ୍ତବ୍ୟ**

"ପରିବର୍ତ୍ତନ ପାଇଁ ପଶ୍ଚିମବଙ୍ଗବାସୀ ସ୍ଥିର କରିସାରିଲେଣି। ଏଠାରେ ଯୁବଗୋଷ୍ଠୀ ଚାହୁଁଥିବା ଅସଲ ପରିବର୍ତ୍ତନ ପଦ୍ମ ହିଁ ଆଣିପାରିବ।"
—ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ସିଲାରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ସ୍ୱାସ୍ଥ୍ୟ, ଭିତ୍ତିଭୂମି,...

ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୩.୫ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ରାଜ୍ୟର ଟିକସ ଜିଏସ୍‌ଡିପିର ୬.୪ ପ୍ରତିଶତ ରହିବା ବେଳେ ଋଣଭାର ୨୦.୯ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ସେହିପରି ୨୦୨୧-୨୨ରେ ରାଜସ୍ୱ ବଳକା ୨,୩୩୬ କୋଟି ଟଙ୍କା ରହିବା ବେଳେ ବିତ୍ତୀୟ ନିୟଣ୍ଟ ଜିଏସ୍‌ଡିପିର ୩.୫ ପ୍ରତିଶତ ରହିବା ନେଇ ବଜେଟରେ ଅନୁମାନ ଲଗାଯାଇଛି। ୨୦୧୯-୨୦ରେ ରାଜ୍ୟର ଅଭିବୃଦ୍ଧି ୪.୯୨ ପ୍ରତିଶତ ଥିବା ବେଳେ ୨୦୨୦-୨୧ରେ ୫.୨୧ ପ୍ରତିଶତ ହୋଇଛି। କରୋନା ମହାମାରୀ ଯୋଗୁ ରାଜ୍ୟର ରାଜସ୍ୱ ଆଦାୟ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ଏହା ସତ୍ତ୍ୱେ ରାଜ୍ୟ ସରକାର ଆସନ୍ତା ବଜେଟର ଆକାରକୁ ଗତ ବଜେଟ ତୁଳନାରେ ପ୍ରାୟ ୧୩.୩୩ ପ୍ରତିଶତ ବୃଦ୍ଧି କରିଛନ୍ତି। ବଜେଟରେ ପାନୀୟ ଜଳ ଯୋଗାଣ, କୃଷି କ୍ଷେତ୍ର, ଜଳସେଚନ, ଶିଳ୍ପ, ଭିତ୍ତିଭୂମି, ପର୍ଯ୍ୟଟନ, ଦକ୍ଷତା ବିକାଶ ଓ କ୍ରୀଡ଼ା କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଛି। ଚଳିତ ବର୍ଷ ବଜେଟରେ କୌଣସି ନୂତନ ଯୋଜନାକୁ ସାମିଲ କରାଯାଇ ନାହିଁ। ଏଥିରେ ୮୫ ହଜାର କୋଟି ପ୍ରଶାସନିକ ଖର୍ଚ୍ଚ ନିମନ୍ତେ ବ୍ୟୟବରାଦ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ବାବଦକୁ ୭୫ ହଜାର କୋଟି, ବିପର୍ଯ୍ୟୟ ପ୍ରଶମନ ପାଇଁ ୩ ହଜାର ୫୦ କୋଟି ଏବଂ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ୬ ହଜାର ୯୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷ ପାଇଁ ପୁଞ୍ଜି ବ୍ୟୟ ଅଟକଳ ୨୫ ହଜାର କୋଟି କରାଯାଇଛି, ଯାହା କି ଜିଏସ୍‌ଡିପିର ୪.୪ ପ୍ରତିଶତ। ଏହା ଛଡ଼ା ରାଜ୍ୟ ସରକାର ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି), ଜିଲା ଖଣିଜ ଫାଉଣ୍ଡେଶନ(ଡିଏମ୍‌ଏଫ୍) ରାଜ୍ୟ ଉଦ୍ୟୋଗଗୁଡ଼ିକରୁ ୮ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଗତ ବଜେଟ ତୁଳନାରେ ଏହି ବଜେଟରେ ରାଜ୍ୟ ସରକାର ୧୯ ହଜାର ୩୪୫ କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ଏବଂ କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦରେ ୧ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

ବଜେଟ ଖର୍ଚ୍ଚ ତୁଲାଇବାକୁ ରାଜ୍ୟ ସରକାର ରାଜସ୍ୱ କ୍ଷେତ୍ରରୁ ୧,୨୫,୬୦୦ କୋଟି ଟଙ୍କା ଏବଂ ଋଣ ଓ ଅନ୍ୟାନ୍ୟ କ୍ଷେତ୍ରରୁ ୪୪ ହଜାର ୪୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟର ନିଜସ୍ୱ ଟିକସରୁ ରାଜ୍ୟ ସରକାର ୩୭,୫୦୦ କୋଟି, ଅଣଟିକସରୁ ୨୦ ହଜାର କୋଟି, କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶଧନ ୩୦,୧୩୭ କୋଟି ଏବଂ ଜିଏସ୍‌ଟି କ୍ଷତିପୂରଣ ବାବଦରେ ୩୭,୯୬୩ କୋଟି ଟଙ୍କା ପାଇବା ନେଇ ବଜେଟରେ ଆକଳନ କରାଯାଇଛି। ରାଜ୍ୟର ଋଣଭାର ୧ ଲକ୍ଷ ୨୫୯୩ କୋଟି ଥିବା ବେଳେ ୨୦୨୧ ମାର୍ଚ୍ଚ ସୁଦ୍ଧା ୧ ଲକ୍ଷ ୬ ହଜାର ୫୪୦ କୋଟିରେ ପହଞ୍ଚିବ। ସେହିପରି ରାଜ୍ୟର ଋଣ ଭାର ୨୦୨୨ ମାର୍ଚ୍ଚ ସୁଦ୍ଧା ୧ ଲକ୍ଷ ୨୫ ହଜାର କୋଟିକୁ ଛୁଇଁବ ବୋଲି ଆକଳନ କରାଯାଇଛି। କୋଭିଡ୍ ଯୋଗୁ ରାଜ୍ୟର ଅର୍ଥନୀତିରେ ମାନ୍ଦାବସ୍ଥା ଆସିଥିଲା। ଏବେ ତାହା ଧୀରେ ଧୀରେ ପୂର୍ବସ୍ଥିତିକୁ ଫେରୁଛି। ରାଜ୍ୟର ଅଭିବୃଦ୍ଧି ହେବା ସହ ନୂତନ ଓଡ଼ିଶା ପୁଣିଥରେ ଫେରିବ ବୋଲି ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ ସୂଚନା ଦେଇଛନ୍ତି।

ବଜେଟରେ କୃଷିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାର କୃଷି ବଜେଟରେ ୧୭,୪୬୯ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। କୃଷି ବଜେଟ ଉପସ୍ଥାପନ କରି ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା କୃଷିଭିତ୍ତିକ ଅର୍ଥନୀତି। ରାଜ୍ୟର ପ୍ରାୟ ୫୦ ପ୍ରତିଶତ ନିଯୁକ୍ତି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ହୋଇଥାଏ। ରାଜ୍ୟର ଅଭିବୃଦ୍ଧିରେ ଏହା ୨୧ ପ୍ରତିଶତ ଯୋଗଦାନ ରହିଛି। ରାଜ୍ୟ ସରକାର ଜୈବିକ କୃଷି (ଅର୍ଗାନିକ ଫାର୍ମିଂ)କୁ ପ୍ରାଥମିକତା ଦେଉଛନ୍ତି। ରାଜ୍ୟରେ ୨୦,୮୦୦ ହେକ୍ଟର ଜମିରେ ଜୈବିକ ଚାଷ କରାଯାଉଛି। ପରମ୍ପରାଗତ କୃଷି ଯୋଜନା ପାଇଁ ସରକାର ୩୫ କୋଟି ବ୍ୟୟବରାଦ କରିଛନ୍ତି। ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ବଜେଟରେ ୧୨ ହଜାର କୋଟି ଟଙ୍କା ବ୍ୟବସ୍ଥା କରିଥିବା ବେଳେ କୃଷକମାନଙ୍କୁ ସହାୟତା ଦେବା ଲାଗି କାଳିଆ ଯୋଜନାରେ ୧,୮୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ସେହିପରି କୋଭିଡ୍-୧୯ ପରବର୍ତ୍ତୀ ସମୟରେ ଲୋକମାନଙ୍କ ଜୀବନଜୀବିକା ବଞ୍ଚାଇବାକୁ ବଜେଟରେ ଭରପୂର ପ୍ରୟାସ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପାଇଁ ୧,୪୧୫ କୋଟି ଏବଂ ଗ୍ରାମାଞ୍ଚଳରେ ପକ୍କାଘର ଯୋଗାଇ ଦେବାକୁ ୨୦୦୧ କୋଟି ବରାଦ କରାଯାଇଛି। ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୦୧ କୋଟି, ଅବଢ଼ା ଯୋଜନା ପାଇଁ ୫୪୨ କୋଟି, ଏଆଇବିପି ପ୍ରକଳ୍ପଗୁଡ଼ିକ ପାଇଁ ୨,୨୫୮ କୋଟି, ବିଜୁ କୃଷକ ବିକାଶ ଯୋଜନା ପାଇଁ ୪୦୦ କୋଟି, ମଧୁବାବୁ ପେନ୍‌ସନ ଯୋଜନା ପାଇଁ ୧,୫୦୯ କୋଟି, ଅତିରିକ୍ତ ପୁଷ୍ଟିକରଣ ଯୋଜନା ପାଇଁ ୧,୧୧୩ କୋଟି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ୫୦୦ କୋଟି, ଏସ୍‌ଟି ଓ ଏସ୍‌ସି ଛାତ୍ରୀଛାତ୍ରଙ୍କ ପାଇଁ ୯୦୩ କୋଟି , ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ୧୮୦ କୋଟି, ବିଧାୟକ ଉନ୍ନୟନ ପାଣ୍ଠି ବାବଦରେ ୪୪୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପାଇଁ ୮୬୦ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯାଇଥିବା ବେଳେ ବ୍ଲୁ ରିଭୋଲ୍ୟୁଶନ ପାଇଁ ୧୬୧ କୋଟି, ଶସ୍ୟଋଣ ବାବଦ ସୁଧ ପାଇଁ ୮୧୯ କୋଟି, ମମତା ଯୋଜନା ପାଇଁ ୨୭୯ କୋଟି, ଏକାମ୍ର କ୍ଷେତ୍ର ପାଇଁ ୨୦୦ କୋଟି ଏବଂ ସମଲେଶ୍ୱରୀ ମନ୍ଦିର ବିକାଶ ପାଇଁ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଉରକେଲା ହକି ଷ୍ଟାଡିୟମ ପାଇଁ ୯୦ କୋଟି ବ୍ୟୟବରାଦ କରାଯାଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଏୟାର ଷ୍ଟ୍ରିପ୍‌ଗୁଡ଼ିକର ବିକାଶ ପାଇଁ ୧୦୦ କୋଟି ବ୍ୟୟବରାଦ କରାଯାଇଛି।

ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସରକାର ପ୍ରାଥମିକତା ଦେଇଛନ୍ତି। ଏଥିପାଇଁ ବଜେଟରେ ୯,୧୬୪ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହାକି ଗତ ବଜେଟ ତୁଳନାରେ ୧୯% ଅଧିକ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୧,୩୫୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏସ୍‌ସିବି ମେଡିକାଲ କଲେଜକୁ ଏକ୍ସପ୍ଲସ୍ କରିବାକୁ ଚଳିତ ବଜେଟରେ ୫୦୦ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୧,୫୭୨ କୋଟି, ମାଗଣାରେ ଔଷଧ ଯୋଗାଇ ଦେବାକୁ ୬୦୦ କୋଟି ବ୍ୟୟବରାଦ କରାଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ ରାଜ୍ୟ ସରକାର ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଛନ୍ତି। କୋଭିଡ୍ ଯୋଗୁ ଜୀବନ ଜୀବିକା ହରାଇଥିବା ଶ୍ରମିକଙ୍କ ପାଇଁ ସରକାର ସହରୀ ଶ୍ରମ ନିଯୁକ୍ତି ଯୋଜନା-ମୁକ୍ତା ଆରମ୍ଭ କରିଛନ୍ତି। ଏଥିପାଇଁ ବଜେଟରେ ୧୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗୁଣାତ୍ମକ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ବଜେଟରେ ୨୪ ହଜାର ୩୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ସକାଶେ ୧,୭୯୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟରେ ୩୦ଟି ପୋଲ, ୨ଟି ରେଳ ଓଭରବ୍ରିଜ ଏବଂ ୧ ହଜାର କିଲୋମିଟର ରାସ୍ତା ନିର୍ମାଣ ହେବ। ଏଥିପାଇଁ ବଜେଟରେ ୨,୨୯୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ କଟକ ବସ୍ ଟର୍ମିନାଲ ପାଇଁ ୧୦୦ କୋଟି ଟଙ୍କା ଲେଖାଏ ବରାଦ କରାଯାଇଛି। ନ୍ୟାୟ ପ୍ରଦାନ, ଆଭ୍ୟନ୍ତରୀଣ ସୁରକ୍ଷା, ଅଗ୍ନି, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ବଜେଟରେ ୬,୪୨୪ କୋଟି ବ୍ୟବସ୍ଥା ହୋଇଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ୪୬୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ କୋଭିଡ୍ ସମୟର ସହାୟତା ପାଇଁ ୨୮୯କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ଐତିହ୍ୟର ବିକାଶ ପାଇଁ ୧୩୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ବିଧାନସଭାରେ ପେପରଲେସ୍ ବଜେଟ କରି ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ହୋଇପାରିଛି। ଏହାଦ୍ୱାରା ସରକାର ୧.୫ କୋଟି ପୃଷ୍ଠା କାଗଜ ବଞ୍ଚାଇବା ସହ ୨ ହଜାର ବଡ ଗଛକୁ ସୁରକ୍ଷା ଦେଇପାରିଛନ୍ତି।

## ୨୨ବର୍ଷର ଲୁଚକାଳି...

ଅଟକାଇ ମାରଣାସ୍ତ୍ର ଦେଖାଇବା ସହ ଗଣବଳାତ୍କାର କରିଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପ୍ରଦୀପ ସାହୁ ଓରଫ ପଦିଆ ଏବଂ ଧୀରେନ୍ଦ୍ର ମହାନ୍ତି ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ପାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ ଫେରାର ଥିଲେ। ଉକ୍ତ ଘଟଣାର ତଦନ୍ତ ସିବିଆଇ କରୁଥିଲେ ମଧ୍ୟ ବିବନଙ୍କୁ ଗିରଫ କରିବାରେ ସଫଳ ହୋଇପାରି ନ ଥିଲା। ଶେଷରେ କମିଶନରେଟ୍ ପୋଲିସ ଅପରେଶନ୍ 'ସାଇଲେଣ୍ଟ ଭାଇପର' ମାଧ୍ୟମରେ ମହାରାଷ୍ଟ୍ର ଆମ୍ବିଭ୍ୟାଲିରୁ ତାଙ୍କୁ ଗିରଫ କରିଥିଲା। ବିବନ ଦୀର୍ଘଦିନ ହେବ ସେଠାରେ ପରିଚୟ ବଦଳାଇ ଏକ କମ୍ପାନୀରେ ପାଣି ପାଇପ ମିସ୍ତ୍ରିଭାବେ କାର୍ଯ୍ୟ କରୁଥିଲେ। ନିଜକୁ ଜଳନ୍ଧର ସ୍ୱାଇଁ ଭାବେ ପରିଚୟ ଦେଇ ସେଠାରେ ରହୁଥିଲେ। ଏନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ପୋଲିସ କମିଶନର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ୪ଜଣିଆ ସ୍ପେଶାଲ ଟିମ୍ ମହାରାଷ୍ଟ୍ର ପୁଣେ ଆମ୍ବିଭ୍ୟାଲି ଯାଇ ବିବନଙ୍କୁ କାବୁ କରିଥିଲା। ଅଞ୍ଜନା ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ୨ଜଣଙ୍କ ମଧ୍ୟରୁ ପ୍ରଦୀପଙ୍କ ଗତବର୍ଷ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଅନ୍ୟତମ ଅଭିଯୁକ୍ତ ଧୀରେନ୍ଦ୍ରଙ୍କୁ ୩ମାସ ତଳେ ସିପି ଷଡ଼ଙ୍ଗୀ ଚୌଦ୍ୱାର ଜେଲ୍‌ରେ ଭେଟିଥିଲେ। ସେଠାରେ ଧୀରେନ୍ଦ୍ରଙ୍କ ସହଯୋଗୀ ବିବନଙ୍କୁ ଭିକେ(ବାରଙ୍ଗ କିଙ୍ଗ) ନାରେ ଡାକୁଥିବା ଜାଣିବାକୁ ପାଇଥିଲେ। ଏହାପରେ ମୁଖ୍ୟ ଅଭିଯୁକ୍ତ ବିବନଙ୍କୁ ଧରିବା ପାଇଁ 'ସାଇଲେଣ୍ଟ ଭାଇପର' ନାମକ ଏକ ଅପରେଶନ୍ ଆରମ୍ଭ କରାଯାଇଥିଲା। କଟକ ଡିସିପି ପ୍ରତୀକ ସିଂ, ଅତିରିକ୍ତ ଡିସିପି ପ୍ରମୋଦ ରଥ, ଇନ୍ସପେକ୍ଟର ସ୍ପେଶାଲ ସ୍କ୍ୱାଡ୍ ଅଜୟ କୁମାର ଦାସ ଏବଂ ବାରଙ୍ଗ ପୋଲିସ ଷ୍ଟେଶନ ଆଇଆଇସି ଶଶିକାନ୍ତ ରାଉତଙ୍କୁ ନେଇ ଏକ ୪ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। କମିଶନର ବ୍ୟକ୍ତିଗତ ଭାବେ ଏହି ଅପରେଶନର ତଦାରଖ କରିଥିଲେ। ତେବେ ତଦନ୍ତରୁ ମୁଖ୍ୟ ଅଭିଯୁକ୍ତ ବିବନ ମୁମ୍ବାଇ-ପୁଣେ ରାସ୍ତାରେ ଲୋନାଭାଲାର ଆମ୍ବିଭ୍ୟାଲିରେ ନାମ ପରିବର୍ତ୍ତନ କରି ଜଳନ୍ଧର ସ୍ୱାଇଁ ଭାବେ ରହୁଛନ୍ତି ବୋଲି ଟିମ୍ ଜାଣିବାକୁ ପାଇଥିଲା। ସେ ୨୦୦୭ରୁ ସେଠାରେ ରହୁଥିବାବେଳେ ୨୦୧୧ରୁ ସ୍ଥାୟୀ ନିଯୁକ୍ତି ପାଇଛନ୍ତି। ଏମିତିକି ବିବନ ସେଠାରେ ନୂଆ ନାମରେ ସ୍ଥାୟୀ ଚାକିରି, ବ୍ୟାଙ୍କ ଆକାଉଣ୍ଟ ଓ ଆଧାର କାର୍ଡ ମଧ୍ୟ ଖୋଲି ସାରିଥିଲେ। ଚତୁରତାର ସହିତ ପୋଲିସ ଆଖିରେ ଧୂଳି ଦେଇ ବିବନ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗରେ ଥିଲେ। ଏପରି କି ଅନ୍ୟମାନଙ୍କ ମାଧ୍ୟମରେ ପରିବାରକୁ ସୂଚନା ପଠାଇବା ସହ ଟଙ୍କା ମଧ୍ୟ ଦେଉଥିଲେ। ବିବନ ନିଜ ନାମରେ ମୃତ୍ୟୁ ପ୍ରମାଣପତ୍ର କାଢ଼ିବାକୁ ପରିବାର ଲୋକଙ୍କୁ ବାରମ୍ବାର ବାଧ୍ୟ କରୁଥିଲେ। ସେ କାମ କରୁଥିବା କମ୍ପାନୀରେ ନିଜ ସ୍ଥାୟୀ ଠିକଣା ନରଣପୁର ଉଲ୍ଲେଖ କରିଥିଲେ। ଏହା ଜାଣିବା ପରେ ଟିମ୍ ଭୂ-ଲେଖରେ ଖୋଜିବାରୁ ଜଳନ୍ଧର ସ୍ୱାଇଁ ନାମରେ କେହି ନରଣପୁର ଅଞ୍ଚଳରେ ରହୁ ନ ଥିବା ଜାଣିବାକୁ ମିଳିଥିଲା। ଏହାପରେ ବିବନ ବିଶ୍ୱାଳ ହିଁ ଜଳନ୍ଧର ବୋଲି ବିଶ୍ୱାସ ଦୃଢ଼ୀଭୂତ ହୋଇଥିଲା। ଏନେଇ ବାଦାମବାଡ଼ି ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଫେବୃଆରୀ ୧୯ରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିଥିଲା। ସେଠାରେ ପୁଣେ ଗ୍ରାମୀଣ ପୋଲିସର ଏସ୍‌ପି ଅଭିନାଭ ଦେଶମୁଖ୍ ଏବଂ ଏଏସ୍‌ପି ନବନୀତ କାନୱାଟଙ୍କ ସମର୍ଥନରେ ଜଳନ୍ଧରଙ୍କୁ ଖୋଜିବା ପାଇଁ ଓଡ଼ିଶା ପୋଲିସ ଏବଂ ମହାରାଷ୍ଟ୍ର ପୋଲିସର ଏକ ମିଳିତ ଟିମ୍ ଗଠନ କରାଯାଇଥିଲା। ଜଳନ୍ଧର ଆମ୍ବିଭ୍ୟାଲିଠାରୁ ପ୍ରାୟ ୨.୫ କିଲୋମିଟର ଦୂରରେ ଅବସ୍ଥିତ ଏକ ଘରେ ରହୁଥିବା ଜାଣିବାକୁ ମିଳିଥିଲା। ପୋଲିସ ତାଙ୍କୁ ଧରିବା ପାଇଁ ସାଦା ପୋଷାକରେ ସେଠାକୁ ଯାଇଥିଲା। ତେବେ ବିବନ ସାଧା ପୋଷାକରେ ଥିବା ପୋଲିସକୁ ଦେଖି ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ପୋଲିସ ତାଙ୍କୁ ମାଡି ବସିଥିଲା। ପୋଲିସ ତାଙ୍କୁ କାବୁ କରି ଓଡ଼ିଶା ଆଣିବାପରେ ତାଙ୍କୁ ସାକ୍ଷୀମାନେ ଚିହ୍ନଟ କରିଥିଲେ। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ସିବିଆଇକୁ ସୂଚନା ପଠାଯାଇଛି ବୋଲି କମିଶନର କହିଛନ୍ତି। ଏଥିସହ ସେ କହିଛନ୍ତି ଯେ, ଅଭିଯୁକ୍ତ ବିବନଙ୍କ ଗିରଫ ପାଇଁ ଘୋଷିତ ପୁରସ୍କାର ରାଶିକୁ 'ସାଇଲେଣ୍ଟ ଭାଇପର' ଅପରେଶନରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ପୁରସ୍କାର ଆକାରରେ ଦେବାକୁ କମିଶନରେଟ୍ ପୋଲିସ ସିବିଆଇକୁ ଚିଠି ଲେଖିବ ବୋଲି ସିପି ଷଡ଼ଙ୍ଗୀ କହିଛନ୍ତି।

## ୪ ସପ୍ତାହ ମଧ୍ୟରେ...

କୁମାର ଗୋଏଲ୍ ଭିଡିଓ କନ୍‌ଫରେନ୍ସ ଜରିଆରେ ମାମଲାର ଶୁଣାଣି କରିବା ପରେ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୫କୁ ଧାର୍ଯ୍ୟ କରିଛନ୍ତି। ରେଜିଷ୍ଟ୍ରାରଙ୍କ କୋର୍ଟରେ କାଉଣ୍ଟର ଆଫିଡେଭିଟ୍ ଏବଂ ପ୍ରତିଜବାବ ଦାଖଲ ସମ୍ପୂର୍ଣ୍ଣ ହେବା ପରେ ବିଚାରପତି ମାମଲାର ଶୁଣାଣି କରିବେ ବୋଲି ଆବେଦନକାରୀଙ୍କ ପକ୍ଷର ଓକିଲ ସ୍ୱସ୍ତିକ୍ ଦଳାଇ କହିଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନୱିଲ୍‌କର, ବି.ଆର୍. ଗଭାଇ ଏବଂ କ୍ରିଷ୍ଣ ମୁରାରୀଙ୍କ ଖଣ୍ଡପୀଠ ଜାନୁୟାରୀ ୧୩ରେ ସିବିଆଇ ଏବଂ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ଜବାବ ମାଗିଥିଲେ। ନୟାଗଡ଼ର ଯଦୁପୁରରେ ଗତବର୍ଷ ନାବାଳିକା ପରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହାର ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ପରୀଙ୍କ ମାଆ ଆବେଦନ କରିବା ସହ ରାଜ୍ୟରେ ସମସ୍ତ ପିଲା ନିଖୋଜ ମାମଲାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ପରୀ ହତ୍ୟା ପଛରେ ବାବୁଲି ନାୟକ ସମ୍ପୃକ୍ତ ବୋଲି ସେ ଅଭିଯୋଗ କରିଥିଲେ। ହତ୍ୟା ଘଟଣା ସହ ମାନବ ଅଙ୍ଗ ଚୋରା କାରବାର ସମ୍ପୃକ୍ତି ଥାଇପାରେ ବୋଲି ସେ ଦର୍ଶାଇଥିଲେ। ପୋଲିସ ପରୀର ମାଆବାପାଙ୍କୁ ଅପରାଧୀ ଭଳି ବ୍ୟବହାର କରୁଥିବା ସେ ଅଭିଯୋଗ କରିଥିଲେ।

ପୋଲିସ, କ୍ରାଇମ ବ୍ରାଞ୍ଚ ଏବଂ ଏସ୍‌ଆଇଟି ଘଟଣାର ତଦନ୍ତ କରୁଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟାକୁ ବିଫଳ କରିବା ପାଇଁ ସମସ୍ତ ଉଦ୍ୟମ ହେଉଛି। ଅଭିଯୋଗକାରୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ ହୋଇଛି। ଏସ୍‌ଆଇଟି ସ୍ଥାନୀୟ ଥାନା ଭାରପ୍ରାପ୍ତ ଇନ୍‌ସ୍ପେକ୍ଟରଙ୍କ ସମ୍ପର୍କରେ ତଦନ୍ତ କରୁନାହିଁ। ତାଙ୍କର ଅଭିଯୁକ୍ତମାନଙ୍କ ସହ ଭିତିରି ସମ୍ପର୍କ ରହିଛି। ମୁଖ୍ୟ ଅପରାଧୀ ସ୍ଥାନୀୟ ବିଧାୟକଙ୍କୁ ଘଣ୍ଟ ଘୋଡ଼ାଯାଉଛି ବୋଲି ପରୀଙ୍କ ମାଆ ତାଙ୍କ ପିଟିଶନରେ ଅଭିଯୋଗ କରିଛନ୍ତି।

## ଭ୍ରାରାଭ୍ରାରା ରାଓଙ୍କୁ...

ତଦନ୍ତକାରୀ ସଂସ୍ଥାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଭ୍ରାରାଭ୍ରାରା ରାଓଙ୍କୁ ମୁମ୍ବାଇରେ ରହିବା ଏବଂ ତଦନ୍ତ ପାଇଁ ଆବଶ୍ୟକ ସମୟରେ ଉପସ୍ଥିତ ହେବା ସର୍ତ୍ତରେ ଜାମିନ ପ୍ରଦାନ କରାଯାଇଛି। ତାଙ୍କୁ ନାନାବତୀ ହସ୍ପିଟାଲରୁ ଡିସ୍‌ଚାର୍ଜ କରିବା ପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭୀମା କୋରେଗାଁଓ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଭ୍ରାରାଭ୍ରାରାଙ୍କୁ ୨୦୧୮ରେ ଗିରଫ କରାଯାଇଥିଲା। ଜେଲ୍‌ରେ ଥିବାବେଳେ କରୋନା ଆକ୍ରାନ୍ତ ହେବାରୁ ତାଙ୍କୁ ଏକାଧିକ ଥର ହସ୍ପିଟାଲ୍ ନିଆଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁ ବୋହୂଙ୍କ ଠକର କଳି
ରାତିରେ ଖାଆନ୍ତି ବିରି ଚକୁଳି।**

ଲୋକ ଜାଣିବାକୁ ଶାଶୁ ବୋହୂଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଭିତରେ ଉତ୍ତମ ବୁଝାମଣା। ପରୋକ୍ଷରେ ଧୂର୍ତ୍ତ ପ୍ରକୃତି ବ୍ୟକ୍ତିଙ୍କର ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକ ସହଜରେ ଠଉରେଇ ନ ପାରି ଧୋକା ଖାଇ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଶନି ସାତ ମଙ୍ଗଳ ତିନି
ଆଉ ଯେତେ ଦିନେ ଦିନ।**

ବର୍ଷାଦିନେ ବାର ଅନୁସାରେ ବର୍ଷାର ଗତି ବା ପ୍ରକୋପ। ଶନିବାର ଦିନ ଆରମ୍ଭ ହୋଇଥିଲେ ବର୍ଷା ସାତଦିନ, ମଙ୍ଗଳବାର ଦିନ ଆରମ୍ଭ ହୋଇଥିଲେ ତିନିଦିନ ଲାଗିରହେ। ସେହିପରି ଅନ୍ୟ ଦିନମାନଙ୍କରେ ଆରମ୍ଭ ହୋଇଥିଲେ କେବଳ ଗୋଟିଏ ଦିନ ଲେଖାଏ ବର୍ଷା ହେଉଥିବା ନେଇ ଅନୁମାନ କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds Everyday
0674-2580101, 2549302



SALE

Bhubaneswar AIIMS Hospital ପାଖରେ 30'road ଥାଇ yellowzone plot sale. 8456850883. D-70193

Plot sale 500psqft. with registration gharabari near SOG Chandaka, Bhubaneswar. 8917475780, 9861444497. D-69374

3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658. D-19996

ଭୁବନେଶ୍ୱର ଜଟଣୀରାସ୍ତାରେ 1500Sqft. Gharabari Plot 14,00,000/-, Investment Plot 4,50,000/- କାଟେଣୀ, ଡେରାସରେ 9,00,000/-. Rosy - 9938016295. D-70191

Residential plot at Trisulia Square(100 mtr. from Trisulia chhak) Cuttack. Gharabari plot with boundary wall, 30ft. road & Electrification provision. Contact:- 7064926383. D-20026

Completed 3/2BHK flat main road side, near Rajarani Temple, Ravi Talkies, Bhubaneswar. Contact: 9861037729, 9040337729. D-20028

Plot For Sale, 2000sqft. (17nos) Yellowzone infront of Tata ariana, Vipul Garden Backside Mouza- sankarpur, Ghatikia, BBSR. Water & Electricity available NH-5 to 1km per sqft.-1500 Contact: 7381564227. D-19978

ମୋର ନିଜସ୍ୱ ପ୍ଲଟ୍ ଘାଟିକିଆରେ 200ft. ରୋଡ୍‌କୁ ଲାଗିକି ଅଛି ଏବଂ କଳିଙ୍ଗନଗରରେ readymade plot ଅଛି, କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। Contact: 9438166196. D-20029

Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363. D-70431

Plot for sale:- Well developed gharabari plots having gated community with electrical connection 13K.M. from Fulnakhara on Niali State Highway. Contact Mob No.- 9937403575, 7853856577. D-70189

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395. D-70166

ପ୍ଲଟ୍ ବିକ୍ରିହେବ ଭୁବନେଶ୍ୱର ଉତ୍ତରା KEC କଲେଜ ପାଖ, ଘରବାରି ପାଚେରି ସହିତ। 9178660666. D-70535

Plot Bhubaneswar, Aims Patia, Hanspal, Gudiapokhari, Sundarpada, Rangabazar, Rasulgarh. 9853415415 D-19781



4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658. D-19997



Zen salon and SPA positively health benefits with expert therapeutic & genuinely massage appointment. 7205084157. D-70534

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Swarna SPA newly open positively health benefits with expert therapist. 9556978408. D-70533



SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/-+ Laptop + Mobile + other facilities free (Part/ full time). 9667693638, 9667693639. D-70532


## AFFIDAVIT

I, A. Gouri Prasad, S/o- Late A. Satyanarayana, P.O.- Jeypore, Dist.- Koraput, presently residing at Qtr. No.- H-10, HAL Township, P.O.- Sunabeda-2, P.S.- Sunabeda, Dist- Koraput (Odisha), working at Hindustan Aeronautics Limited, Koraput division do hereby declare that by virtue of affidavit dt. 17.02.2021 before the Notary, Sunabeda, I have changed my name from A. Gouri Prasad to Andhavarapu Gouri Prasad. In future I will be known as Andhavarapu Gouri Prasad in Official and all other purposes.
D-20030


ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ପ୍ରତ୍ୟେକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସରକାରୀ ଆଦେଶପ୍ରାପ୍ତ ହୋଇ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ସହକର୍ମୀମାନଙ୍କ ସାହାଯ୍ୟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବା ସହ ଆମଦାନୀ କାରବାରରେ ଲାଭବାନ ହେବେ।

**ବୃଷ**

ପରୋକ୍ଷ ଶତ୍ରୁତା କାରଣରୁ ସମ୍ପର୍କୀୟଙ୍କ ଦ୍ୱାରା ଅପଯଶ ପାଇପାରନ୍ତି। ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ।

**ମିଥୁନ**

ଅଧସ୍ତନମାନଙ୍କ ସହାୟତାରେ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ନିକଟ ସମ୍ପର୍କୀୟଙ୍କ ସହଯୋଗରୁ ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ। କଳା, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବ।

**କର୍କଟ**

କର୍ମକ୍ଷେତ୍ରର ସଂକଟଜନକ ସ୍ଥିତିରେ ବନ୍ଧୁଙ୍କ ପରାମର୍ଶରୁ ସାନ୍ତ୍ୱନା ମିଳିବ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ସଭାସମିତିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ସିଂହ**

ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି। ଚେଷ୍ଟାସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଖୋଜୁଥିବା ଜିନିଷ ପାଇବେ କିନ୍ତୁ ସାମୟିକ ଅସ୍ଥିରତା ଲାଗି ରହିବ।

**କନ୍ୟା**

ଦୀର୍ଘଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ତୁଳା**

ଇଚ୍ଛାଥିଲେ ମଧ୍ୟ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। କଳା, ସାହିତ୍ୟରେ ଉନ୍ନତି କରିବା ସଙ୍ଗକୁ ପ୍ରଶଂସିତ ମଧ୍ୟ ହେବେ।

**ବିଛା**

କର୍ମକ୍ଷେତ୍ରରେ ସାମାନ୍ୟ ଧୈର୍ଯ୍ୟଧାରଣ କଲେ ସମସ୍ୟାର ସରଳ ସମାଧାନ ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସାମାଜିକ ସ୍ତରରେ ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ମଧ୍ୟାହ୍ନରେ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ।

**ଧନୁ**

ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସାମ୍ବାଦିକତା, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମକର**

ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ୍ ହେବେ। ପାରିବାରିକ କ୍ଷେତ୍ର ପୂର୍ବପରି ଅସ୍ଥିରତା ମଧ୍ୟରେ ରହିବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।

**କୁମ୍ଭ**

ଘଟିଯାଇଥିବା ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଅବଶ୍ୟ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ମୀନ**

କେତେକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଆଜି ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଗୁରୁପାକ ଦ୍ରବ୍ୟ ଭୋଜନ ସ୍ୱାସ୍ଥ୍ୟହାନିର ଆଶଙ୍କା ଦେଖାଦେବ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁଁ ମନରେ ସରସତା ରହିବ ନାହିଁ।

ଆଜି ମାଘ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ଭୈମୀ (ବଡ) ଏକାଦଶୀ ମଙ୍ଗଳବାର। ବ୍ୟାସ ସରୋବର ଓ କପୋତେଶ୍ୱର ଯାତ୍ରା, ଫେବୃୟାରୀ ୨୩ ତାରିଖ। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ଭକ୍ତ ଦାସିଆଙ୍କ ତିରୋଧାନ ତିଥି। ରାଶି ନକ୍ଷତ୍ର-ଦିବା ଘ.୧୨.୨୯ମି. ପର୍ଯ୍ୟନ୍ତ ଆରଦ୍ରା/ମିଥୁନ, ତା'ପରେ ପୁନର୍ବସୁ ନକ୍ଷତ୍ର, ମକର ରାଶିର ଘାତବାର, କନ୍ୟା ରାଶିର ଘାତଚନ୍ଦ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୩୨ମି. ଗତେ ଘ.୧୦.୫୦ମି. ମଧ୍ୟେ, ଘ.୦୧.୦୯ମି. ଗତେ ଘ.୦୨.୪୧ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୨.୫୩ମି. ଗତେ ଘ.୦୪.୧୯ମି. ମଧ୍ୟେ ରାହୁକାଳ।

## ହାଇୱା ଧକ୍କାରେ ଗଲା ବାଇକ ଆରୋହୀଙ୍କ ଜୀବନ

ଡୁଙ୍ଗୁରିପାଲି, (ଡି.ଏନ.ଏ.)- ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି-ରାମପୁର ରାସ୍ତାର ସାଧପାଲି ବୁଲାଣିରେ ହାଇୱା ଧକ୍କାରେ ସୋମବାର ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରଗଡ ଜିଲା ଅତାବିରା ଥାନା ଖଇରପାଲି ଗ୍ରାମର ଗଣେଶ ଜଗଦଲା(୨୬)। ଡୁଙ୍ଗୁରିପାଲି ପଟରୁ ଯାଉଥିବା ହାଇୱା(ଓଡି୦୩ଆର-୧୫୪୪)ସାମନା ପଟୁ ବାଇକ(ନଂ.ଓଡି୧୭ଟି- ୦୫୧୨)ରେ ଆସୁଥିବା ଗଣେଶଙ୍କୁ ଧକ୍କା ଦେଇଥିଲା। ଗଣେଶଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସର୍ଭିସ୍ ଓ ଫିଡ୍‌ବ୍ୟାକ୍ ପରିପୂରକ



**ସମୟ ଗଡ଼ିଯାଏ ଜୁଆର ଫେରିଯାଏ, ରହିଯାଏ ଅଲିଭା ସନ୍ତକ। ୧୯୭୬ରେ ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡରେ ଗଢ଼ିଉଠିଥିବା 'ପଣ୍ଡା ଏଣ୍ଟରପ୍ରାଇଜେସ୍'ର ପରିବର୍ତ୍ତିତ ସଂସ୍କରଣ 'ପଣ୍ଡା ଟ୍ରାଭେଲ ମାର୍ଟ' ଏହାର ବଳିଷ୍ଠ ଦୃଷ୍ଟାନ୍ତ। ସ୍ୱର୍ଗତ ଗତିକୃଷ୍ଣ ପଣ୍ଡା ଆରମ୍ଭ କରିଥିବା ଏହି ପ୍ରତିଷ୍ଠାନ ୪୪ ବର୍ଷରେ ଅନେକ ଉତ୍‌ଥାନ ପତନ ଦେଖିଛି। ସ୍ରୋତରେ ନ ଭାସି ସମୟ ସହ ସମତାଳ ଦେଇଛି। ରାଜଧାନୀର ମେଗା କଲେକ୍ସନ୍ ଷ୍ଟୋର ପଣ୍ଡା ଏଣ୍ଟରପ୍ରାଇଜେସ୍ର ଡାଇରେକ୍ଟର ଶିବପ୍ରସାଦ ପଣ୍ଡା ଧରିତ୍ରୀ ସହ ବାଣ୍ଟିଛନ୍ତି ତାଙ୍କ ସଫଳ ଯାତ୍ରାର ଅନୁଭୂତି।**

ଧରିତ୍ରୀ | OrissaPOST BUSINESS EMINENCE AWARDS

**➞ଗତ ୪୪ ବର୍ଷରେ ସଂସ୍ଥାର ବିକାଶ କିପରି ହୋଇଛି, ଏହାର ଶ୍ରେୟ କାହାକୁ ଦେବେ?**

ଛୋଟ ଏକ ଦୋକାନରୁ ଆରମ୍ଭ ହୋଇଥିବା ଏହି ସଂସ୍ଥା ଆଜି ୧୨ ହଜାର ବର୍ଗଫୁଟ ପରିମିତ ୩ ମହଲା କୋଠା ସହିତ ଓ ରାଜଧାନୀର ପ୍ରମୁଖ ସ୍ଥାନରେ ଆଉ ୨ଟି ଶାଖା ଖୋଲି କାରବାର କରୁଛି। ଏହା ପଛରେ ରହିଛି କଠିନ ପରିଶ୍ରମ, କର୍ମଚାରୀଙ୍କ ବିଶ୍ୱାସ ସହିତ ଗ୍ରାହକ ସମ୍ପର୍କ ଓ ଭଲପାଇବା।

**➞ବ୍ୟବସାୟକୁ କିପରି ପ୍ରଭାବିତ କରିଛି କରୋନା?**

ମହାମାରୀର ପ୍ରଭାବ ସଂସ୍ଥା ଉପରେ ପଡ଼ିଛି। ଗତ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ କାରବାର ମାନ୍ଦା ଥିବାବେଳେ ସେପ୍ଟେମ୍ବରରୁ ବଜାରର ସ୍ଥିରତା ଆସିଥିଲା। ଅକ୍ଟୋବରରୁ ସ୍ଥିତି ସୁଧୁରିଥିଲା। ଡିସେମ୍ବର ଶେଷ ବେଳକୁ ବ୍ୟବସାୟରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। କୋଭିଡ୍ କଟକଣା ମଧ୍ୟରେ ସ୍କୁଲ କଲେଜ ଖୋଲିବା ସହ ପର୍ଯ୍ୟଟନ ଓ ବିଦେଶ ଯାତ୍ରା ସ୍ୱାଭାବିକ ହେବାରେ ଲାଗିଛି। ତେଣୁ ଚଳିତ ଆର୍ଥିକବର୍ଷର ଶେଷ ସୁଦ୍ଧା ଲକ୍ଷ୍ୟ ପୂରଣ ହେବା ସମ୍ଭାବନା ରହିଛି।

**➞ଏ ବର୍ଷ ଗ୍ରାହକଙ୍କ ପାଇଁ ସୁବିଧା କ'ଣ ରହିଛି?**

୨୦୨୦-୨୧ ଆର୍ଥିକ ବର୍ଷର ଶେଷ ବିକ୍ରି ପାଇଁ ମାର୍ଟ ପକ୍ଷରୁ ଆକର୍ଷଣୀୟ ରିହାତି ସୁବିଧା ରହିଛି। କାର୍ଡ ଜରିଆରେ କିଣାକିଣି କଲେ ମଧ୍ୟ ସୁବିଧା ଦିଆଯାଉଛି। ବିଶେଷକରି ଟ୍ରାଭେଲ ପ୍ୟାକ୍ ବ୍ୟାଗ୍, ସ୍କୁଲ ବ୍ୟାଗ୍ ସହିତ ଆସୋସେରି ପ୍ରଡକ୍ଟ ଉପରେ ବିଭିନ୍ନ ରିହାତି ସୁବିଧା ଯୋଗାଇ ଦିଆଯିବ।

**➞ଆଗାମୀ ଦିନରେ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ଶାଖା ଖୋଲିବାର ଯୋଜନା ରହିଛି?**

ଚଳିତ ଆର୍ଥିକବର୍ଷର କିଛି ସମୟ ଅତିକ୍ରାନ୍ତ ହେବା ପରେ ସଂସ୍ଥାର ବ୍ୟବସାୟ ଓ ବଜାର ଚାହିଦାକୁ ଲକ୍ଷ୍ୟ କରି ନିଷ୍ପତ୍ତି ନିଆଯିବ। ଆସନ୍ତା ବର୍ଷ ବ୍ୟବସାୟରେ ଅଭିବୃଦ୍ଧି ଦେଖାଦେଲେ ଅନ୍ୟ ସହରକୁ ଶାଖା ସମ୍ପ୍ରସାରଣ କରାଯାଇପାରେ। ସ୍ଥିତି ସୁଧୁରିଲେ ଭୁବନେଶ୍ୱରର ପାତ୍ରପଡ଼ାରେ ଆସନ୍ତା ପାର୍ବଣ ସମୟରେ ସଂସ୍ଥାର ଆଉ ଏକ ଶାଖା ଖୋଲିବା ଯୋଜନା ରହିଛି।

> 'ସ୍କୁଲ ବ୍ୟାଗ୍ ନେଇଥିବା ପିଲା ବାହାଘର ବେଳେ ପୁଣି କିଣାକିଣି କରିବାକୁ ଆସନ୍ତି।'

**➞ସଂସ୍ଥାର କେତୋଟି ଶାଖା ଓ କେତେଜଣ କର୍ମଚାରୀ ନିୟୋଜିତ ଅଛନ୍ତି?**

ଏବେ ଆମର ୩ଟି ଶାଖା ରହିଛି, ଯେଉଁଠି ୧୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ଅଛନ୍ତି। ମହାମାରୀ ସମୟରେ ଶୋ'ରୁମ୍ ଆଶା ଆଶଙ୍କା ମଧ୍ୟରେ ଚାଲିଥିଲେ ସୁଦ୍ଧା କର୍ମଚାରୀମାନଙ୍କ ପାଇଁ କୌଣସି ସମସ୍ୟା ହୋଇନାହିଁ କିମ୍ବା ସେପରି କିଛି କାଟ୍‌ଛାଣ୍ଟ କରାଯାଇନାହିଁ।

**➞ପଣ୍ଡା ଟ୍ରାଭେଲ ମାର୍ଟ ରାଜ୍ୟର ଏକ ପରିଚିତ ବ୍ୟବସାୟିକ ସଂସ୍ଥା। ସଫଳତାର ରହସ୍ୟ କ'ଣ?**

ଗ୍ରାହକଙ୍କ ଭଲ ପାଇବା ସହିତ କର୍ମଚାରୀମାନଙ୍କ ନିଷ୍ଠାପରତା ଉପରେ ସଂସ୍ଥାର ସଫଳତା ନିର୍ଭର କରେ। ଗ୍ରାହକକେନ୍ଦ୍ରିକ ହୋଇ ବିଶ୍ୱାସ ଜିଣିବା, ସେବା ଓ ଚାହିଦା ପୂରଣ ସହିତ ଆକର୍ଷଣୀୟ ଅଫର ଓ ସୁବିଧା ପ୍ରଦାନ କଲେ ସଫଳତା ମିଳେ। ଆଶାବାଦୀ ହୋଇ ଲୋକସମ୍ପର୍କ ରଖିବା ହେଉଛି ସିକ୍ରେଟ୍ ଅଫ୍ ସକ୍ସେସ୍।

**➞ପ୍ରତିଷ୍ଠାନକୁ ନେଇ ଗ୍ରାହକଙ୍କ ମତାମତ କ'ଣ ରହିଥାଏ?**

ସର୍ଭିସ୍ ଓ ଫିଡ୍‌ବ୍ୟାକ୍ ପରସ୍ପରର ପରିପୂରକ। ଯେଉଁ ପିଲା ପାଠପଢ଼ା ପାଇଁ ଅଭିଭାବକଙ୍କ ସହ ପଣ୍ଡା ଏଣ୍ଟରପ୍ରାଇଜେସ୍‌ରୁ ସ୍କୁଲ ବ୍ୟାଗ୍ ନେଉଥିଲେ, ୨୦ ବର୍ଷ ପରେ ନିଜ ବାହାଘର ପାଇଁ ଆବଶ୍ୟକ ବ୍ୟାଗ୍ କିଣିବାକୁ ପଣ୍ଡା ଟ୍ରାଭେଲ ମାର୍ଟକୁ ଆସିଥାଆନ୍ତି। ଗ୍ରାହକ ଏକଥା ଆମକୁ କହିବା ସହ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ମଧ୍ୟ ଶେୟାର କରିଥିବା ଦେଖିବାକୁ ମିଳିଛି। ସେମାନଙ୍କ କହିବା ଅନୁସାରେ ସେବା ସବୁବେଳେ ସମାନ। କିଣିବା ପୂର୍ବରୁ ଯେଉଁଭଳି ସେବା କିଣିଲା ପରେ ମଧ୍ୟ ସେହି ସର୍ଭିସ।

# ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

### ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ମାମଲା

ବାରିପଦା ଅଫିସ/ରାଇରଙ୍ଗପୁର, ୨୨।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଓ ଦୌରା ଜଜଙ୍କ କୋର୍ଟରେ ସୋମବାର ଏକ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି । ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏହାର ବିଚାର କରି ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବିଶୋଇ ଥାନା ଯୁଡ଼ିଆ ଗ୍ରାମର ଦୁର୍ଗା ବେଶ୍ରା(୩୫) ଓ ବଣପୋଖରିଆ ଗ୍ରାମର ବାଲାଇ ସୋରେନ(୫୯)। ମାମଲାର ବିବରଣୀ ଅନୁଯାୟୀ,୨୦୧୬ ଜୁଲାଇ ୪ତାରିଖରେ ଅଭିଯୁକ୍ତ ଦ୍ୱୟ ଗୁଣିଗାରେଡ଼ି ସନ୍ଦେହରେ ସେହି ଗ୍ରାମର ନାରାୟଣ କିସ୍କୁ(୫୦)ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ବିଶୋଇ ଥାନା ପୋଲିସ ଏକ ନରହତ୍ୟା ମାମଲା(ନଂ.୫୪/୨୦୧୬) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।ସରକାରଙ୍କ ପକ୍ଷରୁ ଆଇନଜୀବୀ ପଙ୍କଜ କୁମାର ଦାସ ମାମଲା ପରିଚାଳନା କରୁଥିଲେ ।

# ଜଳସେଚନର ସୁପରିଚାଳନା ପାଇଁ ପ୍ରଭାରୀ ନିୟୋଜିତ



ବୈଠକରେ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ରାଜ୍ୟରେ ଜଳସେଚନର ସୁପରିଚାଳନା ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ 'ଜଳ ପ୍ରଭାରୀ'ଙ୍କୁ ନିୟୋଜିତ କରାଯାଇଛି। ସୋମବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ୩୦ ଜିଲା ପାଇଁ ଜଳ ପ୍ରଭାରୀ ଭାବେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏମାନେ ନିଜ ଜିଲାରେ ଜଳ ସମ୍ପଦର ସୁବିନିଯୋଗ ଓ ଜଳସେଚନ ବ୍ୟବସ୍ଥା ବୁଝିବେ। ଏଥିସହ ପ୍ରତି ମାସରେ ଥରେ ଜିଲା ଗସ୍ତ କରି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ ତଥା ତଦାରଖ କରିବେ। ସମ୍ପୃକ୍ତ ଜିଲାରେ ଜଳସେଚନର ବ୍ୟବସ୍ଥା, ପ୍ରକଳ୍ପର ସ୍ଥିତି ଓ ଆଗକୁ କି କି କାର୍ଯ୍ୟ କରାଯିବାକୁ ଅଛି, ସେ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବେ। ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଓ 'ମୋ ସରକାର' କାର୍ଯ୍ୟକ୍ରମ ଆଧାରରେ ଜଳର ସୁପରିଚାଳନା, ଜଳସେଚନ ପ୍ରକଳ୍ପର ଅଗ୍ରଗତି ଓ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବା ସମ୍ପର୍କରେ ଜଳ ପ୍ରଭାରୀମାନେ କାର୍ଯ୍ୟ କରିବେ। ପ୍ରତି ୨ମାସରେ ଥରେ ନିର୍ଦ୍ଦିଷ୍ଟ ଦିନରେ ଜଳ ପ୍ରଭାରୀଙ୍କ ବୈଠକ ଅନୁଷ୍ଠିତ ହେବ। ସେହିଭଳି ୨ମାସରେ ଥରେ କାର୍ଯ୍ୟ ବିବରଣୀ ଜଳ ସମ୍ପଦ ବିଭାଗ ମୁଖ୍ୟଙ୍କୁ ପ୍ରଦାନ କରିବେ। ଜଳ ସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଓଡ଼ିଶା ବୁଲିଅନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁବ୍ରତ କୁମାର ସାହୁ,** ପିତା: ରମେଶ ଚନ୍ଦ୍ର ସାହୁ, ସା: ଅପର୍ଣ୍ଣା ନଗର, ଗଉଳିଆଗଞ୍ଜ, ଇନ୍ଦ୍ରମଣି ସାହୁ କଲୋନୀ, ନୟାବଜାର, କଟକ-୭୫୩୦୦୪, ଓଡ଼ିଶା । | **ଜାମିନଦାର ଏବଂ ସମ୍ପତ୍ତି ମାଲିକ: ଶ୍ରୀମତୀ ଭାରତୀ ସାହୁ,** ସ୍ୱାମୀ: ରବିନ୍ଦ୍ର କୁମାର ସାହୁ, **ଶ୍ରୀ ଜ୍ଞାନେନ୍ଦ୍ର କୁମାର ସାହୁ** ଏବଂ **ଶ୍ରୀ ତୁଷାର ସାହୁ,** ଉଭୟଙ୍କ ପିତା: ରବିନ୍ଦ୍ର କୁମାର ସାହୁ, ସମସ୍ତଙ୍କ ଠିକଣା-ସା: ଅପର୍ଣ୍ଣା ନଗର, ଗଉଳିଆଗଞ୍ଜ, ଇନ୍ଦ୍ରମଣି ସାହୁ କଲୋନୀ, ନୟାବଜାର, କଟକ-୭୫୩୦୦୪, ଓଡ଼ିଶା । | **ଶ୍ରୀମତୀ ଭାରତୀ ସାହୁ,** ସ୍ୱାମୀ: ରବିନ୍ଦ୍ର କୁମାର ସାହୁ, **ଶ୍ରୀ ଜ୍ଞାନେନ୍ଦ୍ର କୁମାର ସାହୁ** ଏବଂ **ଶ୍ରୀ ତୁଷାର ସାହୁ,** ଉଭୟଙ୍କ ପିତା: ରବିନ୍ଦ୍ର କୁମାର ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍-୨୮ ପସାଇ, ତହସିଲ୍: କଟକ, ତହସିଲ୍ ନଂ.: ୨୩୫, ଥାନା: ଗଉଳିଆଗଞ୍ଜ, ଥାନା ନଂ.: ୫, ଜିଲ୍ଲା: କଟକ, ଖାତା ନଂ.: ୬୫୦/୫୪୫, ପ୍ଲଟ ନଂ.: ୫୦୯, କ୍ଷେତ୍ର : ଏକର ୦.୨୨୬ ଡିସିମିଲ୍, କିସମ: ଘରବାଡି-୨, ଚୌହଦୀ-ପୂର୍ବ: ସଖୀ ଦେଉ, ପଶ୍ଚିମ: ରାସ୍ତା, ଉତ୍ତର: ବିମଳେନ୍ଦୁ ବାରିକ, ଦକ୍ଷିଣ: ସଖୀ ଦେଇ । | ୨୫.୦୨.୨୦୨୦ | ୨୦.୦୨.୨୦୨୧ | ୨୪.୦୨.୨୦୨୦ ସୁଦ୍ଧା ଟ.୯୨,୮୮,୭୨୦/- ଏବଂ ତତ୍‌ପରବର୍ତ୍ତୀ ସୁଧ + ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ତାରିଖ: ୨୨.୦୨.୨୦୨୧, ସ୍ଥାନ: ଭୁବନେଶ୍ୱର** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**


# ବୈଧ ଟୋକନ ଥିବା ଚାଷୀଙ୍କର ଧାନ କିଣାହେବ: ମନ୍ତ୍ରୀ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

**ବିଧାନସଭାରେ ଧାନ ଆଲୋଚନା**
- ସିସିଟିଭି ଲଗାଇବା, ସବୁ ଧାନ କିଣିବାକୁ ଦାବି
- ମନ୍ତ୍ରୀଙ୍କ ଉତ୍ତରରେ ବିରୋଧୀ ଅସନ୍ତୁଷ୍ଟ, କକ୍ଷ୍ୟ ତ୍ୟାଗ
- ବିରୋଧୀଙ୍କ ଦୋମୁହାଁ ନୀତିକୁ ବିଜେଡିର ସମାଲୋଚନା

ଧାନ ବିକ୍ରି ଓ ମଣ୍ଡିରେ ହେଉଥିବା ଅବ୍ୟବସ୍ଥାକୁ ନେଇ ଗତ ୩ ଦିନ ଅଚଳାବସ୍ଥା ପରେ ସୋମବାର ବିଧାନସଭାରେ ଏ ପ୍ରସଙ୍ଗରେ ୨ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରିବା ସହ ମଣ୍ଡିରେ ସିସିଟିଭି ଲଗାଇବା ଏବଂ ଟୋକନ ପାଇଥିବା ସମସ୍ତ ଚାଷୀଙ୍କ ଧାନ କିଣିବାକୁ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଦାବି କରିଥିଲେ। ଦୀର୍ଘ ସମୟ ଆଲୋଚନା ହେବା ପରେ ମଧ୍ୟ ବିରୋଧୀ ସଦସ୍ୟମାନେ ସମବାୟ ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ ବିଧାନସଭା କକ୍ଷ ଛାଡି ବାହାରକୁ ଚାଲି ଯାଇଥିଲେ।

ସୋମବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଶୂନ୍ୟକାଳ ଓ ମୁଲତବୀ ଆଲୋଚନାକୁ ବାତିଲ କରାଯାଇ ଅପରାହ୍ନ ୧୨ଟା ୩୦ ମିନିଟରୁ ୧ଟା ୩୦ ମିନିଟ ଯାଏ ଧାନ କିଣା ପ୍ରସଙ୍ଗକୁ ନେଇ ଆସିଥିବା ମୋଶନ ଉପରେ ଆଲୋଚନା ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୋଶନ ଆଗତ କରିଥିଲେ। ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର କହିଥିଲେ ଯେ ଗତ ୨୧ ବର୍ଷ ହେବ ରାଜ୍ୟରେ ଧାନ କିଣା ସମସ୍ୟା ଲାଗି ରହିଛି। ଆଗରୁ ଧାନ କିଣା ହେବା ପୂର୍ବରୁ ଜିଲାସ୍ତରରେ ଧାନକିଣା କମିଟି ବସି ସ୍ଥିର କରାଯାଉଥିଲା। ଏବେ ସବୁକିଛି ଭୁବନେଶ୍ୱରରୁ କରାଯାଉଛି। ଅଣଜଳସେଚିତ ଜମିରେ ଏକର ପିଛା ୨୧ରୁ ୨୨ କୁଇଣ୍ଟାଲ ଧାନ ଅମଳ ହେଉଥିବା ବେଳେ ସରକାର ମାତ୍ର ୧୩ କୁଇଣ୍ଟାଲ ଧାନ କିଣୁଛନ୍ତି। ସେହିପରି ଜଳସେଚିତ ଜମିରେ ଏକର ପିଛା ୪୦ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଥିବା ବେଳେ ମାତ୍ର ୧୯ କୁଇଣ୍ଟାଲ କିଣା ଯାଉଛି ବୋଲି ସେ ଅଭିଯୋଗ କରିଥିଲେ। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର କହିଛନ୍ତି ଯେ ଧାନ କିଣିବା ଦାୟିତ୍ୱ କେନ୍ଦ୍ର ସରକାରଙ୍କ। ଯୋଗାଣ ନିଗମ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଲର୍‌ମାନଙ୍କ ସହାୟତାରେ ଧାନ କିଣାରେ ଦୁର୍ନୀତି ହେଉଛି। ଯେଉଁ ମିଲର୍‌ମାନେ ମଣ୍ଡିକୁ ଯାଉଛନ୍ତି ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହେବା ଦରକାର। ସରକାର କଟ୍‌ନି ଛଟ୍‌ନି ବନ୍ଦ କରିବାକୁ ମଣ୍ଡିରେ ସିସିଟିଭି ଲଗାନ୍ତୁ ବୋଲି ସେ କହିଥିଲେ। ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ କହିଥିଲେ ଯେ ରାଜ୍ୟ ସରକାର ଟୋକନ ବ୍ୟବସ୍ଥା ଉଠାଇ ଦେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକିପାରିବେ ନାହିଁ। ଏଫ୍‌ଏକ୍ୟୁ ମାନର ଧାନ କିଣାଗଲେ ରାଜ୍ୟର ମାତ୍ର ୩୦ ପ୍ରତିଶତ ଚାଷୀ ଧାନ ବିକିବାକୁ ଯୋଗ୍ୟ ହେବେ। ଏଥର ରାଜ୍ୟ ସରକାର ସବୁ ଚାଷୀଙ୍କଠାରୁ ଧାନ କିଣିଛନ୍ତି। କେନ୍ଦ୍ର ସରକାର ଧାନ ସବ୍‌ସିଡି ବାବଦରେ ବକେୟା ୭୩୮୪ କୋଟି ଟଙ୍କା ଦେଇନାହାନ୍ତି। ଏବର୍ଷ ରାଜ୍ୟ ସରକାର ଧାନ କିଣିବା ପାଇଁ ୧୦ ହଜାର କୋଟି ଟଙ୍କା ଋଣ କରିଛନ୍ତି। ଆଲୋଚନାରେ ଭାଜପା ସଦସ୍ୟ ମୋହନ ଚରଣ ମାଝି, ବିଷ୍ଣୁ ଚରଣ ମାଝି, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି , ବିଜେଡି ସଦସ୍ୟ କିଶୋର ମହାନ୍ତି, ଦେବେଶ ଆଚାର୍ଯ୍ୟ ଏବଂ ପ୍ରୀତିରଞ୍ଜନ ଘଡାଇ ଭାଗ ନେଇଥିଲେ।

ଆଲୋଚନା ଶେଷରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଧାନ ସଂଗ୍ରହ ବର୍ଷ ଅକ୍ଟୋବର ୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩୦ରେ ସମାପ୍ତି ହୁଏ। ଏହି ବର୍ଷବ୍ୟାପୀ ଅବଧି ମଧ୍ୟରେ ରାଜ୍ୟ ସରକାର ଖରିଫ୍ ଓ ରବି ଋତୁ ପାଇଁ ପୃଥକ୍ ଧାନ ସଂଗ୍ରହ କରିଥାଆନ୍ତି। ସଂଗୃହୀତ ଚାଉଳକୁ ରାଜ୍ୟର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବ୍ୟବହାର କରାଯାଇଥାଏ। ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ମାଧ୍ୟମରେ କେନ୍ଦ୍ରୀୟ ଅନ୍ନ ଭଣ୍ଡାରରେ ଦାଖଲ କରାଯାଏ। ରାଜ୍ୟ ସରକାର ପ୍ରାଥମିକ କୃଷି ସମବାୟ ସମିତିଗୁଡିକ ମାଧ୍ୟମରେ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ସିଧାସଳଖ ଧାନ ସଂଗ୍ରହ କରୁଛନ୍ତି। କେତେଗୁଡିଏ ଜିଲାରେ ଯୋଗ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପାଣି ପଞ୍ଚାୟତଗୁଡିକୁ ମଧ୍ୟ ଧାନ ସଂଗ୍ରହରେ ସାମିଲ କରାଯାଇଛି। ପଞ୍ଜୀକୃତ ଚାଷୀଙ୍କଠାରୁ ବଳକା ଧାନ ସଂଗ୍ରହ କରାଯାଉଛି। ପଞ୍ଜୀକରଣ ଲାଗି ଚାଷୀ ପଟାୱାରି ତଥ୍ୟ ପ୍ରଦାନ କରୁଛନ୍ତି। ଧାନ କିଣାର ସବୁ କାଗଜ କାମ ପ୍ରସ୍ତୁତି ପି-ପାସ୍ ଆପ୍ଲିକେଶନ ସହାୟତାରେ କମ୍ପ୍ୟୁଟରୀକୃତ ପ୍ରକ୍ରିୟା ମାଧ୍ୟମରେ ପରିଚାଳିତ ହେଉଛି। ଖରିଫ ବିପଣନ ବା ଧାନ ସଂଗ୍ରହ ବର୍ଷ ୨୦୨୦-୨୧ ପାଇଁ ଅନ୍ତତଃ ୭୧ ଲକ୍ଷ ମେଟ୍ରିକ ଟନର ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ସ୍ଥିରୀକୃତ ହୋଇଛି। ଖରିଫ ଓ ରବିରେ ଧାନ ସଂଗ୍ରହର ଧାର୍ଯ୍ୟ ଯଥାକ୍ରମେ ୫୪ ଲକ୍ଷ ଓ ୧୭ଲକ୍ଷ ମେଟ୍ରିକ ଟନ ରହିଛି। ଏହାଠାରୁ ଅଧିକ ଧାନ ଯଦି ପଞ୍ଜୀକୃତ ଚାଷୀଙ୍କଠାରୁ ମଣ୍ଡିକୁ ଆସିବ ତାହା ମଧ୍ୟ ରାଜ୍ୟ ସରକାର କିଣିବେ। ରାଜ୍ୟରେ ଫେବୃୟାରୀ ୨୦୨୧ ସୁଦ୍ଧା ମୋଟ ୫୫.୯୭ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇଛି। ଗତବର୍ଷ ତୁଳନାରେ ଚଳିତ ଖରିଫ ଧାନ ସଂଗ୍ରହରେ ଚାଷୀ ଅଂଶଗ୍ରହଣ ମଧ୍ୟ ଉତ୍ସାହଜନକ ରହିଛି। ଗତ ୨୧ ତାରିଖ ସୁଦ୍ଧା ୧୦.୧୩ ଲକ୍ଷ ଚାଷୀ ସରକାରଙ୍କୁ ଖରିଫ ଧାନ ବିକ୍ରୟ କରିଛନ୍ତି। ଗତବର୍ଷ ଏହି ସମୟ ସୁଦ୍ଧା ୮.୩୧ ଲକ୍ଷ ଚାଷୀ ସରକାରଙ୍କୁ ଖରିଫ ଧାନ ବିକ୍ରି କରିଥିଲେ। ଯେଉଁ କ୍ଷେତ୍ରରେ ଟୋକନର ବୈଧତା ଶେଷ ହୋଇଥିବା ଅଭିଯୋଗ ଆସୁଛି ସେ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ବିରୋଧୀ ଦଳ ଦୋମୁହାଁ ନୀତି ଧରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭା ବାହାରକୁ ଚାଲି ଯାଇଥିଲେ।

# ଡିକି ଭାଙ୍ଗି ୧ଲକ୍ଷ ଟଙ୍କା ଲୁଟ୍

କଣାସ,୨୨।୨(ସ୍ୱ.ପ୍ର.)

କଣାସସ୍ଥିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ସୋମବାର କେତେଜଣ ଦୁର୍ବୃତ୍ତ ଜଣେ ଶିକ୍ଷକଙ୍କ ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ଟଙ୍କା ଲୁଟି ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ କଣାସ ଥାନା ଆଇଆଇସି ତପନ ରାଉତ ଏକ ମାମଲା ରୁଜୁ କରିବା ସହ ବ୍ୟାଙ୍କ ଯାଇ ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ, ଏହି ଥାନା ଅଧୀନ ବସନ୍ତପୁର ଗ୍ରାମର ଶିକ୍ଷକ ରାଜକିଶୋର ସାମନ୍ତରାୟ ମଧ୍ୟାହ୍ନ ୧୨ ଟା ୩୦ରେ ଷ୍ଟେଟ ବ୍ୟାଙ୍କ କଣାସ ଶାଖାରୁ ୧ ଲକ୍ଷ ଟଙ୍କା ଉଠାଇ ନିଜ ବାଇକ୍(ଓଡି ୦୨ଏ୩୩୯୫) ରଖି ନିକଟସ୍ଥ ପରିବା ଆଣିବାକୁ ଯାଇଥିଲେ। ପରିବା କିଣି ଫେରିବାବେଳେ ଡିକି ଭଙ୍ଗାଯିବା ସହ ଭିତରେ ଟଙ୍କା ନ ଥିବା ଦେଖିଥିଲେ। ତେବେ କେହି ଦୁର୍ବୃତ୍ତ ନେଇଯାଇଥିବା ଆଶଙ୍କାରେ ଥାନାର ଦ୍ୱାରସ୍ଥ ହୋଇଥିଲେ।




ବସ୍ତୁତଃ ଚାରିଆଡେ ଯେତେବେଳେ ଅବିଶ୍ୱାସର ରାଜତ୍ୱ ଜାରି ହୋଇ ରହିଛି– ସେତେବେଳେ ଦରକାର ହେଉଛି–ବିଶ୍ୱସ୍ତ ହେବା ଏବଂ ଝଡ ମଧ୍ୟରେ ଅଟଳ ଓ ଅବିଚଳିତ ରହିବା। –ଶ୍ରୀମା



# ୨୨ ବର୍ଷ ପରେ

ବହୁଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ୨୨ ବର୍ଷ ପରେ କମିଶନରେଟ୍ ପୋଲିସ ଗିରଫ କରିଥିବା ୨୨ ଫେବୃୟାରୀ ୨୦୨୧ରେ ପ୍ରକାଶ କରିଛି। ଜଲନ୍ଧର ସ୍ୱାଇଁ ନାମରେ ମହାରାଷ୍ଟ୍ରର ପୁଣେ ଅଞ୍ଚଳରେ ପାଇପ୍ ମିସ୍ତ୍ରି ଭାବେ କାମ କରୁଥିବା ବିବନ ବିଷୟରେ ସୂଚନା ମିଳିବା ପରେ ଓଡ଼ିଶାର କମିଶନରେଟ୍ ପୋଲିସ ସେଠାକାର ପୋଲିସ ସହ ମିଶି ଏଭଳି ସଫଳତା ପାଇଛି। ଘଟଣାକ୍ରମ ଦେଖିଲେ ୯ ଜାନୁୟାରୀ ୧୯୯୯ରେ ଅଞ୍ଜନା ଜଣେ ସାମ୍ବାଦିକ ବନ୍ଧୁଙ୍କ ସହ କଟକରେ ତାଙ୍କ ଓକିଲଙ୍କୁ ଦେଖା କରିବାକୁ ଯାଉଥିବା ବେଳେ ବାରଙ୍ଗ ନିକଟରେ ଗଣବଳାତ୍କାରର ଶିକାର ହୋଇଥିଲେ। ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ତତ୍କାଳୀନ ଆଡଭୋକେଟ ଜେନେରାଲ ଇନ୍ଦ୍ରଜିତ୍ ରାୟଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା। ସେହି ସମୟରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବିରୋଧରେ ବିଚିତ୍ର ଅଭିଯୋଗ ଆସୁଥିଲା। ଛବିରାଣୀ ଗଣବଳାତ୍କାର ଓ ହତ୍ୟାକାଣ୍ଡରୁ ଆରମ୍ଭ କରି ଅଞ୍ଜନା ମିଶ୍ର ମାମଲା ତାଙ୍କ ଭାବମୂର୍ତ୍ତିକୁ ଧ୍ୱଂସ କରିଦେବା ଫଳରେ କଂଗ୍ରେସ ହାଇକମାଣ୍ଡ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ପଦବୀରୁ ହଟାଇ ଗିରିଧର ଗମାଙ୍ଗଙ୍କୁ ନୂତନ ମୁଖ୍ୟମନ୍ତ୍ରୀ କରାଇଥିଲା। ସେହି ସମୟର କୁକର୍ମ ଫଳରେ ଓଡ଼ିଶାରେ କଂଗ୍ରେସର ଦୀର୍ଘଦିନ ପାଇଁ କ୍ଷତି ଘଟିଛି।

ଅଞ୍ଜନା ଘଟଣାରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହେବା ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ତଦନ୍ତ ଭାର ଦିଆଯାଇଥିଲା। ହେଲେ ସିବିଆଇ ତଦନ୍ତରେ ଅଗ୍ରଗତି ଦେଖାଦେଇ ନ ଥିଲା। ୩ ମାସ ପୂର୍ବରୁ ଓଡ଼ିଶା ପୋଲିସ ଅପରେଶନ 'ସାଇଲେଣ୍ଟ ଭାଇପର' ମାଧ୍ୟମରେ ଖୋଳତାଡ଼ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କଲା। ସାଧାରଣରେ ବିଶ୍ୱାସ କରାଯାଏ ଯେ, ଗୁରୁତ୍ୱପୂର୍ଣ୍ଣ ଅପରାଧ ବା ଘଟଣାକୁ ସିବିଆଇ ଖୋଳତାଡ଼ କଲେ ସମ୍ପୂର୍ଣ୍ଣ ସତ୍ୟ ସାମ୍ନାକୁ ଆସିବା ସହିତ ସବୁ ଅପରାଧୀ ମଧ୍ୟ ଦଣ୍ଡିତ ହେବେ। ସିବିଆଇର ଇତିହାସକୁ ଦେଖିଲେ ଆଜି ମଧ୍ୟ ସେହି ସଂସ୍ଥାକୁ ପୂର୍ବଭଳି ବ୍ୟବହାର କରାଯାଉଛି। ଭାରତୀୟ ପୋଲିସ ସେବାର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଏହି ତଦନ୍ତକାରୀ ସଂସ୍ଥା ବିଗତ ବର୍ଷଗୁଡ଼ିକରେ କୌଣସି ଆଖିଦୃଶିଆ କାର୍ଯ୍ୟ କରିବାର ନଜିର ନାହିଁ। ଯେଉଁସବୁ ଘଟଣାକୁ କ୍ଷମତାସୀନ ଦଳ ଘୋଡ଼ାଇବାକୁ ଚାହେଁ, ସେହି କାର୍ଯ୍ୟରେ ସିବିଆଇର ସକ୍ରିୟ ସହଯୋଗ ମିଳେ। ଅନ୍ୟପଟେ ଯେଉଁ ଘଟଣାକୁ ତଦନ୍ତ କରି ସତ୍ୟ ବା ତଥାକଥିତ ସତ୍ୟକୁ ପ୍ରକାଶ କଲେ ଗଣମାଧ୍ୟମ ଦ୍ୱାରା ସିବିଆଇକୁ ପ୍ରଶଂସା ମିଳିବ ସେଭଳି କାର୍ଯ୍ୟ କରାଯାଇଥାଏ। ଅର୍ଥାତ୍ ସରକାରୀ ଦଳ ଯେଉଁ ଘଟଣାରେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥାଆନ୍ତି, ସେହି ଅନୁଯାୟୀ ତଦନ୍ତ ହୋଇଥାଏ। ଏହା ଫଳରେ କେତେକ ପୋଲିସ ଅଫିସର ସିବିଆଇରେ ନିଯୁକ୍ତି ପାଇବା ପାଇଁ ରାଜନେତାମାନଙ୍କୁ ମୁଣ୍ଡିଆ ମାରନ୍ତି। ଏତେ ବୃହତ୍ ତଦନ୍ତକାରୀ ସଂସ୍ଥା ସମ୍ଭାଳୁଥିବା କର୍ତ୍ତୃପକ୍ଷ ନିଜର ତଦନ୍ତ ବାହାରେ ମଧ୍ୟ ଅନେକ ତଥ୍ୟ ପାଇଥାଆନ୍ତି; ଯେଉଁଥିରେ ଲୋକଙ୍କ ଦୃଷ୍ଟିପଡ଼େ ନାହିଁ, ସେହିସବୁ ତଦନ୍ତରେ ବିପୁଳ ଦୁର୍ନୀତିର ସୁଯୋଗ ମିଳେ। ଅର୍ଥାତ୍ ସିବିଆଇର ଉଚ୍ଚପଦସ୍ଥ ଅଫିସରମାନେ ଅବସର ପୂର୍ବରୁ ହଠାତ୍ ଯଥେଷ୍ଟ ଧନୀ ହେବାର ବାରମ୍ବାର ସଙ୍କେତ ମିଳେ। ଏଠାରେ କୁହାଯାଇପାରେ ଯେ, ରାଜ୍ୟ ପୋଲିସରେ ଯେଭଳି ଅଧିକାରୀ ଥାଆନ୍ତି, କେନ୍ଦ୍ରୀୟ ସ୍ତରକୁ ଦେଖିଲେ ସେଥିରେ ଆକାଶ ପାତାଳ ଫରକ୍ ନ ଥାଏ। ଯେତେବେଳେ ଗୋଟିଏ ଗୋଟିଏ କେସ୍ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକୁ ଚାଲିଯାଉଛି, ସେହି ସମୟ ମଧ୍ୟରେ ଅଭିଯୁକ୍ତ କିମ୍ବା ପୀଡ଼ିତଙ୍କ ମଧ୍ୟରୁ କେତେ ଜଣ ମରିହଜି ଯାଇଥାଆନ୍ତି। ଫଳରେ ନ୍ୟାୟ ଠିକ୍ ଭାବେ ମିଳିପାରି ନ ଥାଏ। ଏଠାରେ ମନେପଡ଼େ ଗତ ଶତାବ୍ଦୀର ୮୦ ଦଶନ୍ଧି କଥା। ୩ ଅକ୍ଟୋବର ୧୯୮୦ରେ ବିଲୁଆଖାଇ ନଦୀ ପଠାରେ ଛବିରାଣୀଙ୍କୁ ଗଣବଳାତ୍କାର କରାଯାଇ ହତ୍ୟା କରାଯାଇଥିଲା। ଦୁଃଖର ବିଷୟ ଯେ, ଘଟଣାର ୨୨ ବର୍ଷ ପରେ ସୁପ୍ରିମକୋର୍ଟ ୮ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେହି ସମୟ ମଧ୍ୟରେ କେତେ ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ଘଟି ଯାଇଥିଲା। ଏବେ ଅଞ୍ଜନା ମିଶ୍ର ଗଣବଳାତ୍କାର ଘଟଣାରେ ଅନ୍ୟତମ ଦୋଷୀ ପ୍ରଦୀପ ସାହୁ (ପଦିଆ)ଙ୍କ ମୃତ୍ୟୁ ଘଟି ସାରିଲାଣି। ତେବେ ମୁଖ୍ୟ ଅଭିଯୁକ୍ତ ଗିରଫ ହେବା ପୀଡ଼ିତାଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଛି। ବିବନଙ୍କୁ ଫାଶୀ କିମ୍ବା ଆଜୀବନ ଜେଲଦଣ୍ଡ ଦିଆଯାଉ ବୋଲି ଅଞ୍ଜନା ଗଣମାଧ୍ୟମ ଆଗରେ ଇଚ୍ଛା ବ୍ୟକ୍ତ କରିଛନ୍ତି। ବାସ୍ତବରେ ଯଦି ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଶାସ୍ତି ଦିଆଯାଇପାରନ୍ତା, ତେବେ ପୋଲିସ ଓ ନ୍ୟାୟ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ବୃଦ୍ଧି ପାଇପାରନ୍ତା।

## ଚିରନ୍ତନୀ

ପରାଣ–ରସାଳସେ ଭୃଙ୍ଗର ମୋହବଶେ
ହୋଇଲା ଉଦେ ଯେଉଁ ପୀରତି
ଭାବର ଭାଷା–ଜାଲେ ଲୁଚାଇ ସେ ଆବେଗ
ରଚିଲି କବିତାର କୀରତି। –(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 9 | | 1 | | 4 | B | | | | 8 | | | |
| | | | 2 | | B | | 8 | 1 | | | | | 7 | |
| | | | | 6 | | | | | | E | | | | B |
| | 4 | A | | | | 9 | | 5 | | | | | | 6 |
| E | 5 | | | | A | D | | | | | 1 | | | |
| 2 | | 1 | C | | 0 | B | | | 5 | | | D | | 4 |
| | 7 | 6 | | 3 | 4 | | | C | | | | | | |
| | D | | | | | | | | | 7 | | | | 9 |
| 0 | | E | | | 7 | | | | | 4 | | 1 | 8 | C |
| | C | | 6 | 8 | E | 0 | | | | | | | | 2 |
| 5 | 0 | 8 | | | | 7 | | | C | D | | | | |
| 4 | | D | 8 | | | 6 | | A | | 5 | | | 3 | |
| 1 | | | | 2 | | E | 3 | 8 | | | B | | | |
| | | | | 0 | 1 | | | | | | | | | E |
| | | C | E | | | | | | | | 2 | | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 4 | B | 0 | 5 | 2 | 7 | 8 | 3 | 9 | E | A | D | C | 1 |
| C | 5 | 7 | B | E | 1 | 9 | 4 | D | 2 | 8 | 3 | 0 | 6 | A |
| 1 | 0 | D | 7 | 9 | 8 | A | 2 | 5 | B | C | 6 | 3 | 4 | E |
| 9 | 8 | E | A | 3 | 4 | 0 | 6 | C | D | 1 | 5 | 2 | 7 | B |
| 2 | A | 3 | 6 | D | C | B | E | 1 | 7 | 0 | 4 | 5 | 8 | 9 |
| 4 | 6 | A | 9 | 0 | B | C | 5 | E | 1 | D | 8 | 7 | 2 | 3 |
| 8 | D | 0 | 1 | 2 | 6 | 3 | B | 7 | E | 5 | 9 | 4 | A | C |
| E | 9 | C | 5 | A | 7 | 6 | D | 0 | 3 | 4 | 2 | 1 | B | 8 |
| 5 | B | 1 | E | 4 | 3 | 2 | A | 8 | C | 7 | 0 | 9 | D | 6 |
| 7 | 3 | 2 | 8 | C | D | 1 | 9 | 4 | A | 6 | B | E | 5 | 0 |
| 3 | 1 | 6 | 2 | 7 | 5 | 4 | C | 9 | 8 | A | E | B | 0 | D |
| B | 2 | 4 | 3 | 8 | 0 | E | 7 | A | 6 | 9 | D | C | 1 | 5 |
| D | E | 5 | C | B | 9 | 8 | 0 | 6 | 4 | 2 | 1 | A | 3 | 7 |
| A | C | 8 | D | 1 | E | 5 | 3 | 2 | 0 | B | 7 | 6 | 9 | 4 |
| 0 | 7 | 9 | 4 | 6 | A | D | 1 | B | 5 | 3 | C | 8 | E | 2 |

ଗତକାଲିର ଉତ୍ତର

# ସ୍ୱାଭିମାନର ପ୍ରଶ୍ନ



ଅଧ୍ୟାପକ ଶରତ କୁମାର ଦାସ

ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ଦେଶରେ ସୀମାକୁ ନେଇ ବିବାଦ ଉପୁଜିଥିବା ବେଳେ ଆମ ରାଜ୍ୟ ଓଡ଼ିଶା ଏଥିରୁ ମଧ୍ୟ ମୁକ୍ତ ନୁହେଁ। ଆନ୍ଧ୍ର ସରକାରଙ୍କର ବିସ୍ତାରବାଦୀ ନୀତି ତଥା କୋଟିଆ ଅଧିବାସୀଙ୍କ ସୁବିଧାବାଦୀ ମାନସିକତା ଫଳରେ ଏହି ଅଞ୍ଚଳ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏକ ପାର୍ଶ୍ୱରେ ଓଡ଼ିଶା ସରକାରଙ୍କର ସୀମାନ୍ତ ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ସହିତ ପ୍ରଶାସନିକ ଅବହେଳା ଓ ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ସରକାରଙ୍କ କୋଟିଆ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ଭାବରେ ପ୍ରଲୋଭିତ କରିବାର ଚେଷ୍ଟା କାରଣରୁ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ବିବାଦ ଦିନକୁ ଦିନ ତୀବ୍ର ରୂପ ଧାରଣ କରୁଛି। ଏ ସଂକ୍ରାନ୍ତରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ୟାର ସମାଧାନ ତଥା ବର୍ତ୍ତମାନର ସ୍ଥିତି ନିରୀକ୍ଷଣ ନିମନ୍ତେ ରାଜନେତା ସମେତ ପ୍ରଶାସନିକ ଅଧିକାରୀମାନଙ୍କ ସୁଅ ଛୁଟୁଛି। ବିଳମ୍ବରେ ହେଲେ ମଧ୍ୟ ସରକାରଙ୍କ ନିଦ ଭାଙ୍ଗିଛି। ତରବରିଆ ଭାବେ ସରକାରଙ୍କର ସମ୍ପୃକ୍ତ ଅଞ୍ଚଳର ବିକାଶ ନିମନ୍ତେ ୧୫୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା ଏହାର ପ୍ରମାଣ।

ଆନ୍ଧ୍ର–ଓଡ଼ିଶା ସୀମାନ୍ତରେ ଥିବା କୋରାପୁଟ ଜିଲାର ପଟ୍ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୋଟିଆ ପଞ୍ଚାୟତ ୨୮ଟି ଗ୍ରାମକୁ ନେଇ ଗଠିତ। ସେଥିରୁ ୨୧ଟି ଗ୍ରାମ ଆନ୍ଧ୍ର ଓ ଓଡ଼ିଶାର ସୀମାକୁ ଲାଗିରହିଛି। ଏହି ୨୧ଟି ଗ୍ରାମ ଉପରେ ଆନ୍ଧ୍ର ସରକାରଙ୍କ ଲୋଲୁପ ଦୃଷ୍ଟି। ଏହି ସମସ୍ୟା ଏବେକାର ନୁହେଁ। ଦୀର୍ଘ ୫ ଦଶନ୍ଧି ଧରି ସୀମା ବିବାଦ ଚାଲୁ ରହିଛି ଓ ଆନ୍ଧ୍ର ସରକାର କଳେ ବଳେ କୌଶଳେ ସମ୍ପୃକ୍ତ ଅଞ୍ଚଳରେ ନିଜର ଆଧିପତ୍ୟ ଜାହିର କରିବାର ପ୍ରୟାସ ଏକ ନିନ୍ଦନୀୟ ଘଟଣା ନିଶ୍ଚୟ। ୧୯୬୮ରୁ ଏ ବିବାଦ ମାନ୍ୟବର ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ପ୍ରକୃତ ସମସ୍ୟାର ସମାଧାନ ନିମନ୍ତେ ଉଭୟ ରାଜ୍ୟ ସରକାରଙ୍କ କୋଉଠି ନା କୋଉଠି ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ସୁନା, ରୁପା, ମାଙ୍ଗାନିଜ୍, ପ୍ଲାଟିନମ୍, ଗ୍ରାଫାଇଟ୍, ବକ୍ସାଇଟ ପ୍ରଭୃତି ପ୍ରାକୃତିକ ସମ୍ପଦରେ ଭରପୂର ପାହାଡ଼ ପର୍ବତଘେରା କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ସରକାର ନିଜର ଆଧିପତ୍ୟ ବିସ୍ତାର କରି ସମ୍ପୃକ୍ତ ଅଞ୍ଚଳକୁ ନିଜର କରି ରଖିବାକୁ ସତେ ଯେପରି କସରତ ଆରମ୍ଭ କରିଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

କୋଟିଆର ଭୌଗୋଳିକ ସ୍ଥିତି ତଥା ଐତିହାସିକ ତଥ୍ୟ ଯଦି ବିଚାରକୁ ନିଆଯାଏ ତେବେ ଏହି ଅଞ୍ଚଳଟି ସମ୍ପୂର୍ଣ୍ଣ ଭାବେ ଓଡ଼ିଶାର ବୋଲି କୁହାଯାଇପାରେ। ବର୍ତ୍ତମାନର ରାଜ୍ୟ ସରକାର କୋଟିଆର ସର୍ବାଙ୍ଗୀନ ବିକାଶ ନିମନ୍ତେ ଅନେକ ପଦକ୍ଷେପ ନେଉଥିବା ବେଳେ ପ୍ରଶାସନିକ ଅବହେଳା ଅବା ପ୍ରକୃତ ବିକାଶ ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହୁଏତ କୋଟିଆ ଅଞ୍ଚଳର ଅଧିବାସୀମାନଙ୍କୁ ଆନ୍ଧ୍ରାଭିମୁଖୀ କରିବାରେ ଅନେକାଂଶରେ ଦାୟୀ। ରାସ୍ତାଘାଟ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ସରକାର ସେଠାକାର ବିକାଶ ପ୍ରକ୍ରିୟାରେ ହାତ ମିଳାଇଥିଲେ ମଧ୍ୟ କୋଟିଆର ଅଧିବାସୀ କାହିଁକି ଯେ ଆନ୍ଧ୍ରମୁହାଁ ହେଉଛନ୍ତି ତାହାର କାରଣ ପ୍ରଥମେ ଖୋଜିବାକୁ ପଡ଼ିବ। ପ୍ରକୃତରେ ସେଠାକାର ଲୋକ କ'ଣ ଚାହାନ୍ତି ତାହା ମଧ୍ୟ ପ୍ରାଥମିକତା ଆଧାରରେ ବିଚାର କରିବା ଆବଶ୍ୟକ।

ପୂର୍ବରୁ କୋଟିଆ ଗୋଟିଏ ପଞ୍ଚାୟତରେ ଥିବାବେଳେ ଆନ୍ଧ୍ର ସରକାର ନିଜର ଫାଇଦା ଉଦ୍ଦେଶ୍ୟରେ ଲୋକସଂଖ୍ୟାକୁ ଗୁରୁତ୍ୱ ନ ଦେଇ ଏତେ ଛୋଟ ପଞ୍ଚାୟତକୁ ବର୍ତ୍ତମାନ ୪ଟି ପଞ୍ଚାୟତ ଯଥା– ତଳଗଞ୍ଜେଇପଦର, ଫଗୁଣସିନେରି, ଫାଟୁସିନେରି ଓ ରଣାସିଂ ଆଦିରେ ବିଭକ୍ତ କରି ନିଜର ସ୍ଥିତି ଜାହିର କରିଛି। ଏହାର ଅଧିବାସୀମାନେ ମଧ୍ୟ ଉଭୟ ରାଜ୍ୟଠାରୁ ସୁବିଧା ପାଉଛନ୍ତି। ଉଭୟ ସରକାରଙ୍କ ଠାରୁ ରାଶନ୍ କାର୍ଡ, ଆଧାର କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉଭୟ ରାଜ୍ୟର ସୁବିଧା ହାତେଇବାରେ ବ୍ୟସ୍ତ। ଆନ୍ଧ୍ର ସରକାର ସମ୍ପୃକ୍ତ ଅଞ୍ଚଳରେ ବ୍ୟକ୍ତିଗତ ବିକାଶକୁ ଗୁରୁତ୍ୱ ଦେବା ଫଳରେ ସେଠାରେ ସାମୂହିକ ବିକାଶ ବାଧାପ୍ରାପ୍ତ ହେଉଛି। ପୁନଶ୍ଚ ସେଠାକାର ଲୋକମାନଙ୍କର ସୁବିଧାବାଦୀ ଚିନ୍ତାଧାରା କାରଣରୁ ସାମୂହିକ ବିକାଶ ବାଧାପ୍ରାପ୍ତ ହେବାର ଲକ୍ଷ୍ୟ କରାଯାଏ। କେଉଁ ସରକାର କେଉଁ ସୁବିଧା ଯୋଗାଉଛି ସେ ସମ୍ପର୍କରେ ଜାଣିବାର ନା ସେମାନଙ୍କର କୌଣସି ଆଗ୍ରହ ଅଛି ନା କିଛି ଦାୟିତ୍ୱ ଅଛି; ଯେଉଁଥିପାଇଁ ଆନ୍ଧ୍ର ସରକାର ସେଠାକାର ଲୋକମାନଙ୍କୁ ମୋହରା ବନେଇ ନିଜର ବିସ୍ତାରବାଦୀ ନୀତିକୁ ସଫଳ କରିବାରେ ସମର୍ଥ ହେଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ।

କୋଟିଆ ଅଧିବାସୀଙ୍କ କହିବା କଥା ହେଲା ସେମାନଙ୍କର ଜୀବନ ଜୀବିକା ପାଇଁ ବ୍ୟକ୍ତିଗତ ସୁବିଧା ହିଁ ମୂଳ। କେଉଁ ସରକାର କ'ଣ କଲା ସେମାନଙ୍କର କିଛି ଚିନ୍ତାକରିବାର ଆବଶ୍ୟକତା ନାହିଁ। ସେଠାକାର ଲୋକମାନଙ୍କର ଏହିଭଳି ସୁବିଧାବାଦୀ ମନ୍ତବ୍ୟ ଆନ୍ଧ୍ର ସରକାରଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ନିଜ ହାତକୁ ନେବାକୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରୁଛି। ବହୁତ ଦିନ ଆଗରୁ ସେମାନେ ଉଭୟ ରାଜ୍ୟ କରୁଥିବା ନିର୍ବାଚନରେ ଭାଗ ନେଉଛନ୍ତି। ଓଡ଼ିଶାର ସାଧାରଣ ଓ ପଞ୍ଚାୟତ ନିର୍ବାଚନ ସମୟରେ ଓଡ଼ିଶାର ଅଧିବାସୀ ରୂପେ ଭାଗ ନେଉଥିବା ବେଳେ ଆନ୍ଧ୍ରପ୍ରଦେଶର ସାଧାରଣ ଓ ପଞ୍ଚାୟତ ନିର୍ବାଚନ ସମୟରେ ଆନ୍ଧ୍ରର ଅଧିବାସୀ ରୂପେ ନିର୍ବାଚନରେ ଭାଗନିଅନ୍ତି ଓ ଭୋଟ୍ ଦିଅନ୍ତି। ଅବଶ୍ୟ ଏଠାରେ ପୂର୍ବରୁ ନିର୍ବାଚନ ଅପ୍ରତିଦ୍ୱନ୍ଦ୍ୱୀ ହେଉଥିବାରୁ ଏ ବିଷୟରେ କେହି ଜାଣିପାରୁ ନ ଥିଲେ, ମାତ୍ର ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାରୁ କୋଟିଆର ବାସ୍ତବ ଚିତ୍ର ଦାଣ୍ଡରେ ପଡ଼ି ହାଟରେ ଗଡୁଛି।

ଆନ୍ଧ୍ର ସରକାର ଏତେ ଛୋଟ ଅଞ୍ଚଳ କୋଟିଆକୁ ୪ଟି ପଞ୍ଚାୟତରେ ବିଭକ୍ତ କରି ବିକାଶର ଧାରା ହାତକୁ ନେଇଥିବା ବେଳେ ଓଡ଼ିଶା ସରକାର ନୀତିନିୟମ ଆଳରେ ସେଇ ଗୋଟିଏ ପଞ୍ଚାୟତରେ ଆଜି ପର୍ଯ୍ୟନ୍ତ ବାନ୍ଧି ରଖିଛନ୍ତି। ସେ ଯାହା ହେଉନା କାହିଁକି ବର୍ତ୍ତମାନ ପ୍ରଶ୍ନ ଉଠେ କୋଟିଆ ପ୍ରକୃତରେ କାହାର? ଯଦି ଓଡ଼ିଶାର ତେବେ ସରକାର କାହିଁକି ଏ ଦିଗରେ ଯଥେଷ୍ଟ ପୂର୍ବରୁ ଯତ୍ନବାନ ହେଲେନି? ଦୁଇ ରାଜ୍ୟର ସାଧାରଣ ଓ ପଞ୍ଚାୟତ ନିର୍ବାଚନରେ ଭାଗ ନେବା ସେଠାକାର ଅଧିବାସୀଙ୍କ ପାଇଁ ଆଦୌ ନୂଆ ନୁହେଁ। ଏ ବିଷୟରେ ସରକାର ଆଗରୁ ଜାଣିପାରିଲେନି କିପରି? ପ୍ରକୃତରେ ଯଦି ସରକାରଙ୍କର ଅଜ୍ଞତା ତେବେ ଏ ଦୋଷ କାହାର? ସେଠାକାର ଜିଲା ପ୍ରଶାସନର ସମ୍ପୂର୍ଣ୍ଣ ଅବହେଳା କୁହାଯାଇପାରେ। ନେଡ଼ି ଗୁଡ଼ କହୁଣିକୁ ବୋହିଗଲା ପରେ ନିଦ୍ରା ଭଙ୍ଗ ହେବା ବାସ୍ତବିକ ଏକ ଗଣତାନ୍ତ୍ରିକ ତଥା ଉତ୍ତରଦାୟୀ ସରକାରଙ୍କ ପାଇଁ ହାସ୍ୟାସ୍ପଦ ଘଟଣା ନୁହେଁ କି? ନିକଟରେ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଭାଜପାର ଏକ ଟିମ୍ ରାଜ୍ୟ ସଭାପତିଙ୍କ ନେତୃତ୍ୱରେ କୋଟିଆକୁ ଯାଇଥିବା ବେଳେ ସେଠାରେ ଉପସ୍ଥିତ ଥିବା ଆନ୍ଧ୍ରପ୍ରଦେଶର ସମ୍ପୃକ୍ତ ଜିଲାର ଜିଲାପାଳ ଓ ଏସ୍‌ପି ପ୍ରମୁଖଙ୍କୁ ଦେଖି ବିସ୍ମିତ ହୋଇଛନ୍ତି। କେବଳ ଲୋକମାନଙ୍କୁ କିଛି ଶସ୍ତା ସୁବିଧା ଯୋଗାଇଦେଲେ ଚଳିବ ନାହିଁ, ପ୍ରକୃତ ବିକାଶ ପାଇଁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଦରକାର ବୋଲି ବିଭିନ୍ନ ମହଲରେ ଯୁକ୍ତି ଉପସ୍ଥାପନ କରାଯାଉଛି।

ଅବଶ୍ୟ ଗତ ୧୯ ତାରିଖରେ ଓଡ଼ିଶା ସରକାରଙ୍କ ତରଫରୁ ଆନ୍ଧ୍ର ସରକାରଙ୍କ ଦ୍ୱାରା କୋଟିଆ ପଞ୍ଚାୟତରେ ଜୋରଜବରଦସ୍ତ ନିର୍ବାଚନ କରାଇବା ବିରୋଧରେ ସୁପ୍ରିମକୋର୍ଟରେ ଆଗତ ଅଦାଲତ ଅବମାନନା ମାମଲାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରି ମାନ୍ୟବର କୋର୍ଟ ଓଡ଼ିଶା ସରକାରଙ୍କୁ ଚାରି ସପ୍ତାହର ମହଲତ ଦେଇଛନ୍ତି। ଏହି ଚାରି ସପ୍ତାହ ମଧ୍ୟରେ ଓଡ଼ିଶା ସରକାର ୧୯୩୬ ମସିହାଠାରୁ ଥିବା ଏ ମାମଲାର ସମସ୍ତ ଦସ୍ତାବିଜ ଓ ଦଲିଲ ମାନ୍ୟବର କୋର୍ଟଙ୍କ ସମ୍ମୁଖରେ ଦାଖଲ କରିପାରିବେ। ପ୍ରକାଶଥାଉ କି, ୨୦୦୬ରେ ଏ ମାମଲାରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ମାନ୍ୟବର ସୁପ୍ରିମକୋର୍ଟ ଆନ୍ଧ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ ଆନ୍ଧ୍ର ସରକାର ଏହାର ଅନୁପାଳନ ନ କରି ସୁପ୍ରିମକୋର୍ଟରେ ଏ ସଂକ୍ରାନ୍ତରେ ମିଥ୍ୟା ତଥ୍ୟ ଦାଖଲ କରିବାପୂର୍ବକ କୋଟିଆ ପଞ୍ଚାୟତରେ ଜୋରଜବରଦସ୍ତ ନିର୍ବାଚନ କରାଇବା ନିଜ ଦବଙ୍ଗଗିରିର ଏକ ନିଚ୍ଛକ ଚିତ୍ର ନୁହେଁ କି ?

ତେବେ ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ୟାଟିକୁ ଚତୁରତା ତଥା ବୁଦ୍ଧିମତ୍ତାର ସହିତ ସମାଧାନ କରାଯିବା ଆବଶ୍ୟକ। ରାଜନୈତିକ ଫାଇଦା ପାଇବା ଆଶାରେ ବିବାଦଟିକୁ ଚାଲୁରଖିଲେ କାହାର ଏଥିରେ ଲାଭ ହେବନି। ବର୍ତ୍ତମାନ ପରସ୍ପର ଉପରେ କାଦୁଅ ଫିଙ୍ଗିବା ବା ଆରୋପ ପ୍ରତ୍ୟାରୋପ କରିବାର ସମୟ ନୁହେଁ। ବାସ୍ତବତାକୁ ଅନୁଧ୍ୟାନ କରିବାପୂର୍ବକ ସ୍ଥିତି ସମୀକ୍ଷା କରିବାର ଆବଶ୍ୟକତା ଅଛି। ଗୋଟିଏ ରାଜ୍ୟର ସୀମା ସୁରକ୍ଷା ସେହି ରାଜ୍ୟର ସରକାର ତଥା ସମ୍ପୃକ୍ତ ଅଧିବାସୀଙ୍କ ପାଇଁ ସ୍ୱାଭିମାନ ତଥା ଅସ୍ମିତାର ପ୍ରଶ୍ନ। ଓଡ଼ିଶା ମାଟିରେ ଆନ୍ଧ୍ର ଯେଉଁଭଳି ଭାବେ ପଞ୍ଚାୟତ ନିର୍ବାଚନ କଲା ତାହା ବାସ୍ତବିକ ଓଡ଼ିଶା ପାଇଁ ଲଜ୍ଜା ତଥା କଳଙ୍କିତ ଅଧ୍ୟାୟ ବୋଲି କୁହାଯାଇପାରେ। ଏପର୍ଯ୍ୟନ୍ତ ସଢ଼େଇକଳା ଓ ଖରସୁଆଁ ଭଳି ଦୁଇଟି ଅଞ୍ଚଳକୁ ହରାଇବାର ଦୁଃଖଦ ଅନୁଭୂତି ଆମ ସମସ୍ତ ସ୍ୱାଭିମାନୀ ଓଡ଼ିଆଙ୍କ ମାନସପଟରେ ତାଜା ହୋଇ ରହିଥିବାବେଳେ କୋଟିଆର ସୀମା ସୁରକ୍ଷା ପ୍ରସଙ୍ଗ ଆଲୋଚନାର ଗୁରୁତ୍ୱ ବହନ କରିବା ସ୍ୱାଭାବିକ। ନିଜ ମାଟିର ସୁରକ୍ଷା ପାଇଁ ଆମ ରାଜ୍ୟ ସରକାର ଆବଶ୍ୟକ କଠୋର ପଦକ୍ଷେପ ଗ୍ରହଣ କରିବା ସହିତ ନିଜ ରାଜ୍ୟର ଗୌରବ ତଥା ଅଖଣ୍ଡତା ରକ୍ଷାକରିବାରେ ସମର୍ଥ ହେବେ ବୋଲି ଆଶା କରାଯାଏ। ଏଥିରେ ଦ୍ୱିମତ ହେବାର କୌଣସି ଅବକାଶ ନାହିଁ।

ରାଜନୀତି ବିଜ୍ଞାନ ବିଭାଗ,
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର
ମୋ–୮୨୪୯୧୩୭୦୯୧

# କରୋନାର ଲେଉଟାଣି



ଡା. ଉମେଶ ଚନ୍ଦ୍ର ପାତ୍ର

ପରିବର୍ତ୍ତିତ କରୋନା ଭୂତାଣୁର ବ୍ରିଟେନ ପ୍ରଜାତି ପରେ ଏବେ ଭାରତରେ ଦକ୍ଷିଣ ଆଫ୍ରିକୀୟ ଓ ବ୍ରାଜିଲ ପ୍ରଜାତିର ଭୂତାଣୁ ପ୍ରବେଶ କରିଛି। ଆଇସିଏମ୍ଆର ମହାନିର୍ଦ୍ଦେଶକ ସୂଚିତ କରିଛନ୍ତି ଯେ, ଫେବୃୟାରୀ ପ୍ରଥମ ସପ୍ତାହରେ ଭାରତରେ ଜଣଙ୍କଠାରେ ବ୍ରାଜିଲ ପ୍ରଜାତିର ନୂଆ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଅନ୍ୟପକ୍ଷରେ ଚାରି ଜଣଙ୍କଠାରେ ଆଫ୍ରିକୀୟ ପ୍ରଜାତିର ଭୂତାଣୁ ମଧ୍ୟ ଚିହ୍ନଟ ହୋଇଛି। ଏହି ଲେଖା ପ୍ରସ୍ତୁତ ବେଳକୁ ଦେଶରେ ବ୍ରିଟେନ ପ୍ରଜାତିର ୧୮୭ ମାମଲା ସାମ୍ନାକୁ ଆସିଛି ଓ କାହାରି ମୃତ୍ୟୁ ମଧ୍ୟ ହୋଇନାହିଁ। ବ୍ରିଟେନରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଆରଟିପିସିଆର ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ଏଠାରେ ସୂଚାଇ ଦିଆଯାଇପାରେ, ଭାରତରେ କୋଭିଡ୍–୧୯ ଟିକାକରଣ ପ୍ରକ୍ରିୟା ଏବେ ଜାରି ରହିଛି । ନୂଆ ପ୍ରଜାତିର ଭୂତାଣୁ ଏବେ ଭାରତରେ ସକ୍ରିୟ ଥିବାରୁ କୋଭିଡ୍ ପାଇଁ ରହିଥିବା ସାଧାରଣ ନିୟମ ସବୁ ପାଳନ କରିବାକୁ ଗୁରୁତ୍ୱାରୋପ କରାଯାଇଛି।

ଭାରତରେ ଏବେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଅଚାନକ ବଢ଼ିବାରେ ଲାଗିଛି। ମହାରାଷ୍ଟ୍ର ଓ କେରଳରେ କରୋନା ସଂକ୍ରମଣ ବଢ଼ିବା ଯୋଗୁ ଲକ୍‌ଡାଉନ୍ ଫେରିଛି। ଲୋକଙ୍କ ଯିବା ଆସିବା ଯୋଗୁ ଓଡ଼ିଶାରେ ମଧ୍ୟ କରୋନା ସଂକ୍ରମଣ ବଢ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସଂକ୍ରମିତଙ୍କ ସଂଖ୍ୟାରେ ବୃଦ୍ଧି ଯେପରି ନ ଘଟେ ସେଥିପାଇଁ ଗାଇଡ୍‌ଲାଇନ ଅନୁଯାୟୀ ଆବଶ୍ୟକ ସଂଖ୍ୟକ ନମୁନା ପରୀକ୍ଷା ଜାରି ରଖିବା ଆବଶ୍ୟକ। ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ଖୋଲି ଯାଇଥିବା ଯୋଗୁ ଗହଳି ସ୍ଥାନରେ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯିବା ଜରୁରୀ। ଏବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଯୁଦ୍ଧକାଳୀନ ଭିତ୍ତିରେ ସ୍ଥିତି ନିୟନ୍ତ୍ରଣ ପ୍ରକ୍ରିୟା ସମଗ୍ର ଓଡ଼ିଶାବାସୀଙ୍କୁ ଆଶ୍ୱସ୍ତ କରିଛି।

ଭାରତରେ ଦୁଇଟି କରୋନା ଟିକା ଜରୁରିକାଳୀନ ଭାବେ ବ୍ୟବହାର ହେବା ପରେ ଏହି ଭୟାନକ ମହାମାରୀରୁ ମୁକ୍ତି ପାଇବା ପାଇଁ ଲୋକମାନଙ୍କ ଭିତରେ ଆଶା ସଞ୍ଚାର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଅଗ୍ରଣୀ ଯୋଦ୍ଧା ଡାକ୍ତର, ପୋଲିସ, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ ଆଗଧାଡ଼ିର ପ୍ରଶାସନିକ ପଦାଧିକାରୀଙ୍କୁ ଟିକାଦାନ ଦିଆଯାଇ ଓଡ଼ିଶାରେ ପାଖାପାଖି ୫ଲକ୍ଷ ଚିହ୍ନିତ ବ୍ୟକ୍ତିଙ୍କୁ ପ୍ରାଥମିକ ଭାବେ ଟିକା ଦିଆ ସରିଲାଣି। ଭାରତ ସରକାରଙ୍କ ପକ୍ଷରୁ କୋଉଇନ୍ ନାମକ ଆପ୍‌ରେ ଆବଶ୍ୟକ ତଥ୍ୟ ଦେଇ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପଞ୍ଜୀକରଣ କରିବାକୁ ପଡ଼ିବ। ଏହି ସପ୍ତାହର ଶେଷସୁଦ୍ଧା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଟିକାଦାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ପ୍ରଥମ ଡୋଜ୍‌ର ୨୮ ଦିନ ପରେ ଦ୍ୱିତୀୟ ଡୋଜ୍‌ର ଆବଶ୍ୟକତା ରହିଛି। ଏହାର ଦୁଇତିନି ସପ୍ତାହ ପରେ ଟିକା ନେଇଥିବା ବ୍ୟକ୍ତିଙ୍କ ଶରୀରରେ କରୋନା ପ୍ରତିରୋଧକ ଶକ୍ତି ବଢ଼ିବ।

ଲୋକମାନେ ମାସ ମାସ ଧରି କର୍ମକ୍ଷେତ୍ରରୁ ବଞ୍ଚିତ ହୋଇ ଘର ଭିତରେ ଏକ ପ୍ରକାର ଆବଦ୍ଧ ଜୀବନ ବିତାଇ ଥିବାରୁ ସରକାର ଜନସାଧାରଣଙ୍କ ସୁବିଧା ପାଇଁ ପ୍ରଥମରୁ କିଛିଟା ନିୟମକାନୁନ୍ ହ୍ରାସ କରିଥିଲେ; ଯାହାଦ୍ୱାରା ପର୍ବପର୍ବାଣି ହେଉ ବା ବିବାହ ପରି ସାମାଜିକ ଉତ୍ସବ, ହାଟ ବଜାର ହେଉ ବା ଉଦ୍ୟାନ ଓ ପରିଭ୍ରମଣ କ୍ଷେତ୍ର ତେବେ ଏସବୁ ଭିତରେ ସାମାଜିକ ଦୂରତା ରକ୍ଷା କରିବା ବହୁତ କମିଯାଇଛି। ସାଧାରଣ ଜନଜୀବନ ଚଳପ୍ରଚଳରେ ପୂର୍ବଭଳି ସହଜ ଅବସ୍ଥା ଫେରିଥିବାରୁ ଲୋକମାନେ କରୋନା ଯେପରି ଭାରତରୁ ବିଦାୟ ନେଇଗଲା ପରି ଭାବୁଛନ୍ତି; ଯାହାଫଳରେ ନୂଆ କରୋନା ପଜିଟିଭ୍ ଏବେ ସମସ୍ତଙ୍କ ପାଇଁ ସତର୍କତା ସୃଷ୍ଟି କଲାଣି। ମହାମାରୀ ବିଶେଷଜ୍ଞ ଓ ଚିକିତ୍ସା ବିଜ୍ଞାନୀଙ୍କ ଗବେଷଣାର ତଥ୍ୟ କହୁଛି, ସାମାଜିକ ଚଳପ୍ରଚଳ ଦିନକୁ ଦିନ ଯେଉଁପରି ଭାବରେ ବଢ଼ି ଚାଲୁଛି ଓ ମାସ୍କ ବା ସାମାଜିକ ଦୂରତା ରକ୍ଷା ହୋଇପାରୁନାହିଁ, ଏହାର ଫଳସ୍ୱରୂପ ଦେଶରେ ନୂଆ କରୋନା ପଜିଟିଭ୍ କେସ୍ ଧୀରେ ଧୀରେ ବଢ଼ୁଛି। ପରବର୍ତ୍ତୀ ସମୟରେ ଏହା ନିୟନ୍ତ୍ରଣାଧୀନ ନ ହେଲେ ପୁନର୍ବାର ଲକ୍‌ଡାଉନ୍, ଶଟ୍‌ଡାଉନ୍ ଓ କର୍ଫ୍ୟୁ ପୁଣି ଫେରି ଆସିବାର ସମ୍ଭାବନା ରହିଛି।

ଅନେକ କ୍ଷେତ୍ରରେ ଗୁଜବ କଥା ଶୁଣି ଅନେକ ଟିକା ନେବା ପାଇଁ ଇଚ୍ଛୁକ ହେଉନାହାନ୍ତି; ଯାହାଫଳରେ ଶତପ୍ରତିଶତ ଟିକା ଦାନ ସମ୍ଭବ ହୋଇପାରିନାହିଁ। ସେହିପରି ଭାରତରେ ନିର୍ମିତ ଟିକାର ପ୍ରଭାବ ଓ ନିୟନ୍ତ୍ରଣକୁ ନେଇ କେତେକ କ୍ଷେତ୍ରରେ ମିଥ୍ୟା ଅପପ୍ରଚାର ଯୋଗୁ ଟିକା ଗ୍ରହଣ ପ୍ରକ୍ରିୟା କମି ଯାଉଛି। ମୂଳକଥା ହେଲା କରୋନା ମହାମାରୀ ଏକ ଉଗ୍ର ସଂକ୍ରାମକ ରୋଗ ଓ ଏହାର ଚିକିତ୍ସା ପାଇଁ କୌଣସି ପ୍ରଭାବଶାଳୀ ଔଷଧ ବାହାରି ନାହିଁ। କେବଳ ଟିକାଦାନ ହିଁ ଏକ ମାତ୍ର ପନ୍ଥା। ବର୍ତ୍ତମାନ ଭାରତରେ ବିକଶିତ ହୋଇଥିବା ଦୁଇଟି ଟିକାକୁ ଗ୍ରହଣ କରିବା ଜରୁରୀ। ଏବେ ସୁଦ୍ଧା ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ଓ ବାରମ୍ବାର ହାତ ଧୋଇବା ସହ ଭିଡ଼ରୁ ଦୂରେଇବା ଓ ସାମାନ୍ୟ ଥଣ୍ଡା, କାଶ, ଜ୍ୱର ଅନୁଭବ କଲେ ତୁରନ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। କରୋନା ଟିକା ନେବା ପରେ ମଧ୍ୟ ମାସ୍କ ପିନ୍ଧନ୍ତୁ ସୁରକ୍ଷିତ ଦୂରତ୍ୱ ଅବଲମ୍ବନ କରନ୍ତୁ। ପିଲାମାନଙ୍କ ବିଦ୍ୟାଳୟ ଖୋଲି ଯାଇଥିବାରୁ ମାତାପିତାଙ୍କ ଗୁରୁଦାୟିତ୍ୱ ହେଉଛି ସେମାନଙ୍କୁ ବ୍ୟକ୍ତିଗତ ଦୂରତା ଶିକ୍ଷା ଦେବା ଓ ସାନିଟାଇଜର ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ କରିବା। କରୋନା ସଂକ୍ରମଣର ଭୟକୁ ନେଇ ଅହେତୁକ ଆଶଙ୍କା କରିବା ଜରୁରୀ ନୁହଁ କିନ୍ତୁ ଏ କ୍ଷେତ୍ରରେ ସତର୍କତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ବିଭାଗୀୟ ମୁଖ୍ୟ
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡିକାଲ କଲେଜ, କଟକ,
ମୋ:୯୪୩୭୦୫୧୯୫୭

## ପାଠକ ଶ୍ରେଷ୍ଠ ବିଚାରକ

### ମ୍ୟାନ୍‌ମାରରେ ପୁନଃ ବିଦ୍ରୋହ

ମହାଶୟ,

ସୁ ଚୀଙ୍କ ଦଳ ବିପୁଳ ଭୋଟରେ ବିଜୟ ଲାଭ ପରେ ମ୍ୟାନ୍‌ମାରରେ ସେନା ବାହିନୀ ମୁଖ୍ୟ ଓ ସେନା ବାହିନୀ ସୁ ଚୀଙ୍କୁ ଗାଦିଚ୍ୟୁତ କରି ପୁନଃ ଶାସନ କ୍ଷମତା ଦଖଲ କରି ନିଜର କ୍ଷମତା ଲିପ୍‌ସାର ନିର୍ଲଜ୍ଜ ପରିଚୟ ଦେଇଛନ୍ତି। ଏଥିରେ ସ୍ପଷ୍ଟ ଅନୁମେୟ ମ୍ୟାନ୍‌ମାରର ସେନାବାହିନୀ କ୍ଷମତାର ମଧୁ ଚାଖିବାର ନିଶା ଛାଡି ପାରି ନାହାନ୍ତି । ଅତୀତରେ ମ୍ୟାନ୍‌ମାର ସାମାରିକ ବାହିନୀ ସୁ ଚୀଙ୍କୁ ଗାଦିଚ୍ୟୁତ କରି ଦୀର୍ଘଦିନ ଗୃହ ବନ୍ଦୀ କରି ରଖିବା ପରେ ମୁକ୍ତ କରିଥିଲେ ଓ ଶାସନଭାର ଅର୍ପଣ କରିଥିଲେ। ଏହା ଯେ ସମ୍ପୂର୍ଣ୍ଣଭାବରେ ଅଗଣତାନ୍ତ୍ରିକ ପଦକ୍ଷେପ ଥିଲା, ଏହା ତତ୍କାଳୀନ ମ୍ୟାନ୍‌ମାର ସାମରିକବାହିନୀ ମାନିବାକୁ ପ୍ରସ୍ତୁତ ନ ଥିଲା, କି ଅନ୍ତର୍ଜାତୀୟ ଚାପ ଆଗରେ ମଥାନତ କରି ନ ଥିଲା। ସୁ ଚୀଙ୍କୁ ଗୃହବନ୍ଦୀ କରି ସାମରିକ ସରକାର ବନ୍ଧୁକ ଗୁଳିର ଧମକ ଦେଖାଇ ଶାରୀରିକ, ମାନସିକ ନିର୍ଯାତନା ଦେବା ଖବରକାଗଜରୁ ପଢ଼ି ମର୍ମାହତ ହୋଇ ପଡିଥିଲି। ଏଥର ସାମରିକ ବିଦ୍ରୋହର ଏକମାତ୍ର କାରଣ ଭୋଟରେ ବ୍ୟାପକ ଜାଲିଆତି ହୋଇଥିଲା । କିନ୍ତୁ ସେ ଦେଶର ନିର୍ବାଚନ କମିଶନର ମନା କରୁଛନ୍ତି ଭୋଟରେ ଜାଲିଆତି ହୋଇନି। ଅଥଚ ସାମରିକ ବାହିନୀ ସତକୁ ମିଥ୍ୟା କହି ଜଣେ ଲୋକପ୍ରିୟ ଗଣତନ୍ତ୍ର ସପକ୍ଷବାଦୀ ନୋବେଲ ପୁରସ୍କାର ବିଜୟିନୀ ନେତ୍ରୀଙ୍କୁ ଅପମାନ ଦେଇ ଗାଦିଚ୍ୟୁତ କରିବା ନିଶ୍ଚିତ ଭାବରେ ଅଶୋଭନୀୟ ଏବଂ ଲଜ୍ଜାକର।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ରାସ୍ତାରେ ଯିବା ସମୟରେ ଛକ ବଜାରରେ ଆମେ ଅସହାୟ ପିଲାମାନଙ୍କୁ ଦେଖି ଚାଲିଯାଉ। କିନ୍ତୁ ବାରାଣସୀର ଦମ୍ପତି ଆଶିଷ ଓ ପୂଜା ସିଂଙ୍କର ସେମାନଙ୍କ ପ୍ରତି ଚିନ୍ତାଧାରା ଭିନ୍ନ ରହିଛି। ଆଶିଷ ଜଣେ ଡାକ୍ତର ଓ ତାଙ୍କ ବୟସ ୪୩। ସେ ଓ ତାଙ୍କ ସ୍ତ୍ରୀ ଦୀର୍ଘ ୨୦ ବର୍ଷ ହେବ ବାରାଣସୀର ବିଭିନ୍ନ ସ୍ଥାନରୁ ନିଶାସକ୍ତ ଅସହାୟ ପିଲାମାନଙ୍କୁ ଉଦ୍ଧାର କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି। ଏଯାବତ ଦୁହେଁ ଏଭଳି ୫୦ ଜଣ ପିଲାଙ୍କୁ ଉଦ୍ଧାର କରିସାରିଛନ୍ତି। ପ୍ରଥମେ ୨୦୦୨ରେ ସେମାନେ ବାରାଣସୀ ରେଲୱେ ଷ୍ଟେଶନ ନିକଟରୁ ୩ ଜଣ ପିଲାଙ୍କୁ ଉଦ୍ଧାର କରି ନିଜ ଘରେ ରଖିଥିଲେ। ପିଲାମାନଙ୍କୁ ଉଦ୍ଧାର କରିବାରେ ଦମ୍ପତିଙ୍କୁ ବିଭିନ୍ନ ଅଞ୍ଚଳର ଥାନା ମଧ୍ୟ ସହଯୋଗ କରୁଛି। ପରେ ସେ ୨୦ ଜଣ ପିଲାଙ୍କୁ ନିଜ ଘରେ ରଖି 'କୁମ୍ଭ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ସେମାନଙ୍କ ସେବା କରିଥିଲେ। ସେମାନଙ୍କ ନିଶାଭ୍ୟାସ ଛଡ଼ାଇବା ସହ ଶିକ୍ଷାପ୍ରଦାନ କରିବାର ବ୍ୟବସ୍ଥା କରିଥିଲେ। ୨୦୦୯ରେ ସେମାନେ ୩ ଏକର ଜମିରେ କୁମ୍ଭ ଗ୍ରାମ ନିର୍ମାଣ କରି ସେଠାରେ ଏବେ ୫୦ ଜଣ ପିଲାଙ୍କୁ ଥଇଥାନ କରିଛନ୍ତି। ଜମି ଓ ଘର ପାଇଁ ତାଙ୍କୁ ଦେଶ ବିଦେଶରୁ ଅନୁଦାନ ମିଳୁଛି। ପ୍ରଥମେ ଯେଉଁ ଘରେ ପିଲାମାନଙ୍କୁ ସେମାନେ ଥଇଥାନ କରିଥିଲେ ସେଠାରେ ଆଶିଷ ରୋଗୀ ଚିକିତ୍ସା କରୁଛନ୍ତି । କୁମ୍ଭ ଗ୍ରାମରେ ସେମାନେ ମହିଳାଙ୍କୁ ସିଲାଇ, ଧୂପକାଠି ତିଆରି, ମାଟିପାତ୍ର ଗଢା ସହ ସ୍ୱାବଲମ୍ବୀ ହେବା ଭଳି ଅନ୍ୟସବୁ କାର୍ଯ୍ୟ ଉପରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଫେବୃୟାରୀ ୧୯୯୬

- ବ୍ରାଜିଲର ବେଲୁ ହୋରିଜୋଣ୍ଟେ ସହର ନିକଟବର୍ତ୍ତୀ ମୁଖ୍ୟ ରାସ୍ତାରେ ଏକ ବସ୍ ୬୫ ଫୁଟ ତଳକୁ ଖସିପଡ଼ିବା ଫଳରେ ୩୧ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଦିଲ୍ଲୀର ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ମଦନଲାଲ ଖୁରାନା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ଦେଶର ୩୦ଟି ସହରରେ ସାଧାରଣ ଭ୍ରାମ୍ୟମାଣ ରେଡିଓ ଟ୍ରଙ୍କ ସେବା ବ୍ୟବସ୍ଥା ପ୍ରଚଳନ ପାଇଁ ଟେଲି ଯୋଗାଯୋଗ ବିଭାଗ ୪ଟି ଘରୋଇ କମ୍ପାନୀ ସହ ଲାଇସେନ୍ସ ରାଜିନାମା ସ୍ୱାକ୍ଷର କରିଛି।





# କୃଷକ ସଶକ୍ତୀକରଣକୁ ଗୁରୁତ୍ୱ

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ଯାହାର ଅର୍ଥନୀତି ବିଶେଷକରି ଗ୍ରାମ୍ୟ ଓ କୃଷିଭିତ୍ତିକ। କୃଷି ରାଜ୍ୟର ବଡ଼ ନିଯୁକ୍ତି କ୍ଷେତ୍ର ଭାବେ ମୋଟ ଶ୍ରମବଳର ପ୍ରାୟ ୫୦% ଲୋକଙ୍କୁ ଜୀବିକା ଯୋଗାଇଥାଏ। ଏଥିସକାଶେ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ସରକାର କୃଷି କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ କୃଷକଙ୍କ ଆୟବୃଦ୍ଧି ପାଇଁ ବିଭିନ୍ନ ଯୋଜନାରେ ମୋଟ ୧୭,୪୬୮ କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିଛନ୍ତି। ଗତ ଆର୍ଥିକ ବର୍ଷ(୨୦୨୦-୨୧)ର ଆକଳନ ଅନୁସାରେ ଗ୍ରସ୍ ଷ୍ଟେଟ୍ ଭାଲ୍ୟୁ ଆଡେଡ୍ (ଜିଏସ୍‌ଭିଏ)ର ପ୍ରାୟ ୨୧% ହେଉଛି ଏହି କ୍ଷେତ୍ରର ଯୋଗଦାନ। କୃଷି କ୍ଷେତ୍ରର ସାମଗ୍ରିକ ତ୍ୱରିତ ବିକାଶ ମାଧ୍ୟମରେ କୃଷକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବଡ଼ଧରଣର ପରିବର୍ତ୍ତନ ଆଣିବା ପାଇଁ ଏହି ବଜେଟରେ ଗବେଷଣା, ଉନ୍ନୟନ ଏବଂ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି।



ଚାଷୀଙ୍କ ଆର୍ଥିକ ପ୍ରଗତିକୁ ସୁନିଶ୍ଚିତ କରିବାରେ ଜଳସେଚନ ପ୍ରମୁଖ ଭୂମିକା ନେଇଥାଏ। ୨୦୨୧-୨୨ ଆର୍ଥିକ ବର୍ଷରେ ଅତିରିକ୍ତ ୨ଲକ୍ଷ ୭୪ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ନିର୍ମାଣାଧୀନ ସମସ୍ତ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସଚେନ ପ୍ରକଳ୍ପକୁ ଆସନ୍ତା ୨ରୁ ୩ବର୍ଷ ଭିତରେ ସମ୍ପୂର୍ଣ୍ଣ କରାଯିବ। ଏଥିସହିତ ୨୦୨୧-୨୨ ଆର୍ଥିକ ବର୍ଷରେ କଳାହାଣ୍ଡି ଜିଲାର ସାନ୍ଦୁଲ ଓ ନବରଙ୍ଗପୁର ଜିଲାର ତୁରୀ-ଗୁଣ୍ଡାତରେ ୨ ନୂଆ ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟାରମ୍ଭ ହେବ। ସେହିପରି ପିଏମ୍‌କେଏସ୍‌ୱାଇ ଅଧୀନରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡ଼ିକୁ ତ୍ୱରିତ ଜଳସେଚନ ସୁବିଧା ଯୋଜନା (ଏଆଇବିପି)ରେ ସମ୍ପୂର୍ଣ୍ଣ କରିବା ପାଇଁ ୨୨୫୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାବାଦ୍ ରାଜ୍ୟ ପାଣ୍ଠିରୁ ପ୍ରଚଳିତ ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏସ୍‌ଆଇଡିପି) ପାଇଁ ୪୫୪ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

## ୨.୭୪ ଲକ୍ଷ ହେକ୍ଟର ଜମିକୁ ପାଣି



## ୧୭,୪୬୮ କୋଟିର କୃଷି ବଜେଟ

### ■ କାଳିଆ ଯୋଜନା: ୧୮୦୦ କୋଟି

ରାଜ୍ୟର କୃଷି ବିକାଶକୁ ତ୍ୱରାନ୍ୱିତ କରିବା ସହ ଦାରିଦ୍ର୍ୟ ହ୍ରାସ ଲକ୍ଷ୍ୟ ନେଇ ୨୦୧୮-୧୯ରେ କୃଷକ ଆସିଷ୍ଟାନ୍ସ ଫର୍ ଲାଇଭଲିହୁଡ୍ ଆଣ୍ଡ ଇନକମ୍ ଅଗ୍‌ମେଣ୍ଟେଶନ(କାଳିଆ) ଯୋଜନା ପ୍ରଣୟନ କରାଯାଇଥିଲା। ଏହି ଯୋଜନାରେ ହିତାଧିକାରୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ କାଳିଆ ମେଧାବୃତ୍ତି ଦିଆଯିବ। ୨୦୨୧-୨୨ ଆର୍ଥିକ ବର୍ଷରେ ଉକ୍ତ ସହାୟତାକୁ ଚାଲୁ ରଖିବା ପାଇଁ ୧୮୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

### ■ ପରମ୍ପରାଗତ କୃଷି ବିକାଶ ଯୋଜନା: ୩୫ କୋଟି

୨୦,୮୦୦ ହେକ୍ଟରରୁ ଅଧିକ ଜମିରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦିଆଯାଇଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପରମ୍ପରାଗତ କୃଷି ବିକାଶ ଯୋଜନାରେ ୩୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ■ ସାର ଓ ବିହନ ପାଇଁ ୨୦୦ କୋଟି

ଉତ୍ତମ ମାନର ଫସଲ ଉତ୍ପାଦନ ପାଇଁ ବିହନ ଓ ସାର ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଚାଷୀଙ୍କୁ ଆଗୁଆ ବିହନ ଯୋଗାଇ ଦେବା ପାଇଁ ୧୦୦ କୋଟି ଟଙ୍କା ଏବଂ ସାର ଯୋଗାଇବା ପାଇଁ ଆଉ ୧୦୦ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ବ୍ୟବସ୍ଥା କରାଯାଇଛି।



### ■ କୃଷି ଗବେଷଣା ଓ ଭିତ୍ତିଭୂମି ବିକାଶ: ୧୪୮ କୋଟି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)କୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ସହ କୃଷି ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନଦଣ୍ଡ ସୃଷ୍ଟି କରିବା ସରକାରଙ୍କ ସ୍ୱପ୍ନ। ଏହାକୁ ପୂରଣ କରିବା ପାଇଁ କୃଷି ଗବେଷଣା, ଶିକ୍ଷା ଓ ଭିତ୍ତିଭୂମି ବିକାଶ ଲାଗି ୧୪୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ୨୦୧୯-୨୦ ଆର୍ଥିକ ବର୍ଷ ତୁଳନାରେ ୫ଗୁଣ ଅଧିକ।

### ■ ଉଦ୍ୟାନ କୃଷି: ୨୫୨ କୋଟି

ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ 'ଉଦ୍ୟାନ କୃଷି ବିକାଶ କାର୍ଯ୍ୟକ୍ରମ' ଅଧୀନରେ ୧୩୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଉଦ୍ୟାନ କୃଷି ପାଇଁ ରାଜ୍ୟରେ ଉପଲବ୍ଧ ସର୍ବାଧିକ କ୍ଷମତାର ଉପଯୋଗ କରି ସମସ୍ତ ପ୍ରକାର ଉଦ୍ୟାନ ଫସଲ ଉତ୍ପାଦନ ବୃଦ୍ଧି ନିମନ୍ତେ ଜାତୀୟ ଉଦ୍ୟାନ କୃଷି ମିଶନରେ ୧୨୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

### ■ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା: ୪୫୦ କୋଟି

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ସମ୍ମିଳିତ ତଥା ସମନ୍ୱିତ ବିକାଶ ଜରିଆରେ କୃଷି କ୍ଷେତ୍ରକୁ ଆର୍ଥିକ କାରବାରର ଏକ ପ୍ରମୁଖ ଉତ୍ସ ଭାବେ ବିକଶିତ କରିବା ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୪୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।



### ■ ଏଫ୍‌ପିଓକୁ ୬୦ କୋଟି

ନିରନ୍ତର ବିକାଶ ଲକ୍ଷ୍ୟ ନେଇ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସହ ଜଡ଼ିତ ସମ୍ବଳର ଉତ୍ପାଦନ, ଏକତ୍ରୀକରଣ, ଭଣ୍ଡାରଣ, ପ୍ରକ୍ରିୟାକରଣ, ବିତରଣ ଓ ବିପଣନ ସକାଶେ କୃଷକ ଉତ୍ପାଦକ ସଂଗଠନ(ଏଫ୍‌ପିଓ)କୁ ୬୦ କୋଟି ଟଙ୍କା ସହାୟତା ଦିଆଯିବ।

### ■ ମିଲେଟ୍ ମିଶନକୁ ୧୦୬ କୋଟି

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାଣ୍ଡିଆ ଆଦି ଚାଷ କରୁଥିବା କୃଷକମାନଙ୍କ ପୋଷଣୀୟ ନିରାପତ୍ତା ତଥା ସେମାନଙ୍କୁ ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ମିଲେଟ୍ ମିଶନ ଯୋଜନାରେ ୧୦୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ଜଳ ସଂରକ୍ଷଣ: ୭୯୫ କୋଟି

ଦେଶର ୧୧% ଜଳ ସମ୍ପଦ ଓଡ଼ିଶାରେ ରହିଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ବର୍ଦ୍ଧିତ ଉପକୂଳ ପ୍ରଭାବ ହ୍ରାସ, ଭୂପୃଷ୍ଠ ଜଳର ସଂରକ୍ଷଣ ଏବଂ ଜଳଧାରଣ କ୍ଷମତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ଏହି କ୍ରମରେ ୮ଟି ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍ସ (ଆଇଏସ୍‌ଏସ୍) ନିର୍ମାଣ ହାତକୁ ନିଆଯାଇଛି। ୭୯୫ କୋଟି ଟଙ୍କା ବ୍ୟୟରେ ଆହୁରି ୨୩ ନୂଆ ଆଇଏସ୍‌ଏସ୍ ନିର୍ମାଣ କରାଯିବ, ଯାହାକି ଜଳ ସଂରକ୍ଷଣ ଓ ବ୍ୟବହାର କ୍ଷେତ୍ରରେ ଏକ ନିର୍ଣ୍ଣାୟକ ପଦକ୍ଷେପ।

### ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ: ୭୧୦ କୋଟି

ଓଡ଼ିଶା ପ୍ରାୟ ପ୍ରତିବର୍ଷ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଥାଏ। ଏହାକୁ ଦୃଷ୍ଟିରେ ରଖି ବନ୍ୟା ନିୟନ୍ତ୍ରଣ ଓ ପରବର୍ତ୍ତୀ ସମୟରେ ଜଳ ନିଷ୍କାସନ ନିମନ୍ତେ ସରକାର ୭୧୦ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରିଛନ୍ତି।

### ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ: ୮୬୦ କୋଟି

୨୦୧୩-୧୪ ଆର୍ଥିକ ବର୍ଷରୁ ରାଜ୍ୟର ଢିପ ଜମିକୁ ଜଳସଚେନ ସୁବିଧା ଦେବା ପାଇଁ ସରକାର ପାର୍ବତୀ ଗିରି ବୃହତ୍ ଉଠା ଜଳସଚେନ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ୬୦ଟି ଚାଲୁ ରହିଥିବା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ସରକାର ୨୦୨୧-୨୨ ଆର୍ଥିକ ବର୍ଷରେ ୮୬୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

### ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି: ୯୬୯ କୋଟି

୨୦୨୧-୨୨ ଆର୍ଥିକ ବର୍ଷରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ନିମନ୍ତେ ଜଳନିଧି ଯୋଜନା ପାଇଁ ନାବାର୍ଡର ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆର୍‌ଆଇଡିଏଫ୍) ସହାୟତାରେ ୧୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ୨୧ ହଜାର ଗଭୀର ନଳକୂପ ଖନନ ସମ୍ପୂର୍ଣ୍ଣ କରିବା ଲାଗି ଡିପ୍ ବୋର୍‌ୱେଲ୍ ସେଚ କାର୍ଯ୍ୟକ୍ରମ ଅଧୀନରେ ୩୮୯ କୋଟି ଆବଣ୍ଟନ କରାଯାଇଛି। ୧୫୦୦ ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟ ସ୍ଥାପନ ପାଇଁ ବିଜୁ କୃଷକ ଯୋଜନାରେ ୪୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ସିଏଡିପିଡବ୍ଲ୍ୟୁଏମ୍‌ଏ: ୮୧ କୋଟି

ଜଳ ବ୍ୟବହାର ଦକ୍ଷତାରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଇ ଆସୁଛନ୍ତି। ଜଳର ସମ ବିତରଣ ସୁନିଶ୍ଚିତ କରିବା ସକାଶେ ସେଚାଞ୍ଚଳ ଉନ୍ନୟନ ଓ ଜଳ ପ୍ରବନ୍ଧନ ଯୋଜନା (ସିଏଡିପିଡବ୍ଲ୍ୟୁଏମ୍‌ଏ)ରେ ୮୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ଜଳ କ୍ଷତି କମାଇବା ପାଇଁ ୧୦୧ କୋଟି

କେନାଲରେ ଜଳ ସଞ୍ଚାଳନ କ୍ଷତିକୁ କମାଇବା ପାଇଁ କେନାଲ ଲାଇନିଂ ସିଷ୍ଟମ୍ ରିହାବିଲିଟେଶନ ପ୍ରୋଗ୍ରାମ (ସିଏଲ୍‌ଏସ୍‌ଆର୍‌ପି)ରେ ୧୦୧ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

### ସେଚ ପ୍ରକଳ୍ପର ଆଧୁନିକୀକରଣ: ୭୭ କୋଟି



ପୁରୁଣା ସେଚ ପ୍ରକଳ୍ପଗୁଡ଼ିକର ଆଧୁନିକୀକରଣ ପାଇଁ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ ୭୭ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

### କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନବୀକରଣ: ୨୦୦ କୋଟି

ବିଶ୍ୱବ୍ୟାଙ୍କ ସହାୟତାରେ ୧୫ ଜିଲାରେ ଥିବା ୫୩୮ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ନବୀକରଣ ଓ ପୁନରୁଦ୍ଧାର ନିମନ୍ତେ ଜଳବାୟୁ ସହନୀୟ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ(ଓଆଇଆଇପିସିଆର୍‌ଏ) ଯୋଜନା ହାତକୁ ନିଆଯାଇଛି। ଏଥିସକାଶେ ୨୦୨୧-୨୨ ଆର୍ଥିକ ବର୍ଷରେ ୨୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ପ୍ରାଣୀ ଓ ଗୋପାଳନ



- ◆ ପ୍ରାଣୀ ଓ ଗୋପାଳନ ମାଧ୍ୟମରେ ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତି ଓ ମହିଳା ସଶକ୍ତୀକରଣ ପାଇଁ ପର୍ଯ୍ୟାପ୍ତ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରୀୟ ପ୍ରାଣୀଧନ ବିକାଶ ଯୋଜନାରେ ଗୋପାଳନ ଉନ୍ନୟନ ଓ ପ୍ରାଣୀଧନ ପରିଚାଳନା ପାଇଁ ୧୦୨ କୋଟି ଟଙ୍କା ବ୍ୟୟ କରାଯିବ।
- ◆ ଉନ୍ନତମାନର ଦୁଗ୍ଧ ପ୍ରକ୍ରିୟାକରଣ ପାଇଁ ଓମ୍‌ଫେଡ୍ ଜରିଆରେ ୫ ଲକ୍ଷ ଏଲ୍‌ପିଡି ବିଶିଷ୍ଟ ଡାଏରୀ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏଥିସକାଶେ ଆର୍‌ଆଇଡିଏଫ୍ ସହାୟତାରେ ୩୪ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।
- ◆ ସମସ୍ତ ବ୍ଲକରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ପ୍ରାଣୀମାନଙ୍କୁ ଗୁହାଳରେ ସେବା ପ୍ରଦାନ ପାଇଁ ଭ୍ରାମ୍ୟମାଣ ୟୁନିଟ୍ ସକାଶେ ୨୧ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।
- ◆ ପ୍ରାଣୀଧନ ସ୍ୱାସ୍ଥ୍ୟସେବା ଉନ୍ନୟନ ପାଇଁ ୧୦୦ କୋଟି ବ୍ୟୟ କରାଯିବ।
- ◆ ନୂତନ ବ୍ରୟଲର ଫାର୍ମ, ବତକ ଫାର୍ମ ଓ କୁକୁଡ଼ା ପାଳନ ୟୁନିଟ୍ ପାଇଁ ୫୧ କୋଟି ଟଙ୍କା ଖର୍ଚ୍ଚ କରାଯିବ।
- ◆ ସହରାଞ୍ଚଳରେ ଆଘାତପ୍ରାପ୍ତ ଓ ବ୍ୟଥିତ ପ୍ରାଣୀଙ୍କୁ ଜରୁରୀ ଚିକିତ୍ସା ପ୍ରଦାନ ଲାଗି ୧୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।
- ◆ ପ୍ରାଣୀଧନ ବିକାଶ ପାଇଁ ପ୍ରାଣୀ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଶିକ୍ଷା ଓ ଗବେଷଣା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ୩୦ କୋଟି ଟଙ୍କା ବ୍ୟୟରେ ଏକ ପ୍ରାଣୀ ଚିକିତ୍ସା ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ପ୍ରସ୍ତାବ ରହିଛି।

## ସଂଯୋଜନ ଜରିଆରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର



- ◆ ଏମ୍‌ଜିଏନ୍‌ଆରଜିଏ ପାଣ୍ଠିରୁ ସଂଯୋଜନ ମାଧ୍ୟମରେ ୧୯୬୬ କୋଟି ଟଙ୍କା ବ୍ୟୟ କରାଯାଇ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଓ ପ୍ରାଣୀପାଳନ ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାପକ କରାଯିବ।
- ◆ ଜଳସେଚନ କ୍ଷମତା ସୃଷ୍ଟି ଏବଂ ଜୀବିକା ବିକାଶ ନିମନ୍ତେ ଓଡ଼ିଶା ଖଣିଜ ସମ୍ପଦ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ଏବଂ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ରୁ ସଂଯୋଜନ ଜରିଆରେ ୪୪୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଅର୍ଥରେ ଜଳ ବିଭାଜିକା ବିକାଶ, ଜଳ ସଞ୍ଚୟନ, ସଂରଚନା, ବୃହତ୍ ଉଠାଜଳସଚେନ ପ୍ରକଳ୍ପ, ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଆଡ଼ିବନ୍ଧ ନିର୍ମାଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯିବ।
- ◆ ୨୦୨୧-୨୨ ଆର୍ଥିକ ବର୍ଷରେ ଉଭୟ ବଜେଟ ଏବଂ ବଜେଟ ବହିର୍ଭୂତ ସମ୍ବଳରୁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ମୋଟ ନିବେଶ ପ୍ରାୟ ୨୦ ହଜାର କୋଟି ଟଙ୍କା ହେବ।

### ଆନୁଷଙ୍ଗିକ କାର୍ଯ୍ୟକ୍ରମ ପାଇଁ ୧୪୧୫ କୋଟି

ଅଣକୃଷି କାର୍ଯ୍ୟକ୍ରମ କୃଷକମାନଙ୍କ ଆୟ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆନୁଷଙ୍ଗିକ କ୍ଷେତ୍ରକୁ କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷି ଉଦ୍ୟୋଗୀମାନଙ୍କ ବିକାଶ ଦିଗରେ ମୁକ୍ତ ସଞ୍ଚାଳକ ଭାବେ ସରକାର ଚିହ୍ନଟ କରିଛନ୍ତି। ଏହିକାରଣରୁ ମତ୍ସ୍ୟଚାଷ ଓ ପଶୁପାଳନ କ୍ଷେତ୍ରରେ ପୂର୍ବବର୍ଷ ତୁଳନାରେ ୧୭% ଅର୍ଥରାଶି ବୃଦ୍ଧି କରି ୧୪୧୫ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି।

## କୃଷି ଋଣ

### ୮୧୯ କୋଟିର ସୁଧ ରିହାତି

**ଚାଷୀଙ୍କ ପାଇଁ ଅମଳ ବୃଦ୍ଧିରେ କୃଷି ଋଣ ବିଶେଷ ସହାୟକ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସରକାର ଚାଷୀଙ୍କୁ କାଳିଆ ଯୋଜନାରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଶୂନ ପ୍ରତିଶତ ସୁଧରେ କୃଷିଋଣ ଯୋଗାଇ ଆସୁଛନ୍ତି। ସରକାରଙ୍କ ସଙ୍କଳ୍ପ ମୁତାବକ ୫୦ ହଜାରରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨% ରିହାତି ସୁଧରେ ଋଣ ଦିଆଯାଉଛି। ଏଥିପାଇଁ ସୁଧ ସବ୍‌ସିଡି/ଆର୍ଥିକ ସହାୟତା ଯୋଜନାରେ ଚାଷୀଙ୍କୁ ସୁଧ ରିହାତି ପ୍ରଦାନ ନିମନ୍ତେ ୮୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।**

### ସମବାୟ ବ୍ୟାଙ୍କ ଦେବ ୧୬ ହଜାର କୋଟି ଟଙ୍କାର ଋଣ

ଦେଶରେ ସମବାୟ ସଂସ୍ଥାଗୁଡ଼ିକ କୃଷିଋଣର ମାତ୍ର ୧୭% ବ୍ୟୟ ବହନ କରୁଥିବାବେଳେ ଓଡ଼ିଶା ସରକାର ଶତକଡ଼ା ୬୫ ଭାଗ ବହନ କରୁଛନ୍ତି। ୨୦୨୧-୨୨ରେ ସମବାୟ ବ୍ୟାଙ୍କଗୁଡ଼ିକ ୧୬ ହଜାର କୋଟି ଟଙ୍କାର କୃଷିଋଣ ପ୍ରଦାନ କରିବେ। ସମବାୟ ସଂସ୍ଥାଗୁଡ଼ିକୁ ୨୪ କୋଟି, ସମବାୟ ବ୍ୟାଙ୍କଗୁଡ଼ିକୁ ସାଧାରଣ ଅଂଶ ସହାୟତା ପାଇଁ ୫୦ କୋଟି ଏବଂ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ଗୁଡ଼ିକୁ ପୁଞ୍ଜିଅଂଶ ନିବେଶ ବାବଦକୁ ୫୦ କୋଟି ଟଙ୍କା ପ୍ରଦାନ କରାଯିବ।



### କ୍ଷତିପୂରଣ ପାଇଁ ୫୦୦ କୋଟି

ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଜୀବିକା ଓ ରୋଜଗାର ଜନିତ କ୍ଷତିରୁ ଚାଷୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ ହେଉଛି। ଚଳିତ ଆର୍ଥିକ ବର୍ଷରେ ଚାଷୀମାନଙ୍କୁ ତ୍ୱରିତ ସହାୟତା ଓ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ୫୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ମତ୍ସ୍ୟଚାଷ



- ◆ ମତ୍ସ୍ୟ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ଲକ୍ଷ୍ୟରେ କ୍ଷାରଜଳ ମତ୍ସ୍ୟ ଚାଷ, ସାମୁଦ୍ରିକ ମତ୍ସ୍ୟାଚାଷ, ସଘନ ଓ ଆଭ୍ୟନ୍ତରୀଣ ଉନ୍ନୟନ ନିମନ୍ତେ ୧୩୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।
- ◆ ମାଛଚାଷ ପାଇଁ ପୋଖରୀ ଖୋଳା ଯୋଜନାରେ ୪ ହଜାରରୁ ଅଧିକ ମତ୍ସ୍ୟଚାଷୀଙ୍କୁ ନୂତନ ମାଛ ଟାଙ୍କି ନିର୍ମାଣ କରି ମଧୁର ଜଳରେ ସଘନ ମାଛ ଚାଷ ନିମନ୍ତେ ୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।
- ◆ ଆଗୁଆ ଯାଆଁଳ ପ୍ରଜନନ ଓ ପାଳନ ପାଇଁ ମତ୍ସ୍ୟ ଫାର୍ମର ବିକାଶ, ମତ୍ସ୍ୟ ଅବତରଣ କେନ୍ଦ୍ରର ଆଧୁନିକୀକରଣ ଏବଂ ସହରାଞ୍ଚଳରେ ମଡର୍ନ ହାଇଜେନିକ ଫିସ୍ ମାର୍କେଟ୍ ପ୍ରତିଷ୍ଠା ପାଇଁ ବଜେଟରେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।
- ◆ ୨୦୦୦ ହେକ୍ଟର ଗ୍ରାମ ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାଛ ଚାଷ ପାଇଁ ୧୯ କୋଟି ଟଙ୍କା ଇନ୍‌ପୁଟ୍ ସହାୟତା ଦିଆଯିବ।
- ◆ ଓଡ଼ିଶାର ଉପକୂଳ ଅଞ୍ଚଳରେ ବାତ୍ୟା ଓ ସାମୁଦ୍ରିକ ଝଡ଼ ବେଳେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଥାଏ। ଏଭଳି ସମୟରେ ସେମାନଙ୍କୁ ବିକଳ୍ପ ଜୀବିକା ପ୍ରଦାନ ସକାଶେ ୯ କୋଟି ଟଙ୍କା ଦେବା ପାଇଁ ବ୍ୟବସ୍ଥା କରାଯାଇଛି।

# ଚନ୍ଦ୍ରଭାଗାରେ ବିଚ୍ ଫୁଟ୍‌ବଲ ଆରମ୍ଭ

କୋଣାର୍କ ୨୨।୨ (ଡି.ଏନ୍.ଏ)

କୋଣାର୍କସ୍ଥିତ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମିରେ ଦୁଇ ଦିନିଆ ବିଚ୍ ଫୁଟ୍‌ବଲ ମହୋତ୍ସବ ସୋମବାର ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ସହଯୋଗରେ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍ (ସିଆଇଆଇ) ପକ୍ଷରୁ ଏହି ଇଭେଣ୍ଟ ଆୟୋଜିତ ହୋଇଛି। ଟୁର୍ନାମେଣ୍ଟର ନାମ 'ବିଚ୍ ସକ୍କର ୨୦୨୧' ରଖାଯାଇଛି। ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଇଭେଣ୍ଟର ଟେକ୍‌ନିକାଲ ପାର୍ଟନର ରହିଛି। ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବଂ ରଞ୍ଜିତା ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୈକତ ରାୟ ଚୌଧୁରୀ (ସିଆଇଆଇର ପୂର୍ବ ଓ ଉତ୍ତରପୂର୍ବ ଆଞ୍ଚଳିକ ନିର୍ଦ୍ଦେଶକ), ବିନୟ ଦାଶ (ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍, ପୁରୀ), ଓଡ଼ିଶା ଏଫ୍‌ସି ଏବଂ ସିଆଇଆଇର ଓଡ଼ିଶା ରାଜ୍ୟ କାଉନ୍‌ସିଲର ସଦସ୍ୟଗଣ ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟରେ ପ୍ରଥମ ଥର ଏଭଳି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ଏହା ଏକ କର୍ପୋରେଟ୍ ବିଚ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ହୋଇଥିବାରୁ ଶିଳ୍ପ ସଦସ୍ୟମାନେ କେବଳ ଏଥିରେ ଅଂଶଗ୍ରହଣ କରିପାରିବେ। ଓଡ଼ିଶାରେ ପର୍ଯ୍ୟଟନ, ସ୍ୱାସ୍ଥ୍ୟ ଓ କ୍ରୀଡ଼ା ଭିତ୍ତିଭୂମିର ପ୍ରଚାର ଓ ପ୍ରସାର ଅଭିପ୍ରାୟ ନେଇ ଏହି ଇଭେଣ୍ଟର ଆୟୋଜନ କରାଯାଇଛି। ଏଥିରେ ଭାଗ ନେଇଥିବା ୧୦ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ଏ'ରେ ଓଡ଼ିଶା ଟୁରିଜମ୍, ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍, ସିଏସ୍ଏମ୍, ନାଲ୍‌କୋ ଓ ଟାଟା ଷ୍ଟିଲ ରହିଛନ୍ତି। ସେହିପରି ଗ୍ରୁପ୍ ବି'ରେ ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍, ପାରାଦୀପ ପୋର୍ଟ ଟ୍ରଷ୍ଟ, ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଏବଂ ଗୁପ୍ତା ପାୱାର ରହିଛନ୍ତି।



ମହିଳା ଫୁଟ୍‌ବଲ୍ ତାରକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# ଓଡ଼ିଶାର ଦ୍ୱିତୀୟ ପରାଜୟ

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଏକଦିବସୀୟ ଘରୋଇ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୮ ଉଇକେଟରେ ରେଲୱେଠାରୁ ହାରି ଯାଇଛି। ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୨୩୧ ରନର ବିଜୟ ଲକ୍ଷ୍ୟକୁ ରେଲୱେ ୪୪.୩ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଚଳିତ ଟୁର୍ନାମେଣ୍ଟରେ ଓଡ଼ିଶା ଦଳର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଦଳ ଏହାର ପ୍ରଥମ ମ୍ୟାଚରେ ଭିଜେଡି ନିୟମ ଅନୁସାରେ କେରଳଠାରୁ ହାରି ଯାଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୪୯.୩ ଓଭରରେ ୨୩୦ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଅଙ୍କିତ ଯାଦବ ସର୍ବାଧିକ ୪୮(୪୨ ବଲ, ୭ ଚୌକା) ଏବଂ ଅଧିନାୟକ ଶାନ୍ତନୁ ମହାପାତ୍ର ଓ ରାଜେଶ ଧୂପର ୩୬ ରନ ଲେଖାଏ ସ୍କୋର କରିଥିଲେ। ବିପକ୍ଷ ଦଳର ପ୍ରଦୀପ ଟି. ୩ଟି, ହିମାଂଶୁ ସଙ୍ଗୱାନ ଓ ଶିବମ ଚୌଧାରୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରେଲୱେ ୪୪.୩ ଓଭରରେ ମାତ୍ର ୨ ଉଇକେଟ ହରାଇ ୨୩୧ ରନ ସଂଗ୍ରହ କରି ନେଇଥିଲା। ଦୁଇ ଓପନର ମୃଣାଳ ଦେବଧର ଓ ପ୍ରଥମ ସିଂ ଯଥାକ୍ରମେ ୪୪ ଓ ୬୩ ରନ କରି ଆଉଟ ହୋଇଥିବାବେଳେ ଶିବମ ଚୌଧାରୀ ୮୧(୮୪ ବଲ, ୫ ଚୌକା, ୩ ଛକା) ଓ ଅରିନ୍ଦମ ଘୋଷ ୩୯(୪୯ ବଲ, ୪ ଚୌକା) ରନ୍‌ରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୌରଭ କନୋଜା ଓ ଶାନ୍ତନୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୪୯.୩ ଓଭରରେ ୨୩୦/ଅଲଆଉଟ(ଅଙ୍କିତ-୪୮, ଶାନ୍ତନୁ-୩୬, ରାଜେଶ-୩୬, ପ୍ରଦୀପ-୩/୫୪, ହିମାଂଶୁ-୨/୩୪, ଶିବମ୍-୨/୧୮)। ରେଲୱେ ୪୪.୩ ଓଭରରେ ୨୩୧/୨( ଶିବମ୍-୮୧*, ପ୍ରଥମ-୬୩, ମୃଣାଳ-୪୪, ଅରିନ୍ଦମ-୩୯*, କନୋଜା-୧/୪୮, ଶାନ୍ତନୁ-୧/୩୬)।

# ଜାତୀୟ ସିନିୟର ଉଷୁ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)

ମୋହାଲିର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୨୫ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ହେବାକୁ ଥିବା ୨୯ତମ ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍ ପାଇଁ ସୋମବାର ୨୧ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହା ମଧ୍ୟରେ ୬ ବାଳିକା, ୧୨ ବାଳକ, ଜଣେ ମ୍ୟାନେଜର ଓ ୨ ଜଣ କୋଚ୍ ସାମିଲ ଅଛନ୍ତି। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା (ଡବ୍ଲ୍ୟୁଏଓ)ର ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଦଳ ସହ ମଙ୍ଗଳବାର ମୋହାଲି ଯାତ୍ରା କରିବେ। ଡବ୍ଲ୍ୟୁଏଓ ସଭାପତି ଏସ.ଏସ. ହରିଚନ୍ଦନ ଓ ଅଲ୍ ଓଡ଼ିଶା କ୍ରିକ୍ ବକ୍ସିଂ ଆସୋସିଏଶନ ସମ୍ପାଦକ ବିଭୂତି ଭୂଷଣ ବେହେରା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ମହିଳା- ମଞ୍ଜୁ ମୁଣ୍ଡା, ତାନିୟା ଶ୍ରୀବାସ୍ତବ, ଶୁଭସ୍ମିତା ଦଳାଇ, ଅର୍ଚ୍ଚନା ପାତ୍ର, ପଲ୍ଲବୀ ସାମଲ, ତମନ୍ନା ମିଶ୍ର। ପୁରୁଷ- ସୁମନ୍ତ ସାଣ୍ଡିଲ, ରମେଶ ମୁଣ୍ଡା, ମନଗ୍ରାମ ତମାଙ୍ଗ, ଦେବାଶିଷ ସାମନ୍ତରାୟ, ସ୍ୱସ୍ତିକ ମହନ୍ତ, ବିଚିତ୍ରାନନ୍ଦ ପୁହାଣ, ସ୍ଥିତପ୍ରଜ୍ଞ ମହାନ୍ତି, ଶୈଳେନ ଦିତ୍, ବିନୋଦ କିଶୋର ସିଂ, ପ୍ରଭୁ ପ୍ରସାଦ ସାହୁ, ଦିବ୍ୟ ମୋହନ ପ୍ରଧାନ, ଶିବଦତ୍ତ ଶୁଭମୟ। କୋଚ୍: ପଙ୍କଜ ମହନ୍ତ, ଅନୁରାଧା ଦୋରା, ମ୍ୟାନେଜର: ସୁଜନ କୁମାର ରଥ।



ଜାତୀୟ ସିନିୟର ଉଷୁ ଚାମ୍ପିୟନ୍‌ଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।

# ନ୍ୟୁଜିଲାଣ୍ଡ ବିଜୟୀ

**ଖ୍ରୀଷ୍ଟଚର୍ଚ୍ଚ, ୨୨।୨(ଏପି):** ସୋମବାର ଅନୁଷ୍ଠିତ ଟି୨୦ ମ୍ୟାଚରେ ନ୍ୟୁଜିଲାଣ୍ଡ ୫୩ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୮୪ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୩୧ରେ ଅଲ୍‌ଆଉଟ ହୋଇଯାଇଥିଲା। ଏହି ବିଜୟ ଦ୍ୱାରା ଆୟୋଜକ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ଅଗ୍ରଣୀ ଲାଭ କରିଛି। ନ୍ୟୁଜିଲାଣ୍ଡକୁ ଜିତାଇବାରେ ଡେଭନ କନୱେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସେ ୫୯ ବଲ୍‌ରେ ୯୯ ରନ କରି ଅପରାଜିତ ରହିଥିଲେ।

# ନିଲମ୍ବନ ନିଷ୍ପତ୍ତିରେ ପ୍ରଫୁଲ୍ଲ ମର୍ମାହତ

**ଭୁବନେଶ୍ୱର, ୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ):** ବିଶୃଙ୍ଖଳିତ ଆଚରଣ ଏବଂ ଆସୋସିଏଶନ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନରୁ ନିଲମ୍ବିତ ହୋଇଥିବା ଉପସଭାପତି ପ୍ରଫୁଲ୍ଲ ମିଶ୍ର ଏପରି ନିଷ୍ପତ୍ତିରେ ବିସ୍ମିତ ହୋଇଛନ୍ତି। ମୁଁ ଜଣେ ପୂର୍ବତନ ଖେଳାଳି। ରାଜ୍ୟ ପକ୍ଷରୁ ଅନେକ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି ଏବଂ ଏବେ ସନ୍ତୋଷ ଟ୍ରଫି ପାଇଁ ଚୟନକର୍ତ୍ତା ଦାୟିତ୍ୱ ମଧ୍ୟ ତୁଲାଉଛି। ଆସୋସିଏଶନ ସହିତ ମୋର ୩୦ ବର୍ଷର ସମ୍ପର୍କ। ଏହା ମଧ୍ୟରେ ଅନେକ ଟୁର୍ନାମେଣ୍ଟ ଆୟୋଜନରେ ସକ୍ରିୟ ଭୂମିକା ତୁଲାଇଛି। ମୁଁ ଜାଣିବାରେ କୌଣସି ବିଶୃଙ୍ଖଳିତ କାର୍ଯ୍ୟ କରିନାହିଁ। ଆସୋସିଏଶନ ପକ୍ଷରୁ ମୋତେ କାରଣ ଦର୍ଶାଅ ନୋଟିସ ମଧ୍ୟ କରାଯାଇନାହିଁ। ଏପରି ସ୍ଥିତିରେ ନିଲମ୍ବନ ନିଷ୍ପତ୍ତି ମୋତେ ଅତ୍ୟନ୍ତ ମର୍ମାହତ କରିଛି। ଖେଳାଳିମାନଙ୍କୁ କ୍ଲବରୁ ବାହାର କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି ପ୍ରଫୁଲ୍ଲ। ପ୍ରକାଶଯୋଗ୍ୟ ଯେ ଆସୋସିଏଶନ ପକ୍ଷରୁ ପ୍ରଫୁଲ୍ଲ ଏବଂ ପ୍ରଶାନ୍ତ କୁମାର ପ୍ରଧାନଙ୍କ ନିଲମ୍ବନକୁ କ୍ଲବର କେତେକ ସଦସ୍ୟ ନିନ୍ଦା ସହ ସମାଲୋଚନା କରିଛନ୍ତି।

# ଏଜି ଓଡ଼ିଶା ଟେବୁଲ ଟେନିସ ଉଦ୍‌ଯାପିତ



ଏଜି ଓଡ଼ିଶା ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଭାଗନେଇଥିବା ପ୍ରତିଯୋଗୀମାନେ ଅତିଥିଙ୍କ ସହ।

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ମହାଲେଖାକାର କାର୍ଯ୍ୟାଳୟ ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏଜି ଓଡ଼ିଶା ଟେବୁଲ ଟେନିସ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ୟୁନିଟ-୪ ରିକ୍ରିଏଶନ କ୍ଲବ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ଫାଇନାଲର ମହିଳା ବର୍ଗରେ ନଳିନୀ କୁମାରୀ ୧୧-୩, ୧୧-୪ ଓ ୧୧-୫ ସେଟ୍‌ରେ ସସ୍ମିତା ସୋରେନଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି

## ନଳିନୀ, ବିଜୟ ଚାମ୍ପିୟନ

ପୁରୁଷ ବର୍ଗରେ ବିଜୟ କୁମାର ନାୟକ ୧୫-୧୩, ୧୧-୬, ୧୧-୮ ସେଟ୍‌ରେ ନୀଲୟ କୁମାର ମଣ୍ଡଳଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ବରିଷ୍ଠ ଉପମହାଲେଖାକାର ଦୀପକ ରଘୁ ଗତ ୧୯ ତାରିଖରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀରେ ମହାଲେଖାକାର (ଏଜି) ମିସ୍ ସ୍ମୃତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ଉପମହାଲେଖାକାର ପି. ରାହୁଲ, କଲ୍ୟାଣ ଅଧିକାରୀ ଅଶୋକ ପଣ୍ଡା, କ୍ଲବର ସାଧାରଣ ସମ୍ପାଦକ ଭି. ଆନନ୍ଦ ଭଟ୍ଟ, ରାଜେଶ ସିଂ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟକୁ ଅମ୍ପାୟର ସୁଜିତ ରାୟ, ଡି.ଡି. ମହାନ୍ତି, କେ.ଭି.ପି. ରାମାରାଓ, କାଲୋଲ ଗାଙ୍ଗୁଲି, ସ୍ମିତା ଚୌଧୁରୀ ଓ ସ୍ନେହମୟ ମଳିକ ପରିଚାଳନା କରିଥିଲେ।

# ଏଲ୍‌ଏଲ୍‌ସିସି କ୍ରିକେଟ୍: ସହିଦ ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର, ୨୨।୨(ସ୍ପୋର୍ଟ୍ସ ବ୍ୟୁରୋ):** ଲାଇଭ୍ ଲିଜେଣ୍ଡ କ୍ରିକେଟ୍ କ୍ଲବ୍ (ଏଲଏଲସିସି) ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଅଲ୍ ଓଡ଼ିଶା ୧୪ ବର୍ଷରୁ କମ୍ ଡ୍ୟୁଜ୍ ବଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ସହିଦ ସ୍ପୋର୍ଟିଂ ୮ ଉଇକେଟରେ ଶେଖର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଶେଖର ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୫ ଉଇକେଟ ହରାଇ ୧୩୫ ରନ କରିଥିଲା। ଦଳ ପକ୍ଷରୁ ଗୋପାଳ କୃଷ୍ଣ ରଥ ୫୩ ଓ ଆଦିତ୍ୟ ଆକାଶ ଜେନା ୩୩ ରନ କରିଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୧୬ ଓଭରରେ ୨ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରି ନେଇଥିଲା। ଦିବ୍ୟଜ୍ୟୋତି ପଟ୍ଟନାୟକ ୮୦ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

# ରାଜ୍ୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ସ୍ଥଗିତ

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କନ୍ଧମାଳ ଓ ବୌଦ୍ଧ ଜିଲାରେ ଚଳିତ ମାସ ୨୫ରୁ ୨୮ ପର୍ଯ୍ୟନ୍ତ ହେବାକୁ ଥିବା ୬୯ତମ ରାଜ୍ୟ ସିନିୟର ଭଲିବଲ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। କ୍ରମବର୍ଦ୍ଧିତ କୋଭିଡ୍-୧୯ ସମସ୍ୟା ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ରିଲିଫ୍ କମିଶନଙ୍କ ଚିଠି ଅନୁସାରେ ସର୍ବସାଧାରଣ ସ୍ଥାନରେ ଜନସମାବେଶକୁ ଏଡ଼ାଇବା ପାଇଁ ଓଡ଼ିଶା ଭଲିବଲ ଆସୋସିଏଶନ ଏହି ପ୍ରତିଯୋଗିତାକୁ ବର୍ତ୍ତମାନ ଲାଗି ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି ବୋଲି ସମ୍ପାଦକ ଡ. ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିଲା। ୫ଟି ସ୍ଥାନରେ ଦିବାରାତ୍ର ଖେଳ ନିମନ୍ତେ ଫ୍ଲଡ୍‌ଲାଇଟର ବ୍ୟବସ୍ଥା ସହ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ମାତ୍ର ସାମ୍ପ୍ରତିକ ସ୍ଥିତିରେ କ୍ରୀଡ଼ାବିତ୍‌ମାନଙ୍କର ସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ଏପରି ନିଷ୍ପତ୍ତିକୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ)ର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ୱାଗତ କରିଛନ୍ତି। କୋଭିଡ୍-୧୯ ସ୍ଥିତିରେ ସୁଧାର ଆସିଲେ ଏହି ପ୍ରତିଯୋଗିତା ପୁଣି କନ୍ଧମାଳ ଓ ବୌଦ୍ଧ ଜିଲାରେ ଆୟୋଜନ କରାଯିବ। ତେବେ ଜାତୀୟ ଭଲିବଲ ପ୍ରତିଯୋଗିତା ପାଇଁ ରାଜ୍ୟ ଦଳର ଚୟନ ଟ୍ରାଏଲ ଭୁବନେଶ୍ୱରରେ ଆସନ୍ତା ୨୭ରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି।

# ଖଲିଦ୍ ଇଫେକ୍ଟ

ବାଇଚୁଙ୍ଗ ଭୂଟିଆ

ଚଳିତ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ପ୍ଲେ-ଅଫ୍‌ରେ ସମ୍ଭାବନାକୁ ଦୃଢ଼ୀଭୂତ କରିବା ଲାଗି ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ମଙ୍ଗଳବାର ଏସ୍‌ସି ଇଷ୍ଟବେଙ୍ଗଲ ବିପକ୍ଷ ମ୍ୟାଚ ଜିତିବାକୁ ହେବ। ନର୍ଥଇଷ୍ଟ ହାତରେ ଆଉ ଦୁଇଟି ମ୍ୟାଚ ବାକି ରହିଛି। ପ୍ଲେ-ଅଫ୍‌ର ଶେଷ ଦୁଇଟି ସ୍ଥାନ ପାଇଁ ତିନୋଟି ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ। ନିର୍ଣ୍ଣାୟକ ପର୍ଯ୍ୟାୟରେ ସମସ୍ତ ଦଳ ସୁଚିନ୍ତିତ ରଣକୌଶଳ ପ୍ରସ୍ତୁତ କରିଥାଏ। ନର୍ଥଇଷ୍ଟ ବିପକ୍ଷରେ ଇଷ୍ଟବେଙ୍ଗଲ ଅନ୍ତରାୟ ସୃଷ୍ଟି କରିପାରେ। ଚଳିତ ସିଜନରେ କେତୋଟି ମ୍ୟାଚରେ ଭଲ ଖେଳିଛି ହେଲେ ଏହି ଦଳ ପ୍ଲେ-ଅଫ୍ ଦୌଡ଼ରେ ନାହିଁ। ଏଣିକେ ମୋହନବାଗାନ ବିପକ୍ଷ ଗତ ମ୍ୟାଚରେ ଏହି ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ଦଳ ଅବଶିଷ୍ଟ ମ୍ୟାଚ ସମ୍ମାନ ରକ୍ଷା ଲାଗି ଖେଳିବ। ସମର୍ଥକମାନେ ସବୁବେଳେ ସେମାନଙ୍କ ମନପସନ୍ଦ କ୍ଲବକୁ ଟପ୍ ଲିଗ୍‌ରେ ଚାହାନ୍ତି। କ୍ଲବର ଭଲ ଆରମ୍ଭରେ କିନ୍ତୁ ବିଳମ୍ବ ଘଟିଥିଲା। ନର୍ଥଇଷ୍ଟ ୟୁନାଇଟେଡ୍ କିନ୍ତୁ ଏହାର କାମଚଳା କୋଚ୍ ଖଲିଦ ଜମିଲଙ୍କ ତତ୍ତ୍ୱାବଧାନରେ ବେଶ୍ ସଂଗଠିତ ହୋଇପାରିଛି। ଫେଡ୍ରେକୋ ଗାଲେଗୋ ଦଳର ପ୍ରମୁଖ ଖେଳାଳି ପାଲଟିଛନ୍ତି। ବେଙ୍ଗାଲୁରୁ ଏଫ୍‌ସିରେ ଫର୍ମ ପାଇଁ ସଂଘର୍ଷ କରିଥିବା ଡେଶର୍ନ ବ୍ରାଉନ୍ ଆସି ଦଳରେ ଯୋଗଦାନ କରିବା ପରେ ଭଲ ଖେଳୁଛନ୍ତି। ଯେକୌଣସି ସ୍ତର ହେଉ କ୍ରମାଗତ ୮ ମ୍ୟାଚରେ ଅପରାଜିତ ରହିବା ଏକ ଭଲ ରେକର୍ଡ। ଖଲିଦ୍‌ଙ୍କ ଇଫେକ୍ଟ ଉଦାହରଣ ସୃଷ୍ଟି କରିଛି। ଜଣେ ସାଙ୍ଗ ଭଳି ଦଳରେ ଖେଳାଳିମାନଙ୍କ ସହିତ ଭାବ ଆଦାନପ୍ରଦାନ କରିଥାନ୍ତି। ଖେଳାଳିମାନେ ମଧ୍ୟ ତାଙ୍କ ଉପରେ ଭରସା ରଖନ୍ତି। ଖଲିଦଙ୍କ ପରାମର୍ଶକୁ ସେମାନେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥାନ୍ତି। ପ୍ଲେ-ଅଫ୍ ପାଇଁ ଏହି ମ୍ୟାଚ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଖେଳାଳିମାନଙ୍କୁ ଚାପମୁକ୍ତ ରଖିବା ଖଲିଦଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ।। (ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

# ସ୍ୱାଇଲ କ୍ରିକେଟ କ୍ଲବ ଚାମ୍ପିୟନ

କଣ୍ଟାପଡ଼ା, ୨୨।୨(ଡି.ଏନ୍.ଏ.)

ଓଲଟପୁରସ୍ଥିତ କେଳାପଡିଆରେ ଆନ୍ତଃଜିଲା ୟୁନାଇଟେଡ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଆୟୋଜକ ନାରାୟଣୀ ୟୁଥ୍ କ୍ଲବକୁ ୭୨ ରନରେ ହରାଇ ସ୍ୱାଇଲ୍ କ୍ରିକେଟ କ୍ଲବ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ବିଜୟୀ ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୧୫ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତପନ ୩୪ ବଲରୁ ୭ ଚୌକା ଓ ୭ ଛକା ସହ ୮୦ ରନ କରିଥିଲା। ବିପକ୍ଷ ଦଳର ମନୋଜ ୩୫ ରନ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ଆୟୋଜକ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁରେନ୍ଦ୍ର ରାଉତ ୩୦ ବଲରୁ ୫୧ ରନ କରିଥିଲେ। ଚାମ୍ପିୟନ ଦଳର ତପନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ରନର୍ସ ଅପ୍ ଦଳର ସୌରଭଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ଦିଆଯାଇଥିଲା। ଲାବଣ୍ୟ

## ୟୁନାଇଟେଡ କପ୍ କ୍ରିକେଟ

ଗ୍ରୁପ୍‌ର ମୁଖ୍ୟ ପରିଚାଳକ ଆଶିଷ ଗର୍ଗ ମୁଖ୍ୟଅତିଥି ଓ ଓଲଟପୁର ଥାନା ଇନ୍‌ଚାର୍ଜ ଚିନ୍ମୟୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କାର ବାବଦରେ ୧୫,୦୦୦ ଓ ରନର୍ସ ଅପ ଦଳକୁ ୧୦,୦୦୦ ଟଙ୍କା ପ୍ରଦାନ କରିଥିଲେ। ଶେଷଦେବ ସ୍ୱାଇଁ ଓ ମୀର୍ଜା ଗୁଲ୍‌ଜାର ବେଗ୍ ଖେଳ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଟ୍ରଫି ସହ ସ୍ୱାଇଲ କ୍ରିକେଟ କ୍ଲବ ଦଳ।

# ସନ୍ଦୀପ ସ୍ମାରକୀ ଓପନ ଟେନିସ୍ ୩ରୁ

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)

ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ସର୍ବଭାରତୀୟ ଓପନ ଟେନିସ୍ ଚାମ୍ପିୟନଶିପ୍ ଆସନ୍ତା ମାର୍ଚ୍ଚ ୩ ତାରିଖରୁ ମେଣ୍ଢାଶାଳ ଗୁରୁକୁଳ ଟେନିସ ରିସୋର୍ଟରେ ଖେଳାଯିବ। ୨୦୧୩ରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲେ ହେଁ ଏଥର ପ୍ରଥମ ଥର ପାଇଁଗୁରୁକୁଳ ଟେନିସ ରିସୋର୍ଟରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୭ ତାରିଖରେ ଏହି ପ୍ରତିଯୋଗିତା ସରିବ। ପ୍ରତିଯୋଗିତାରେ ରାଜ୍ୟ ଏବଂ ରାଜ୍ୟ ବାହାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଦିଲ୍ଲୀ ଆଦି ୫ ବାହାର ରାଜ୍ୟର ପ୍ରତିଯୋଗୀଙ୍କୁ ମିଶାଇ ୧୦୦ରୁ ଅଧିକ ଖେଳାଳି ଏଥିରେ ସାମିଲ ହେବା ଆଶା କରାଯାଉଛି ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟର ପ୍ରମୁଖ ଖେଳାଳି ତଥା ଗୁରୁକୁଳ ଟେନିସ ରିସୋର୍ଟର ମୁଖ୍ୟ ଚିନ୍ମୟ ପ୍ରଧାନ ପ୍ରକାଶ କରିଛନ୍ତି। ରିସୋର୍ଟରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ଥିବାରୁ ରାଜ୍ୟ ବାହାରର ପ୍ରତିଯୋଗୀମାନେ ନାମ ପଞ୍ଜୀକରଣ କରିବା ଆରମ୍ଭ କରି ସାରିଛନ୍ତି। ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ୧୬ ବର୍ଷରୁ କମ୍ ବାଳିକା ଓ ବାଳକ ଏବଂ ପୁରୁଷ ଡବଲ୍ସ ଆଦି ୫ କାଟେଗୋରୀରେ ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତା ପାଇଁ ୧ ଲକ୍ଷ ୭୦ ହାଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପୁରୁଷ ସିଙ୍ଗଲ୍ସ ଚାମ୍ପିୟନଙ୍କୁ ୩୦ ହଜାର ଓ ରନର୍ସ ଅପଙ୍କୁ ୧୫ ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ମହିଳା ସିଙ୍ଗଲ୍ସ ଚାମ୍ପିୟନଙ୍କୁ ୧୦,୦୦୦, ପୁରୁଷ ଡବଲ୍ସ ଚାମ୍ପିୟନଙ୍କୁ ୨୦,୦୦୦ ଏବଂ ୧୬ ବର୍ଷରୁ କମ୍ ଉଭୟ ବର୍ଗର ଚାମ୍ପିୟନଙ୍କୁ ୬୦୦୦ଟଙ୍କା ଲେଖାଏ ଦିଆଯିବ। ସେହିପରି ଏଣ୍ଟ୍ରି ଫି' ପୁରୁଷ ସିଙ୍ଗଲ୍ସ ପାଇଁ ୧୦୦୦, ମହିଳା ସିଙ୍ଗଲ୍ସ ପାଇଁ ୭୫୦, ପୁରୁଷ ଡବଲ୍ସ ପାଇଁ ୧୦୦୦(ଟିମ୍ ପିଛା) ଏବଂ ୧୬ ବର୍ଷରୁ କମ୍ ପାଇଁ ୬୦୦ଟଙ୍କା ଲେଖାଏ ଧାର୍ଯ୍ୟ କରାଯାଇଛି। ପୁରୁଷ ଡବଲ୍ସ ବିଭାଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବର୍ଗରେ କ୍ୱାର୍ଟର ଫାଇନାଲିଷ୍ଟଙ୍କଠାରୁ ପୁରସ୍କାର ରାଶି ଆରମ୍ଭ ହେବ। ମାର୍ଚ୍ଚ ୧କୁ ଏଣ୍ଟ୍ରିର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ବୋଲି ଏକାଡେମୀର ନିର୍ଦ୍ଦେଶକ ସନ୍ତୋଷ ମଳିକ କହିଛନ୍ତି। ଖବରଦାତା ସମ୍ମିଳନୀରେ ମେଜର ସନ୍ଦୀପ ମହାପାତ୍ରଙ୍କ ପିତା ଜେ.ବି. ମହାପାତ୍ର ଉପସ୍ଥିତ ରହି ଅତୀତର ସ୍ମୃତିଚାରଣ କରିଥିଲେ।



ସନ୍ଦୀପ ମହାପାତ୍ର ସ୍ମାରକୀ ଓପନ ଟେନିସ୍ ଟୁର୍ନାମେଣ୍ଟର ଜର୍ସି ଉନ୍ମୋଚନ କରାଯାଉଛି।

**ପିସିଆର୍ ଭଙ୍ଗାରୁଜା, ପୋଲିସକୁ ମାଡ଼**

ଭୁବନେଶ୍ୱର,(ବ୍ୟୁରୋ) - ମାଷ୍ଟରକ୍ୟାଣ୍ଟିନ ଛକରେ ରବିବାର ବିଳମ୍ବିତ ରାତିରେ ଦେହ ବ୍ୟବସାୟକୁ କେନ୍ଦ୍ର କରି ୨ ଦେହଜୀବୀ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। କ୍ୟାପିଟାଲ ଥାନା ପିସିଆର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ମାତ୍ରେ ସେମାନେ କିଛି ନ ଶୁଣିବାରୁ ପୋଲିସ ସେମାନଙ୍କୁ ଗାଡ଼ିରେ ବସିବାକୁ କହିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଦେହଜୀବୀମାନେ ପିସିଆର କର୍ମଚାରୀଙ୍କୁ ମାଡ଼ ମାରିବା ସହ ଭ୍ୟାନକୁ ଟେକା ପଥର ମାରି ଆତଙ୍କ ସୃଷ୍ଟି କରିଥିଲେ। କ୍ୟାପିଟାଲ ଥାନା ଓ ଖାରବେଳ ନଗର ଥାନାର ୨ଟି ପିସିଆର୍ ପହଞ୍ଚିବାରୁ ସେମାନେ ଚମ୍ପଟ ମାରିଥିଲେ। ଏନେଇ କ୍ୟାପିଟାଲ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର, ବିଜେଡିର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ, ସକାଳ ୯ଟା।
- ନୂତନ ତାଲିମ ଇନଷ୍ଟିଚ୍ୟୁଟ ବ୍ଲକ ଉନ୍ମୋଚନ ଉତ୍ସବ, ବରମୁଣ୍ଡା ଅଗ୍ନିତାଲିମ କେନ୍ଦ୍ର ପରିସର, ପୂର୍ବାହ୍ନ ୧୦ଟା ୧୫।
- ବସ୍ତିବାସୀଙ୍କ ଏକତାମଞ୍ଚ ପକ୍ଷରୁ ଗଣବିକ୍ଷୋଭ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଟ୍ରେଡାଇ ପକ୍ଷରୁ ହୋମ ଆଣ୍ଡ ଡେକର ଫେୟାର, ଜନତା ମଇଦାନ, ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା ଉତ୍ସବ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**ବାଲିଅନ୍ତା**

- ବିଶ୍ୱଶାନ୍ତି ଅତି ରୁଦ୍ର ଯଜ୍ଞର ଜଳଯାତ୍ରା ଓ ଅଗ୍ନିସ୍ଥାପନ, ବେଣ୍ଟପୁର ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।

# ରାଜସ୍ୱ ଆଦାୟ ୭.୭୭ ପ୍ରତିଶତ କମିଛି: ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୧-୨୨ ବଜେଟ୍‌ର ଇ-ଡକ୍ୟୁମେଣ୍ଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି।

ଚଳିତ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟର ପରିମାଣ ଗତବର୍ଷ ତୁଳନାରେ ୭.୭୭ ପ୍ରତିଶତ ହ୍ରାସ ପାଇଛି । ୨୦୨୦-୨୧ରେ ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ବାବଦକୁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିଲା ଚଳିତ ଆର୍ଥିକ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ସେଥିରୁ ୮,୩୧୯ କୋଟି ୧୧ ଲକ୍ଷ ଟଙ୍କା ଆଦାୟ ହୋଇପାରିଛି। ଏହା ଧାର୍ଯ୍ୟଲକ୍ଷ୍ୟର ୫୭ ପ୍ରତିଶତ । ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୯,୫୮୨ କୋଟି ୬୧ ଲକ୍ଷ ଟଙ୍କା ଆଦାୟ ହୋଇଥିଲା। ସେହିପରି ବୃତ୍ତି କର ବାବଦକୁ ୨୦୨୦-୨୧ ଆର୍ଥିକ ବର୍ଷରେ ୨୨୦ କୋଟି ଆଦାୟର ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ଡିସେମ୍ବର ଶେଷସୁଦ୍ଧା ଏ ବାବଦକୁ ୧୬୮ କୋଟି ୮୨ ଲକ୍ଷ ଆଦାୟ ହୋଇଛି। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ଆଦାୟ ରାଜସ୍ୱ ପରିମାଣ ଗତବର୍ଷ ତୁଳନାରେ ୭.୮୨ ପ୍ରତିଶତ ଅଧିକ । ସୋମବାର ବିଧାନସଭା ପ୍ରଶ୍ନକାଳରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ରଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷ ଡିସେମ୍ବର ସୁଦ୍ଧା ମୋଟ ରାଜସ୍ୱ ୬୬,୯୮୩ କୋଟି ୩୭ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି, ଯାହା ଲକ୍ଷ୍ୟଧାର୍ଯ୍ୟ ପରିମାଣର ୫୫ ପ୍ରତିଶତ ଅଟେ। ତନ୍ମଧ୍ୟରୁ ନିଜସ୍ୱ ଟିକସ ବାବଦକୁ ୨୧,୯୪୧ କୋଟି ୭୦ ଲକ୍ଷ ଟଙ୍କା, ନିଜସ୍ୱ ଅଣଟିକସ ବାବଦକୁ ୧୨,୧୬୭ କୋଟି ୩୩ ଲକ୍ଷ ଟଙ୍କା, କେନ୍ଦ୍ର ସରକାରଙ୍କଠାରୁ କେନ୍ଦ୍ରୀୟ ଅନୁଦାନ ବାବଦକୁ ୧୬, ୬୭୧ କୋଟି ୮ ଲକ୍ଷ ଟଙ୍କା ଏବଂ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦକୁ ୧୭,୨୦୩ କୋଟି ୨୬ ଲକ୍ଷ ଟଙ୍କା ଆଦାୟ ହୋଇଛି। ଗତ ଆର୍ଥିକ ବର୍ଷର ଏହି ସମୟଠାରୁ ୮.୪୨ ପ୍ରତିଶତ କମ ଅଟେ।

ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ୫୨୫୦ କୋଟି ଟଙ୍କାର ଅବକାରୀ ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଡିସେମ୍ବର ଶେଷ ସୁଦ୍ଧା ୨୩୫୮ କୋଟି ୪୧ ଲକ୍ଷ ଟଙ୍କା ଆଦାୟ ହୋଇପାରିଛି। ଯାହା ଧାର୍ଯ୍ୟଲକ୍ଷ୍ୟର ୪୪.୯୨ ପ୍ରତିଶତ ଅଟେ। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଶୁଳ୍କ ବାବଦରେ ୩୧୫୦ କୋଟି ଟଙ୍କା ସଂଗ୍ରହ ପାଇଁ ଆକଳନ କରାଯାଇଛି। ୨୦୨୦ ଡିସେମ୍ବର ଶେଷ ସୁଦ୍ଧା ୨୩୬୯ କୋଟି ୧୯ ଲକ୍ଷ ଟଙ୍କା ଆଦାୟ ହୋଇପାରିଛି। ଯାହା ଧାର୍ଯ୍ୟ ଲକ୍ଷ୍ୟର ୭୫.୨୧ ପ୍ରତିଶତ ଅଟେ। ଗତବର୍ଷ ଆଦାୟ ତୁଳନାରେ ୧୪.୦୨ ପ୍ରତିଶତ ଅଧିକ ଅଟେ। ସେହିଭଳି ଭୂରାଜସ୍ୱ ବାବଦକୁ ୫୧୦ କୋଟି ଟଙ୍କା ଆଦାୟ ହେବା ପାଇଁ ଆକଳନ କରାଯାଇଥିବା ବେଳେ ଚଳିତ ଡିସେମ୍ବର ଶେଷ ସୁଦ୍ଧା ୨୮୨ କୋଟି ଟଙ୍କା ଆଦାୟ ହୋଇପାରିଛି। ଯାହା ବଜେଟ ଆକଳନର ୫୫.୨୯ ପ୍ରତିଶତ ଅଟେ। ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେଶନ ଫି ବାବଦକୁ ୨୨୯୧ କୋଟି ୯୦ ଲକ୍ଷ ଟଙ୍କା ଆଦାୟ ହୋଇପାରିଛି। ଏହି ଆର୍ଥିକ ବର୍ଷରେ ଯାନବାହନ କର ବାବଦକୁ ଡିସେମ୍ବର ସୁଦ୍ଧା ୯୭୩ କୋଟି ୭୪ ଲକ୍ଷ ଟଙ୍କା ଆଦାୟ ହୋଇପାରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜ୍ୟ ସରକାରଙ୍କ ନିଜସ୍ୱ ଅଣ-ଟିକସ ରାଜସ୍ୱ ମୁଖ୍ୟତଃ ଖଣି, ଜଳକର, ସୁଧପ୍ରାପ୍ତି, ଲାଭାଂଶ ଓ ଅନ୍ୟାନ୍ୟ ଅଣଟିକସ ସୂତ୍ରରୁ ଆଦାୟ ହୋଇଥାଏ। ୨୦୨୦-୨୧ରେ ରାଜ୍ୟ ସରକାର ୧୭,୬୫୦ କୋଟି ଟଙ୍କାର ଅଣଟିକସ ରାଜସ୍ୱ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖିଥିବା ବେଳେ ଗତ ଡିସେମ୍ବର ସୁଦ୍ଧା ୧୨,୧୬୭ କୋଟି ୩୩ ଲକ୍ଷ ଟଙ୍କା ଆଦାୟ ହୋଇଛି। ଯାହା ପୂର୍ବ ବର୍ଷ ତୁଳନାରେ ୨୭.୫୩ ପ୍ରତିଶତ ଅଧିକ ଅଟେ। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ବିତ୍ତୀୟ ନିଅଣ୍ଟ ସାମଗ୍ରିକ ଘରୋଇ ଉତ୍ପାଦ ଅନୁପାତ ଓଡ଼ିଶା ବିତ୍ତୀୟ ନିଅଣ୍ଟ ସାମଗ୍ରିକ ଘରୋଇ ଉତ୍ପାଦର ୧ ପ୍ରତିଶତରୁ କମ୍ ଅଛି।

୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦକୁ ୩୬,୨୯୯ କୋଟି ୭୪ ଲକ୍ଷ ଟଙ୍କାର ଆକଳନ କରାଯାଇଥିବା ବେଳେ ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ଏ ବାବଦକୁ ୧୭,୨୦୩ କୋଟି ୨୬ ଲକ୍ଷ ଟଙ୍କା କେନ୍ଦ୍ର ସରକାରଙ୍କ ନିକଟରୁ ମିଳିଛି। ଏହା ଧାର୍ଯ୍ୟଲକ୍ଷ୍ୟର ୪୭.୩୯ ପ୍ରତିଶତ ଅଟେ। ଏହି ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଅନୁଦାନ ବାବଦକୁ ୩୨୦୦୦ କୋଟି ୨୬ ଲକ୍ଷ ଟଙ୍କାର ଆକଳନ ହୋଇଥିବା ବେଳେ ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ଏ ବାବଦକୁ ୧୬,୬୭୧ କୋଟି ୮ ଲକ୍ଷ ଟଙ୍କା କେନ୍ଦ୍ର ସରକାରଙ୍କଠାରୁ ମିଳିଛି। ଯାହା ଧାର୍ଯ୍ୟଲକ୍ଷ୍ୟର ୫୨.୧୦ ପ୍ରତିଶତ ଅଟେ। ଗତବର୍ଷ ଡିସେମ୍ବର ଶେଷ ସୁଦ୍ଧା ଏ ବାବଦକୁ ୧୯,୮୯୮ କୋଟି ୭ ଲକ୍ଷ ଟଙ୍କା ମିଳିଥିଲା। ଚଳିତ ଆର୍ଥିକ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ରାଜସ୍ୱ ଖର୍ଚ୍ଚ ବାବଦକୁ ୧,୧୪,୭୯୦ କୋଟି ୮୬ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଏ ବାବଦରେ ୬୦,୮୯୬ କୋଟି ୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଯାହା ଧାର୍ଯ୍ୟ ଲକ୍ଷ୍ୟର ୫୩ ପ୍ରତିଶତ ଅଟେ। ସେହିପରି ପୁଞ୍ଜି ଖର୍ଚ୍ଚ ବାବଦକୁ ୨୬,୫୧୩ କୋଟି ୧୪ ଲକ୍ଷ ଟଙ୍କା ଆକଳନ ହୋଇଥିବା ବେଳେ ଡିସେମ୍ବର ଶେଷ ସୁଦ୍ଧା ଏ ବାବଦକୁ ୮୦୮୭ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଯାହା ଧାର୍ଯ୍ୟ ଲକ୍ଷ୍ୟର ୩୦.୫ ପ୍ରତିଶତ ଅଟେ। କୋଭିଡ୍ ଯୋଗୁ ରାଜସ୍ୱ ସଂଗ୍ରହରେ କିଛି ପ୍ରଭାବ ପଡିଥିବା ବେଳେ ୨୦୨୦-୨୧ ଡିସେମ୍ବର ସୁଦ୍ଧା ୭୦୮୬ କୋଟି ୪୦ ଲକ୍ଷ ଟଙ୍କାର ରାଜସ୍ୱ ବଳକା ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି।

## ଏକାମ୍ର କ୍ଷେତ୍ର ପାଇଁ ୨୦୦ କୋଟି

**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମନ୍ତ୍ରୀ ଅଶୋକ ପଣ୍ଡା**

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଐତିହ୍ୟ କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ ଜାରି ରଖିଛନ୍ତି। ଏହି କ୍ରମରେ ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ଏମନ୍ଦିର ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବଜେଟରେ ୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଅର୍ଥରେ ଏକାମ୍ର କ୍ଷେତ୍ରର ସାମଗ୍ରୀକ ବିକାଶ କରାଯିବ। ବଜେଟରେ ଏହି ଅର୍ଥ ବରାଦ ହୋଇଥିବାରୁ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିର୍ବାଚନ ମଣ୍ଡଳୀ ତରଫରୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୩୨ଲକ୍ଷର ବ୍ରାଉନସୁଗାର ଜବତ

ଖୋର୍ଦ୍ଧା ଅଫିସ,୨୨।୨

ଖୋର୍ଦ୍ଧା ଟାଉନ ଥାନା ଲୋକେଶ୍ୱର ମନ୍ଦିର ନିକଟରେ ଅବକାରୀ ବିଭାଗ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଳାହାଟର ହରପ୍ରସାଦ ସାହୁ(୨୪)। ତାଙ୍କ ନିକଟରୁ ୩୨୦ଗ୍ରାମ ବ୍ରାଉନସୁଗାର, ୯ଲକ୍ଷ ୨୦ହଜାର ଟଙ୍କା, ଗୋଟିଏ ବାଇକ୍ ଜବତ ହୋଇଛି। ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩୨ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ କହିଛନ୍ତି।

## ସଂକ୍ଷେପରେ

### ସବୁଜ ପତ୍ରିକା ମହିଳା ମହାସଂଘର ଧାରଣା

**ଭୁବନେଶ୍ୱର, ୨୨।୨(ବ୍ୟୁରୋ):** ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ପକ୍ଷରୁ ସୋମବାର ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଛି। ୨୦୧୯ରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ଦାବି ଉପରେ ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୀର୍ଘଦିନ ପରେ ମଧ୍ୟ ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇପାରି ନାହିଁ। ତେଣୁ ଏହାକୁ କାର୍ଯ୍ୟକାରୀ କରିବା ଦାବିରେ ଧାରଣା ଦିଆଯାଇଛି। ଏଥିରେ ମହାସଂଘର ସଭାପତି ଲକ୍ଷ୍ମୀ ଦେବୀ, ପୁରୀ ଜିଲା ସଭାନେତ୍ରୀ ମଞ୍ଜୁଳା ମହାପାତ୍ର, ଉର୍ମିଳା ଦାସ, ନନ୍ଦିନୀ ମେହେର, ଅଞ୍ଜଳି ରାଓଙ୍କ ସମେତ ସମସ୍ତ ଜିଲା ସଭାନେତ୍ରୀ, ବ୍ଲକ ସଭାନେତ୍ରୀ ଏବଂ ପଞ୍ଚାୟତ ସଭାନେତ୍ରୀ ସାମିଲ ଥିଲେ।




ଯାତ୍ରା ପରିବେଷଣ ପାଇଁ ଅନୁମତି ସହ ଦୁଇ ଦଫା ଦାବି ନେଇ ଯାତ୍ରା କଳାକାର ଓ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆମରଣ ଅନଶନ ଏବଂ ଗଣଧାରଣା ଦିଆଯିବା ପୂର୍ବରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

# ଅମାନିଆଙ୍କଠାରୁ ୨୩,୭୦୦ ଟଙ୍କା ଜରିମାନା ଆଦାୟ

**କୋଭିଡ୍ ନିୟମ ଉଲ୍ଲଂଘନ**

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାଜଧାନୀରେ କୋଭିଡ୍ ନିୟମାବଳୀକୁ କଡ଼ାକଡ଼ି ପାଳନ ନିମନ୍ତେ ଚଢ଼ାଉ ଓ ଯାଞ୍ଚକୁ ବ୍ୟାପକ କରାଯାଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀଙ୍କ ନିଷ୍ପତ୍ତି ଅନୁଯାୟୀ ବିଏମ୍‌ସିର ୩ଟି ଜୋନ୍‌ରେ ୫ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ କୋଭିଡ୍ ଗାଇଡଲାଇନ ପାଳନ ତଦାରଖ କରିବା ଲାଗି ନିୟୋଜିତ କରାଯାଇଛି। ସୋମବାର ଭୁବନେଶ୍ୱରର ରାଜମହଲ ଛକ, ଏଜି ଛକ, ଜନପଥ ଓ ବାଣୀବିହାର ଅଞ୍ଚଳରେ ବିଏମ୍‌ସିର ସହାୟକ କମିଶନର ଲିଳନ ପ୍ରସାଦ ସାହୁ, ଦକ୍ଷିଣ ପୂର୍ବ ମଣ୍ଡଳର ଡେପୁଟି କମିଶନର ଅଂଶୁମାନ ରଥଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚିଥିଲେ। ୟୁନିଟ୍-୧ ଅଞ୍ଚଳର ବିଭିନ୍ନ ଦୋକାନ ଏବଂ ରାମମନ୍ଦିର ଓ ରମାଦେବୀ କଲେଜ ନିକଟ ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନରେ ଚଢ଼ାଉ କରିଥିଲେ। ମାସ୍କ ପିନ୍ଧି ନ ଥିବା ଓ କୋଭିଡ୍ ନିୟମ ମାନୁ ନ ଥିବା ଅମାନିଆଙ୍କଠାରୁ ୨୩ ହଜାର ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ବ୍ୟବସାୟିକ ଆନୁଷ୍ଠାନ ଓ ସାଧାରଣ ନାଗରିକଙ୍କୁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଚଢ଼ାଉ ସଚେତନତାମୂଳକ ହୋଇଥିବାବେଳେ ଆଗକୁ କୋଭିଡ୍ କଟକଣାକୁ ଆହୁରି କଡ଼ାକଡ଼ି କରାଯିବା ସହ ଅମାନିଆଙ୍କ ଉପରେ ବୃହତ୍ତ ଜରିମାନା ଓ ଆବଶ୍ୟକ ପଡିଲେ ଦୋକାନ ସିଲ୍ କରାଯିବ ବୋଲି ଲିଳନ୍ କହିଛନ୍ତି। ଚଢ଼ାଉରେ ଏନ୍‌ଫୋର୍ସମେଣ୍ଟ ଇନ୍ସପେକ୍ଟର ପ୍ରମୋଦ ଜେନା, କିଶୋର ରାଉତରାୟ ଏବଂ ଏନ୍‌ଫୋର୍ସମେଣ୍ଟ ସହାୟକ ମାନସ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ବିଏମ୍‌ସିର ଟ୍ରେଡ ଲାଇସେନ୍ସ ସର୍ଭେ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ଟ୍ରେଡ୍ ଲାଇସେନ୍ସ ସର୍ଭେ ଆରମ୍ଭ ହୋଇଛି। ସ୍ୱାରୋ ସଫ୍ଟଟେକ୍ ପ୍ରାଇଭେଟ୍ ଲିମିଟେଡ ଏହି ସର୍ଭେ କରୁଛି। ଗତ ୬ ତାରିଖରେ ବିଏମ୍‌ସି ରାଜସ୍ୱ ବିଭାଗ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର ଏବଂ ସ୍ୱାରୋ ସଫ୍ଟଟେକ୍‌ର ସୁବ୍ରତ କୁମାର ଦେଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସୋମବାର ବିଏମ୍‌ସି ଅଫିସ ପରିସରରେ କମିଶନର ପ୍ରେମ୍‌ଚନ୍ଦ୍ର ଚୌଧୁରୀ ଏଜେନ୍ସିର ୪୦ଜଣ ସର୍ବେକ୍ଷକଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଇ-କାର୍ଡ ପ୍ରଦାନ କରିଛନ୍ତି। ସର୍ବେକ୍ଷକମାନେ ପ୍ରତି ୧ ମାସରେ ରିପୋର୍ଟ ବିଏମ୍‌ସିକୁ ଦେବେ। ଏହାଦ୍ୱାରା ଜହଜରେ ବ୍ୟବସାୟୀଙ୍କ ପ୍ରକୃତ ସଂଖ୍ୟା ଜଣାପଡିବା ସହ ଲାଇସେନ୍ସ ଖିଲାପକାରୀଙ୍କୁ ଚିହ୍ନଟ କରିହେବ ବୋଲି ବିଏମ୍‌ସି ରାଜସ୍ୱ ବିଭାଗ ଡେପୁଟି କମିଶନର ମିଶ୍ର କହିଛନ୍ତି। ଆଡିଶନାଲ କମିଶନର ଅବନୀକାନ୍ତ ପଟ୍ଟନାୟକ, ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦେଶ ଓ ଜାତି ସଙ୍କଟର ମୁକାବିଲା ମୂଳ ଲକ୍ଷ୍ୟ ହେଉ'

**'ସାଇ ଥଟ୍ ଲିଡରଶିପ୍'**

ଭୁବନେଶ୍ୱର, ୨୨।୨(ବ୍ୟୁରୋ)



ଆଲୋଚନାଚକ୍ରରେ ଭାଗ ନେଇଥିବା ଅତିଥି ଓ ଅନ୍ୟମାନେ।

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ପକ୍ଷରୁ ଶୁକ୍ରବାର ଦେଶ ଓ ଜାତିର ବିକାଶକୁ କେନ୍ଦ୍ରକରି 'ସାଇ ଥଟ୍ ଲିଡରଶିପ୍' ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଚେୟାରମ୍ୟାନ୍ ସୁବ୍ରତୋ ବାଗ୍‌ଚୀ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ନିଜ ଜୀବନରେ କିପରି ଭାବେ ଜଣେ ଜଣେ ଦକ୍ଷ ନେତା (ଲିଡର) ହୋଇ ଦେଶ ଓ ଜାତିର ସଙ୍କଟକୁ ମୁକାବିଲା କରିବେ, ସେନେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏ ନେଇ ସେ ୨୦ଟି କୌଶଳ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ତଥା କାର୍ଯ୍ୟକାରୀ ସଭାପତି ଏବଂ ସାଇ ଇଣ୍ଟରନ୍ୟାଶନାଲ୍‌ର ପ୍ରତିଷ୍ଠାତା ବିଜୟ କୁମାର ସାହୁ ଯୋଗଦେଇ କହିଥିଲେ, ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶିକ୍ଷାବିତ୍, ଅଭିଭାବକ, ଛାତ୍ର ଏବଂ ଅନୁଷ୍ଠାନକୁ ପ୍ରତିପାଦିତ କରି ଶିକ୍ଷା ଦିଗରେ ଏକ ମୂଳ ପରିବର୍ତ୍ତନ ଆଣିବା ସାଇ ଥଟ୍ ଲିଡରଶିପ୍‌ର ମୁଖ୍ୟ ଉଦ୍ଦେଶ୍ୟ।

ଛାତ୍ରୀଛାତ୍ରମାନେ ନେତୃତ୍ୱ ନେବାର କୌଶଳ ଶିକ୍ଷା ଏବଂ ଏହାର ପରିଚାଳନାକୁ ଆଧାର କରି ସାଇ ଥଟ୍ ଲିଡରଶିପ୍‌କୁ ଆରମ୍ଭ କରାଯାଇଛି। ଆଗାମୀ ଦିନରେ ଦେଶ ବିଦେଶର ଅନେକ ଖ୍ୟାତନାମା ବ୍ୟକ୍ତିତ୍ୱଙ୍କୁ ନେଇ ଭର୍ଚୁଆଲ୍ ସାଇ ଥଟ୍ ଲିଡରଶିପ୍‌ର ଆଲୋଚନା ଅଧିବେଶନ ଦ୍ୱାରା ଛାତ୍ରୀଛାତ୍ରଙ୍କର ନେତୃତ୍ୱ ବିକାଶ କରାଯିବ।

# ଆଧୁନିକ ପ୍ରଣାଳୀରେ ଜଳଜୀବ ପ୍ରଶିକ୍ଷଣ



ଅତିଥିମାନେ ମାଛ ଖାଦ୍ୟ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ବାଲକାଟୀ,୨୨।୨(ଡି.ଏନ୍.ଏ.)

ସିଫା ପକ୍ଷରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସଶସ୍ତ୍ର ଆରକ୍ଷୀ ବାହିନୀ ସୁପ୍ରିମ ବାଟାଲିୟନରେ ଏସ୍‌ଟିପି କାର୍ଯ୍ୟକ୍ରମ ମାଧ୍ୟମରେ ମତ୍ସ୍ୟବୀଜ ଉତ୍ପାଦନ ଓ ଆଧୁନିକ ପ୍ରଣାଳୀରେ ଜଳଜୀବ ପାଳନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ବୈଜ୍ଞାନିକ ପ୍ରଣାଳୀରେ ମାଛଚାଷ କରିବା ପାଇଁ ଓଡ଼ିଶା ପୋଲିସର ଆଗ୍ରହକୁ ଭୂୟସୀ ପ୍ରଶଂସା କରିଥିଲେ। ସିଫା ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ଯୋଗଦେଇ ସିଫା ତରଫରୁ ମତ୍ସ୍ୟଚାଷ ଓ ଉତ୍ପାଦନ ବୃଦ୍ଧି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସିଫାର ଏପିଇଡି ବିଭାଗର ପ୍ରଧାନ ବୈଜ୍ଞାନିକ ଡ.ପି. ରାଉତରାୟ ଓ ଏଫଏନ୍‌ପିଡି ବିଭାଗର ବୈଜ୍ଞାନିକ ଡ.କେ.ସି ଦାସ ପ୍ରମୁଖ ମତ୍ସ୍ୟଖାଦ୍ୟ ଓ ପରିଚାଳନା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମାଛ ଖାଦ୍ୟ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୭ମ ବାଟାଲିୟନ ପୋଖରୀରେ ପ୍ରାୟ ୧୨ହଜାର ଜାଆଁଳ ଛଡ଼ାଯାଇଥିଲା। ଡିସିପି (ସଶସ୍ତ୍ର) ବିଜୟ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ଶିଶିର କୁମାର ମହାନ୍ତି ଓ ଦୁର୍ଗାପ୍ରସାଦ ରଥ ପରିଚାଳନା କରିଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧୋତ୍ସବ

**ବାସନ୍ତୀ ତ୍ରିପାଠୀଙ୍କୁ 'ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସମ୍ମାନ'**

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୦୧ତମ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ପାୱାର ହାଉସ୍ ନିକଟସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ମାଲ୍ୟାର୍ପଣ କରିଥିଲେ। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଲକ୍ଷ୍ମୀଧର ବେହେରା, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ସଭାପତି ଦିଲ୍ଲୀପ ଦାଶଶର୍ମା, ଶୀତଳ ଚନ୍ଦ୍ର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ନଗେନ୍ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯାନ ପକ୍ଷରୁ ବାସନ୍ତୀ ତ୍ରିପାଠୀଙ୍କୁ 'ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।



ଭୁବନେଶ୍ୱର ପାୱାର ହାଉସ୍ ଛକସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା।

# ଠକେଇ କରି ଧରମ ଭାଇ ଗିରଫ

**୩୦ ହଜାର ଟଙ୍କା ସହ ଏଟିଏମ୍ କାର୍ଡ ଜବତ**

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ମନରେ ବିଶ୍ୱାସ ଜନ୍ମାଇ ଜଣେ ଯୁବକ ଧରମ ଭାଇ ସାଜିଥିଲେ। ହେଲେ ମଉକା ଦେଖି ସମ୍ପୃକ୍ତ ମହିଳାଙ୍କ ୩୦ ହଜାର ଟଙ୍କା ସହ ଏଟିଏମ୍ କାର୍ଡ ଧରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଏତଲା ପରେ ପୋଲିସ ସୋମବାର ଏହି ଅଭିଯୁକ୍ତ ଧରମ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ନିମାପଡ଼ାର ବସନ୍ତ କୁମାର ସ୍ୱାଇଁ (୪୪) । ବସନ୍ତଙ୍କଠାରୁ ପୋଲିସ ୩୦ ହଜାର ଟଙ୍କା ସହ ଏଟିଏମ କାର୍ଡ ଜବତ କରିଛି। ସୂଚନା ଅନୁଯାୟୀ, ମିସ୍‌ଡ କଲ୍ ଜରିଆରେ ବସନ୍ତ ସମ୍ପୃକ୍ତ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ଫୋନରେ କଥାବାର୍ତ୍ତା ବେଳେ ମହିଳାଜଣଙ୍କ ଚାକିରି ଖୋଜୁଥିବା କହିଥିଲେ। ତେବେ ନିଜ ବ୍ୟବସାୟ ଆରମ୍ଭ କରିବା ପାଇଁ ବସନ୍ତ ସମ୍ପୃକ୍ତ ମହିଳାଙ୍କୁ ୨ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମହିଳାଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ରାମ ମନ୍ଦିରରେ ସୂତା ବାନ୍ଧି ଭାଇ ହୋଇଥିଲେ। ଗତ ୧୦ ତାରିଖରେ ସେ ଏହି ଟଙ୍କା ଦେବାକୁ କହି ମହିଳାଙ୍କୁ ଡକାଇଥିଲେ। ତେବେ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କ୍‌ରେ ୩୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଏଥିପାଇଁ ମହିଳା ଜଣକ ଧାର ଉଧାର କରି ୩୦ ହଜାର ଟଙ୍କା ଆଣିଥିଲେ। ବଡ଼ଗଡ଼ ଅଞ୍ଚଳର ଏକ ବ୍ୟାଙ୍କରେ ଆକାଉଣ୍ଟ ଅଛି, ସେଠାରୁ ୨ ଲକ୍ଷ ଉଠାଇ ଦେବି ବୋଲି କହି ବସନ୍ତ ମହିଳାଙ୍କୁ ସ୍କୁଟିରେ ବସାଇ ଆଣିଥିଲେ। ବସନ୍ତଙ୍କ ସହ ଅନ୍ୟ ଜଣେ ଯୁବକ ମଧ୍ୟ ଥିଲେ। ୩ ଜଣ କଳ୍ପନା ଛକରେ ପହଞ୍ଚିବା ପରେ ପୋଲିସ ଧରିବ କହି ମହିଳାଙ୍କୁ ଅଭିଯୁକ୍ତ ସ୍କୁଟିରୁ ଓହ୍ଲାଇ ଦେଇ ୩୦ ହଜାର ଧରି ଫେରାର ହୋଇ ଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ କଳ୍ପନା ଛକରେ ଲାଗିଥିବା ସିସିଟିଭି ଫୁଟେଜ୍ ଜରିଆରେ ଅଭିଯୁକ୍ତ ବସନ୍ତଙ୍କୁ ଚିହ୍ନଟ କରିଥିଲା। ଏଥିସହ ନିମାପଡ଼ାରେ ଚଢ଼ାଉ କରି ତାଙ୍କୁ ଧରିଥିଲା।




ପୁନଃ ନିଯୁକ୍ତି ଦାବିରେ ଓଡ଼ିଶା କୋଭିଡ୍-୧୯ ପାରାମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଅଭିନବ ବିକ୍ଷୋଭ।



ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ସୋମବାର ପିଡିପି ଅଧକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ୩ ବର୍ଷ ପାଇଁ ସେ ଏହି ଦାୟିତ୍ୱରେ ରହିବେ। ବରିଷ୍ଠ ନେତା ଗୁଲାମ ନବୀ ଲୋନ ହାଞ୍ଜୁରା ଏବଂ ଦଳ ମୁଖପାତ୍ର ଖୁର୍ସିଦ ଆଲମ ଅଧକ୍ଷ ପଦ ପାଇଁ ମେହବୁବାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ସେହିପରି ବରିଷ୍ଠ ନେତା ଅବଦୁଲ ରେହମାନ ବିରି ଦଳ ନିର୍ବାଚନ ବୋର୍ଡର ଅଧକ୍ଷ ହୋଇଛନ୍ତି। ସର୍ବସମ୍ମତି କ୍ରମେ ମେହବୁବାଙ୍କୁ ପାର୍ଟି ମୁଖ୍ୟ ଭାବେ ଚୟନ କରାଯାଇଥିବା ମୁଖପାତ୍ର ଅବଦୁଲ କହିଛନ୍ତି।

## ସଂକ୍ଷେପରେ

### ପୋଲିସ ହାଜତକୁ ଗଲେ ଦିଶା

**ନୂଆଦିଲ୍ଲୀ, ୨୨।୨(ପି.ଟି.):** ଟୁଲ୍‌କିଟ୍ ମାମଲାରେ ଜଳବାୟୁ କର୍ମୀ ଦିଶା ରବିଙ୍କୁ ଦିଲ୍ଲୀର ଏକ ଅଦାଲତ ଦିନକ ପାଇଁ ପୋଲିସ ହାଜତକୁ ପଠାଇ ଦେଇଛନ୍ତି। ତାଙ୍କୁ ଆଉ ୫ ଦିନ ରିମାଣ୍ଡରେ ନେଇ ଜେରା କରିବାକୁ ଦିଲ୍ଲୀ ପୋଲିସ ସୋମବାର ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ପଙ୍କଜ ଶର୍ମାଙ୍କ ନିକଟରେ ଆବେଦନ କରିଥିଲା। ୩ ଦିନିଆ ବିଚାର ବିଭାଗୀୟ ହାଜତ ମିଆଦ ପୂରିବା ପରେ ଦିଶାଙ୍କୁ ସୋମବାର କୋର୍ଟରେ ହାଜର କରାଯାଇଥିଲା। ଗତ ୧୩ ତାରିଖରେ ତାଙ୍କୁ ଗିରଫ କରିବା ପରେ ପୋଲିସ ୫ ଦିନ ହାଜତକୁ ନେଇ ଜେରା କରିଥିଲା।

### ସାଇକେଲରେ ଅଫିସ୍ ଗଲେ ଭଦ୍ରା

**ନୂଆଦିଲ୍ଲୀ, ୨୨।୨:** ବ୍ୟବସାୟୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ଭଦ୍ରା ସୋମବାର ତୈଳଦର ବୃଦ୍ଧିର ପ୍ରତିବାଦ କରି ସାଇକେଲ ଚଲାଇ ଅଫିସ୍ ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଏସି କାର୍‌ରୁ ବାହାରି ଲୋକେ କିପରି ଦୁର୍ଦ୍ଦଶା ଭୋଗୁଛନ୍ତି ତାହା ଦେଖନ୍ତୁ। ଏହା ପରେ ବୋଧ ହୁଏ ସେ ତେଲ ଦର କମାଇବେ ବୋଲି ଭଦ୍ରା କହିଛନ୍ତି।

### ଯଶମିତ୍ ସିଂ, ଅମିତ୍ ବଂଶଲ ଦିଲ୍ଲୀ ହାଇକୋର୍ଟ ବିଚାରପତି ନିଯୁକ୍ତ

**ନୂଆଦିଲ୍ଲୀ, ୨୨।୨:** ଆଇନଜୀବୀ ଯଶମିତ୍ ସିଂ ଏବଂ ଅମିତ୍ ବଂଶଲଙ୍କୁ ଦିଲ୍ଲୀ ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏନେଇ ସୋମବାର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇନଜୀବୀ ଯଶମିତ୍ ସିଂ, ଅମିତ୍ ବଂଶଲ, ତାରା ବିତସ୍ତା ଗଞ୍ଜୁ, ଅନିଶ୍ ଦୟାଲ, ଅମିତ୍ ଶର୍ମା ଏବଂ ମିନି ପୁଷ୍କର୍ଣ୍ଣଙ୍କୁ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପ୍ରିମକୋର୍ଟ କଲେଜିୟମ ଗତବର୍ଷ ସୁପାରିସ କରିଥିଲେ।

### ଇଟାଲୀ ରାଷ୍ଟ୍ରଦୂତଙ୍କୁ ହତ୍ୟା



**ରୋମ୍, ୨୨।୨:** ଡେମୋକ୍ରାଟିକ୍ ରପବ୍ଲିକ ଅଫ୍ କଙ୍ଗୋରେ ଇଟାଲୀ ରାଷ୍ଟ୍ରଦୂତ ଲୁକା ଆଟେନେସିଓଙ୍କୁ ସୋମବାର ହତ୍ୟା କରାଯାଇଛି। ଏ ନେଇ ଇଟାଲୀ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆଟେନେସିଓ ଜାତିସଂଘର ଏକ କନ୍‌ଭେରେ ଯାଉଥିବାବେଳେ ତାଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଥିଲା। ଏଥିରେ ତାଙ୍କ ସହ ଥିବା ଜଣେ ଇଟାଲୀ ସୈନିକଙ୍କ ମଧ ମୃତ୍ୟୁ ଘଟିଛି।

# କଂଗ୍ରେସ ହାତରୁ ଗଲା ପୁଡୁଚେରୀ

**ପୁଡୁଚେରୀ, ୨୨।୨**



ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି ନାରାୟଣସ୍ୱାମୀ ଉପରାଜ୍ୟପାଳ ତାମିଲସାଇ ସୌନ୍ଦରରାଜନଙ୍କୁ ଇସ୍ତଫାପତ୍ର ଦେଉଛନ୍ତି।

- ଆସ୍ଥା ଭୋଟ ହାରିବା ପରେ ନାରାୟଣସ୍ୱାମୀଙ୍କ ଇସ୍ତଫା
- ଭାଜପା, ଏନ୍‌ଆର୍ କଂଗ୍ରେସକୁ ଦୋଷ ଦେଲେ

କଂଗ୍ରେସ ହାତରୁ ଗୋଟିଏ ପରେ ଗୋଟିଏ ରାଜ୍ୟ ଖସିବାରେ ଲାଗିଛି। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଆଉ ୩ ମାସ ପରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସେଠାର କଂଗ୍ରେସ ନେତୃତ୍ୱାଧୀନ ସରକାର କ୍ଷମତାରୁ ଯାଇଛି। ଫଳରେ ଦକ୍ଷିଣ ଭାରତରେ କଂଗ୍ରେସ ଏହାର ସତ୍ତା ହରାଇଛି। ଏହି ସର୍ବପୁରାତନ ଦଳ କେବଳ ପଞ୍ଜାବ, ରାଜସ୍ଥାନ ଓ ଛତିଶଗଡ଼ରେ ସୀମିତ ଥିବାବେଳେ ମହାରାଷ୍ଟ୍ରରେ ଏନ୍‌ସିପି ଏବଂ ଶିବସେନା ସହ ଏବଂ ଝାଡ଼ଖଣ୍ଡରେ ଜେଏମ୍‌ଏମ୍ ସହ ମେଣ୍ଟ ସରକାରରେ ରହିଛି। ଉଭୟ ରାଜ୍ୟରେ କଂଗ୍ରେସ ସାନଭାଇ ଭୂମିକାରେ ରହିଛି।

ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସୋମବାର ପୁଡୁଚେରୀ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାରେ ବିଫଳ ହୋଇଛି। ଫଳରେ ନାରାୟଣସ୍ୱାମୀଙ୍କ ସମେତ ତାଙ୍କ କ୍ୟାବିନେଟ ସଦସ୍ୟମାନେ ଉପରାଜ୍ୟପାଳ ତାମିଲିସାଇ ସୌନ୍ଦରରାଜନଙ୍କୁ ଭେଟି ଇସ୍ତଫା ଦେଇଛନ୍ତି। ପୁଡୁଚେରୀ ସରକାର ଭାଙ୍ଗିବା ପାଇଁ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ଭାଜପା ଏବଂ ଏନ୍‌ଆର୍ କଂଗ୍ରେସକୁ ଦାୟୀ କରିଛନ୍ତି। ଆସ୍ଥାଭୋଟ ପୂର୍ବରୁ ନାରାୟଣସ୍ୱାମୀ ବିଧାନସଭାରେ ଭାବବିହ୍ୱଳ ଅଭିଭାଷଣ ରଖିଥିଲେ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର, ପୂର୍ବତନ ଉପରାଜ୍ୟପାଳ କିରଣ ବେଦୀ ଏବଂ ବିରୋଧୀ ଦଳଗୁଡ଼ିକ ତାଙ୍କ ସରକାରକୁ କ୍ଷମତାଚ୍ୟୁତ କରିବା ଲାଗି କ୍ରମାଗତ ଭାବେ ଉଦ୍ୟମ ଚଳାଇଆସୁଥିବା ସେ ଅଭିଯୋଗ କରିଥିଲେ। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ବିଭିନ୍ନ ରାଜ୍ୟରେ ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରିଛି। କେବଳ ରାଜସ୍ଥାନରେ ସେମାନଙ୍କର ଯୋଜନା କାମ କରି ନ ଥିଲା ବୋଲି ନାରାୟଣସ୍ୱାମୀ କହିଥିଲେ।

ସଂଖ୍ୟାଗରିଷ୍ଠତା ପାଇଁ ୧୪ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ଆସ୍ଥାଭୋଟର ଦିନକ ପୂର୍ବରୁ ରବିବାର ଶାସକ ମେଣ୍ଟରୁ ଦୁଇଜଣ ବିଧାୟକଙ୍କ ଇସ୍ତଫା ଫଳରେ ସଂଖ୍ୟା ୧୨କୁ ହ୍ରାସ ପାଇଥିଲା। ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀନାରାୟଣନ୍ ଏବଂ ସହଯୋଗୀ ଡିଏମ୍‌କେ ବିଧାୟକ କେ. ଭେଙ୍କଟେଶନ୍ ବିଧାନସଭାରୁ ଇସ୍ତଫା ଦେଇଥିଲେ। ଗତବର୍ଷ କଂଗ୍ରେସ ବିଧାୟକ ଏନ୍. ଦାନାଭେଲୁଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଗତ ୩୦ ଦିନ ମଧ୍ୟରେ କଂଗ୍ରେସରୁ ୫ ଓ ଡିଏମ୍‌କେରୁ ଜଣେ ବିଧାୟକ ଇସ୍ତଫା ଦେଇଥିଲେ। ଫଳରେ କଂଗ୍ରେସ ବିଧାୟକ ସଂଖ୍ୟା ୯ ଏବଂ ଡିଏମ୍‌କେର ୨କୁ ଖସିଥିବାବେଳେ ଜଣେ ସ୍ୱାଧୀନ ବିଧାୟକ ସରକାରଙ୍କୁ ସମର୍ଥନ ଦେଉଥିଲେ। ସରକାର ସଂଖ୍ୟାଗରିଷ୍ଠତା ହରାଇଥିବା ନେଇ ବିରୋଧୀ ଦଳଗୁଡ଼ିକ ଉପରାଜ୍ୟପାଳ ତାମିଲିସାଇଙ୍କୁ ସ୍ମାରକପତ୍ର ଦେଇଥିଲେ। ଫଳରେ ମୁଖ୍ୟମନ୍ତ୍ରୀ ନାରାୟଣସ୍ୱାମୀଙ୍କୁ ଆସ୍ଥାଭୋଟ ଲୋଡ଼ିବା ପାଇଁ ଗତ ଗୁରୁବାର ଉପରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସଂଖ୍ୟାଗରିଷ୍ଠତାର ପ୍ରମାଣ ପାଇଁ ସୋମବାର ପୂର୍ବାହ୍ନ ୧୦ଟାରେ ପୁଡୁଚେରୀ ବିଧାନସଭା ଅଧିବେଶନ ଆରମ୍ଭ ହୋଇଥିଲା।

ବିରୋଧୀ ପକ୍ଷରେ ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସର ୭ ବିଧାୟକ ଥିବାବେଳେ ଏଆଇଏଡିଏମ୍‌କେର ୪ ଏବଂ ଭାଜପାର ୩ ମନୋନୀତ ବିଧାୟକ ରହିଛନ୍ତି। ମନୋନୀତ ୩ ବିଧାୟକଙ୍କୁ ଆସ୍ଥାଭୋଟରେ ଭାଗନେବା ଲାଗି ଅନୁମତି ନ ଦେବାକୁ ମୁଖ୍ୟମନ୍ତ୍ରୀ ନାରାୟଣସ୍ୱାମୀ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ ହେଁ ସେ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। ଶାସକ କଂଗ୍ରେସ ଜନସାଧାରଣଙ୍କର ତଥା ନିଜ ବିଧାୟକମାନଙ୍କ ଆସ୍ଥା ହରାଇଥିଲା ବୋଲି ବିରୋଧୀ ଦଳ ନେତା ତଥା ଏନ୍‌ଆର୍ କଂଗ୍ରେସର ପ୍ରତିଷ୍ଠାତା ନେତା ଏନ୍. ରାଙ୍ଗାସ୍ୱାମୀ କହିଛନ୍ତି। ନାରାୟଣସ୍ୱାମୀ ସରକାର ଭାଙ୍ଗିବା ପରେ ଏନ୍‌ଆର୍ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ସରକାର ଗଠନ ଲାଗି ଦାବି ଉପସ୍ଥାପନ କରିପାରନ୍ତି କିମ୍ବା ଉପରାଜ୍ୟପାଳ ପୁଡୁଚେରୀରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ସୁପାରିସ କରିପାରନ୍ତି ବୋଲି କୁହାଯାଉଛି।

### ଏମ୍‌ପି ମୋହନ ଦେଲକର୍‌ଙ୍କ ଆତ୍ମହତ୍ୟା



**ମୁମ୍ବାଇ, ୨୨।୨**

ଦାଦ୍ରା ଏବଂ ନଗରହବେଳି ଏମ୍‌ପି ମୋହନ ଦେଲକର(୫୮)ଙ୍କ ମୃତଦେହ ଦକ୍ଷିଣ ମୁମ୍ବାଇର ଏକ ହୋଟେଲରୁ ମିଳିଛି। ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ହୋଟେଲ ରୁମ୍‌ରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଦେଲ୍‌କରଙ୍କ ମୃତଦେହ ମିଳିବା ପରେ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା। ୧୯୮୯ରୁ ୨୦୧୯ ପର୍ଯ୍ୟନ୍ତ ଦେଲ୍‌କର ୭ ଥର ଏମ୍‌ପି ରହିଥିଲେ। ୧୯୮୯, ୧୯୯୧ ଓ ୧୯୯୬ରେ ସେ କଂଗ୍ରେସ ଟିକେଟ୍‌ରେ ଏବଂ ୧୯୯୮ରେ ଭାଜପା ଟିକେଟ୍‌ରେ ଏମ୍‌ପି ହୋଇଥିଲେ। କିନ୍ତୁ ୧୯୯୯ରେ ସେ ସ୍ୱାଧୀନ ଭାବେ ଲଢ଼ି ବିଜୟୀ ହୋଇଥିଲେ। ୨୦୦୪ ଓ ୨୦୧୯ରେ ମଧ ସେ ନିର୍ଦ୍ଦଳୀୟ ଏମ୍‌ପି ଭାବେ ଶପଥ ନେଇଥିଲେ। ପରିବାରରେ ସ୍ତ୍ରୀ ଓ ଦୁଇ ଝିଅପୁଅ ରହିଛନ୍ତି। ବରିଷ୍ଠ ନେତାଙ୍କଠାରୁ ଅପମାନିତ ହେବା ଏବଂ ପକ୍ଷପାତିତାର ଶିକାର ହୋଇଥିବା ସେ ସୁଇସାଇଡ୍ ନୋଟ୍‌ରେ ଲେଖିଛନ୍ତି। ଏହାର ତଦନ୍ତ ଚାଲିଥିବା ପୋଲିସ କହିଛି।

## ଭାରତ ଜଳସୀମାରେ ରୋହିଙ୍ଗ୍ୟା



**ନୂଆଦିଲ୍ଲୀ, ୨୨।୨**

- ୬ ଦିନ ତଳେ ଖରାପ ହୋଇଛି ବୋଟ୍ ଇଞ୍ଜିନ
- ଖାଦ୍ୟପାନୀୟ ଅଭାବରୁ ୮ ମୃତ
- ଉଦ୍ଧାର ପାଇଁ ଭାରତକୁ ଅନୁରୋଧ

ପ୍ରାୟ ୯୦ ରୋହିଙ୍ଗ୍ୟା ଏବଂ ୩ ବାଲାଂଦେଶ କ୍ରିଉ ସଦସ୍ୟଙ୍କ ସହ ଏକ ବୋଟ୍ ସୋମବାର ଭାରତର ଜଳସୀମା ଆଣ୍ଡାମାନ ନିକଟରେ ପହଞ୍ଚିଛି। ଜାତିସଂଘ ଏଜେନ୍ସି ଏବଂ ମାନବାଧିକାର ଗୋଷ୍ଠୀ ପକ୍ଷରୁ ଏ ନେଇ ଚିନ୍ତା ବ୍ୟକ୍ତ କରାଯିବା ସହ ସେମାନଙ୍କୁ ତୁରନ୍ତ ଉଦ୍ଧାର ପାଇଁ ଅନୁରୋଧ କରାଯାଇଛି। ଉକ୍ତ ବୋଟ୍‌ରେ ୬୫ ରୋହିଙ୍ଗ୍ୟା ସମ୍ପ୍ରଦାୟର ମହିଳା ଓ ଯୁବତୀ, ୨ରୁ କମ୍ ବର୍ଷର ୫ ଶିଶୁ ଏବଂ ୨୦ ଜଣ ପୁରୁଷ ଥିବା କ୍ରିଉ ସଦସ୍ୟମାନେ ଏକ ମାନବାଧିକାର ସଙ୍ଗଠନ 'ଆରାକନ୍ ପ୍ରୋଜେକ୍ଟ'କୁ ସୂଚନା ଦେଇଛନ୍ତି। ଫେବୃୟାରୀ ୧୧ରେ ବୋଟ୍‌ଟି ବାଲାଂଦେଶର କକ୍ସ ବଜାରରୁ ବାହାରି ଦକ୍ଷିଣ-ପୂର୍ବ ଏସିଆ ଅଭିମୁଖେ ଯାଉଥିଲା। ୬ ଦିନ ତଳେ ବୋଟ୍‌ର ଇଞ୍ଜିନ ବନ୍ଦ ହୋଇଯିବାରୁ ଏହା ଆଣ୍ଡାମାନ ଦ୍ୱୀପ ଆଡ଼କୁ ଆସିଥିଲା। ଖାଦ୍ୟପାନୀୟ ଅଭାବରୁ ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଶରଣାର୍ଥୀଙ୍କ ପାଇଁ ଜାତିସଂଘ ଉଚ୍ଚାୟୁକ୍ତ(ୟୁଏନ୍‌ସିଆର୍)ଙ୍କୁ ଏ ବାବଦରେ ଅବଗତ କରାଯିବା ସହ ଭାରତୀୟ ନୌସେନା ଏବଂ କୋଷ୍ଟଗାର୍ଡମାନେ ସେମାନଙ୍କୁ ଉଦ୍ଧାର କରିବାକୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଥିବା ଆରାକନ୍ ପ୍ରୋଜେକ୍ଟ ନିର୍ଦ୍ଦେଶକ କ୍ରିସ୍ ଲେୱା କହିଛନ୍ତି। ତେବେ ଉକ୍ତ ବୋଟ୍ କେଉଁଠାରୁ ଓ କିପରି ଆସିଛି ତାହା ଜାଣିବାକୁ ତଦନ୍ତ ଚାଲିଥିବା ଭାରତୀୟ ନୌସେନା ପକ୍ଷରୁ କୁହାଯାଇଛି।

## ନ୍ୟାଶନାଲ ହେରାଲ୍ଡ ମାମଲା ସୋନିଆ, ରାହୁଲଙ୍କୁ ଜବାବ ମାଗିଲେ ହାଇକୋର୍ଟ

**ନୂଆଦିଲ୍ଲୀ, ୨୨।୨(ପି.ଟି.)**

ନ୍ୟାଶନାଲ ହେରାଲ୍ଡ ମାମଲାରେ ଭାଜପା ଏମ୍‌ପି ସୁବ୍ରମଣ୍ୟମ ସ୍ୱାମୀଙ୍କ ପିଟିଶନ ଉପରେ ଦିଲ୍ଲୀ ହାଇକୋର୍ଟ ସୋମବାର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ତାଙ୍କ ପୁଅ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଜବାବ ମାଗିଛନ୍ତି। ସୁବ୍ରମଣ୍ୟମ ତାଙ୍କ ପିଟିଶନରେ ତଳକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିଥିଲେ। ଏପ୍ରିଲ ୧୨ ସୁଦ୍ଧା ଏହା ଉପରେ ଜବାବ ରଖିବା ପାଇଁ ଜଷ୍ଟିସ୍ ସୁରେଶ କୌତ୍‌ଙ୍କ ଖଣ୍ଡପୀଠ ସୋନିଆ, ରାହୁଲଙ୍କ ସମେତ ଏଆଇସିସି ସାଧାରଣ ସମ୍ପାଦକ ଓସ୍କାର ଫର୍ଣ୍ଣାଣ୍ଡିଜ୍, ସୁମନ ଦୁବେ, ସାମ୍ ପିଟ୍ରୋଡା ଏବଂ ୟଙ୍ଗ୍ ଇଣ୍ଡିଆ(ୱାଇଆଇ)କୁ ନୋଟିସ ଜାରି କରିଛନ୍ତି। ସେ ପର୍ଯ୍ୟନ୍ତ ମାମଲାର ଶୁଣାଣିକୁ ସ୍ଥଗିତ ରଖାଯାଇଛି। ସୁବ୍ରମଣ୍ୟମଙ୍କ ପକ୍ଷରୁ ଆଇନଜୀବୀ ସତ୍ୟ ସଭରୱାଲ୍ ଏବଂ ଗାନ୍ଧୀ ପରିବାର ଓ ଅନ୍ୟମାନଙ୍କ ତରଫରୁ ତରନ୍ନୁମ୍ ଚିମା ମାମଲା ଲଢ଼ୁଥିଲେ। ଭାଜପା ନେତା ସୁବ୍ରମଣ୍ୟମ୍ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି, ପ୍ରମୁଖ ସାକ୍ଷ୍ୟ ଆଧାରରେ ସୋନିଆ, ରାହୁଲ ଓ ଅନ୍ୟମାନଙ୍କ ବିରୋଧରେ ମକଦ୍ଦମା ଚଳାଇବାକୁ ତଳକୋର୍ଟ ଅନୁମତିଦେଇ ନ ଥିଲେ। ସୁବ୍ରମଣ୍ୟମ୍ ତଳକୋର୍ଟରେ ଦାଖଲ କରିଥିବା ଅଭିଯୋଗରେ ନ୍ୟାଶନାଲ ହେରାଲ୍ଡ ମାମଲାରେ ସୋନିଆ, ରାହୁଲଙ୍କ ବ୍ୟତୀତ ଅନ୍ୟମାନେ ଜାଲିଆତି ଓ ବେଆଇନ ଭାବେ ଅର୍ଥ ସଂଗ୍ରହ କରିବାରେ ଷଡ଼ଯନ୍ତ୍ରରେ ସାମିଲ ଥିବାର ପ୍ରମାଣ ଉପସ୍ଥାପନ କରିଥିଲେ।

## 'କୃଷି ଆଇନ ଚାଷୀଙ୍କୁ ବରବାଦ କରିଦେବ'



**ଥିରୁଭାନନ୍ତପୁରମ୍, ୨୨।୨**

### ୱାୟନାଡ୍‌ରେ ରାହୁଲଙ୍କ ଟ୍ରାକ୍ଟର ରାଲି

କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ତାଙ୍କ ନିର୍ବାଚନମଣ୍ଡଳୀ କେରଳର ୱାୟନାଡ୍‌ରେ ଟ୍ରାକ୍ଟର ରାଲି କରିଛନ୍ତି। ଏଥିରେ ଶହେରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ସହ ଚାଷୀ, ଶ୍ରମିକ ଓ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। କଂଗ୍ରେସ ବିଧାୟକ ଆଇ. ସି. ବାଲକ୍ରିଷ୍ଣନ ଏବଂ କଂଗ୍ରେସ ସାଧାରଣ ସମ୍ପାଦକ କେ. ସି. ବେଣୁଗୋପାଳ ରାଲିରେ ଉପସ୍ଥିତ ଥିଲେ। ଏହି ଅବସରରେ ରାହୁଲ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଥିଲେ, ପୂରା ବିଶ୍ୱ ଭାରତୀୟ ଚାଷୀଙ୍କ ସମସ୍ୟା ଦେଖିପାରୁଛି, କିନ୍ତୁ ଦିଲ୍ଲୀରେ ବସିଥିବା ସରକାରଙ୍କୁ ଏହା ଦେଖାଯାଉନାହିଁ। ଏହି 'କୃଷକ ବିରୋଧୀ ଆଇନ' ଚାଷୀଙ୍କୁ ସମ୍ପୂର୍ଣ୍ଣ ଭାବେ ବରବାଦ କରିଦେବ। ଦେଶର ୪୦ ପ୍ରତିଶତରୁ ଅଧିକ ଲୋକ ଏହା ଦ୍ୱାରା ପ୍ରଭାବିତ ହେବେ। ତେଣୁ ଏହି ଆଇନ ହଟା ନ ଯିବା ପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ରାହୁଲ କହିଥିଲେ। ଏଥିସହ ୱାୟନାଡ୍ ନିର୍ବାଚନମଣ୍ଡଳୀକୁ ବଫର ଜୋନରୁ ହଟାଇବା ପାଇଁ କେନ୍ଦ୍ରକୁ କେରଳ ସରକାର ଚିଠି ଲେଖନ୍ତୁ ବୋଲି ସେ ଦାବି କରିଥିଲେ।

### ୨ ରାଜ୍ୟ ସଭା ଆସନରେ ଭାଜପା ବିଜୟୀ

**ଅହମଦାବାଦ, ୨୨।୨**

ଗୁଜରାଟରୁ ରାଜ୍ୟ ସଭାର ଦୁଇଟି ଆସନ ଲାଗି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନ ଦେବାରୁ ଭାଜପା ପ୍ରାର୍ଥୀ ଦିନେଶ ଚନ୍ଦ୍ର ଅନୱାଡ଼ିୟା ଏବଂ ରମ୍ଭାଇ ମୋକାରିୟା ସୋମବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ ଏବଂ ଭାଜପା ଏମ୍‌ପି ଅଭୟ ଭରଦ୍ୱାଜଙ୍କ ପରଲୋକ ଯୋଗୁ ଉପରୋକ୍ତ ଦୁଇ ଆସନ ଖାଲି ପଡ଼ିଥିଲା। ୧୯୯୩ରୁ ରାଜ୍ୟ ସଭା ସଦସ୍ୟ ଥିବା ଅହମଦଙ୍କର ଗତବର୍ଷ ନଭେମ୍ବର ୨୫ରେ ପରଲୋକ ହୋଇଥିଲା। ସେହିପରି ୨୦୧୯ରେ ରାଜ୍ୟ ସଭାକୁ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିବା ଅଭୟଙ୍କର ଡିସେମ୍ବର ୧ରେ କରୋନା ଯୋଗୁ ମୃତ୍ୟୁ ଘଟିଥିଲା। ଭାଜପାର ଦୁଇଜଣ ଡମି ପ୍ରାର୍ଥୀ ରଜନିକାନ୍ତ ପଟେଲ ଏବଂ କିରିଟ ସୋଲାଙ୍କି ଶନିବାର ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିଲେ।

### ରୁଜିରା ବାନାର୍ଜୀଙ୍କୁ ଆଜି ଜେରା

**କୋଲକାତା, ୨୨।୨**

କୋଇଲା ଚୋରା କାରବାର ମାମଲାରେ ସିବିଆଇ ସୋମବାର ଟିଏମ୍‌ସି ଏମ୍‌ପି ଅଭିଷେକ ବାନାର୍ଜୀଙ୍କ ଶାଳୀ ମେନକା ଗମ୍ଭୀରଙ୍କୁ ସୋମବାର ଜେରା କରିଥିବାବେଳେ ମଙ୍ଗଳବାର ସ୍ତ୍ରୀ ରୁଜିରା ବାନାର୍ଜୀଙ୍କୁ ଜେରା କରିବ। ତେବେ ରୁଜିରାଙ୍କ ପାସ୍‌ପୋର୍ଟକୁ ନେଇ ବିବାଦ ରହିଥିବାରୁ ସେ ଅଡୁଆରେ ପଡ଼ିପାରନ୍ତି ବୋଲି କୁହାଯାଉଛି। ବ୍ୟାଙ୍କରେ ଜନ୍ମିତ ରୁଜିରାଙ୍କ ପାଖରେ ଥାଇଲାଣ୍ଡ ପାସ୍‌ପୋର୍ଟ ରହିଛି। ତେବେ ସେ ବିଭିନ୍ନ ସରକାରୀ କାଗଜପତ୍ରରେ ନିଜର ଜାତୀୟତା ଭାରତୀୟ ବୋଲି ଲେଖିଛନ୍ତି। ଦୁଇବର୍ଷ ପୂର୍ବେ ରୁଜିରାଙ୍କ ବ୍ୟାଗ୍‌ରୁ ପ୍ରଚୁର ସୁନା ମିଳିବା ପରେ ସୀମାଶୁଳ୍କ ଅଧିକାରୀ ତାଙ୍କ ବ୍ୟାଗ୍ ଯାଞ୍ଚ କରିଥିଲେ। ସେତେବେଳେ ତାଙ୍କ ପାଖରୁ ଥାଇଲାଣ୍ଡ ପାସ୍‌ପୋର୍ଟ ମିଳିଥିଲା। ଏହି ମାମଲା ଏବେ ବି ବିଚାରାଧୀନ ରହିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ

A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

(Registration Free) Govt. Approved
Indus Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଖେତରେ ସବୁ କମ୍ପାନୀର 3G/4G Digital ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ
ଆଡ୍‌ଭାନ୍ସ 90 ଲକ୍ଷ
ଭଡ଼ା: 60,000
+ ଅନ୍ୟାନ୍ୟ ସୁବିଧା
କାମ ଆମର, ବିଶ୍ୱାସ ଆପଣଙ୍କର
ଠକମାନଙ୍କ ପ୍ରତି ସାବଧାନ
09473850463
08278034293

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/-
ପାଆନ୍ତୁ ଓ ମାସକୁ
ଭଡା 45,000/-
ଟଙ୍କା ପାଆନ୍ତୁ +
ଚାକିରୀ ପାଆନ୍ତୁ

Bansal Tower B Wing, Bangalore, Karnataka-400021.
9485687401
8901064681

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ

ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ

ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଚାକିରି ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ

9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା। କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ। କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି

୧୬ତମ ଶ୍ରାଦ୍ଧବାର୍ଷିକୀ

✓ଶ୍ୟାମସୁନ୍ଦର ଚୌଧୁରୀ
ଆବିର୍ଭାବ-୨୫.୦୯.୧୯୩୦
ତିରୋଧାନ-୧୯.୦୨.୨୦୦୫
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ଏବଂ ସମସ୍ତ ଆତ୍ମୀୟ ସ୍ୱଜନ ଓ ପରିବାରବର୍ଗ।
ସ୍ଥାନ : ଚିନ୍ତାମଣିଶ୍ୱର ଲେନ୍ ଭୁବନେଶ୍ୱର - ୭୫୧ ୦୦୬
ଫୋନ୍ - ୨୩୧୩୫୧୨
ଧ-୭୦୦୨୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ବାସୁଦେବ ଗରାବଡୁ
ବଡ଼ଦାଣ୍ଡସାହି, ଓଲ୍ଡ ଟାଉନ୍, ପୁରୁଣା ଭୁବନେଶ୍ୱର-୨
ତିରୋଧାନ: ପବିତ୍ର ଭୌମ ଏକାଦଶୀ ତିଥି
ପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜ ଓ ମା' ଗୋପାଳୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ।
-:ଆଶୀର୍ବାଦାକାଂକ୍ଷୀ:-
ହତଭାଗ୍ୟା ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୬୯୪୮

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ସୁବାସିନୀ ଶ୍ରୀଚନ୍ଦନ
ଆବିର୍ଭାବ: ୧୫.୦୮.୧୯୬୩
ତିରୋଧାନ: ୧୪.୦୨.୨୦୨୧
ମହିସାହି, ବଡଗଡ ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ହତଭାଗ୍ୟ ପୁତ୍ର / ପୁତ୍ରୀ ସହିତ ଶ୍ରୀଚନ୍ଦନ, ସୁଚୀସ୍ମିତା ଶ୍ରୀଚନ୍ଦନ, ଲକ୍ଷ୍ମୀଧର ଶ୍ରୀଚନ୍ଦନ (ଦେବସ୍ତର), ବିଭୂତି ଭୂଷଣ ଶ୍ରୀଚନ୍ଦନ (ଦେବସ୍ତର), ବାବାଜୀ ଶ୍ରୀଚନ୍ଦନ (ସାମୀ), ଅଶୋକ ଶ୍ରୀଚନ୍ଦନ (ପୁତୁରା), ଅବିନାଶ (ଭ୍ରାଇଁ), ଅୟାନ, ଶିଆ, ଟିଆ (ନାତୁଣୀ), ଏସ୍‌ଆର୍ ଭ୍ୟାଲି, ଗଗନସାହା ମଣ୍ଡପ, ଲିଙ୍ଗିପୁର କମ୍ପ୍ଲେକ୍ସ, ଏକାମ୍ର ବ୍ରଏଲର୍ ବନ୍ଧୁ ଓ ପରିବାରବର୍ଗ।
ଧ-୭୦୫୩୭




# ଘରୋଇ ସ୍କ୍ରବ

ଚେହେରାର ବିଭିନ୍ନ ସ୍ଥାନରେ ଥିବା ଅନାବଶ୍ୟକ ଲୋମକୁ ସଫା କରିବା ପାଇଁ ସମସ୍ତେ ସ୍କ୍ରବ ବ୍ୟବହାର କରିଥା'ନ୍ତି ତେବେ ଆପଣ ଚାହିଁଲେ ଘରୋଇ ଉପାୟରେ ବିଭିନ୍ନ ପ୍ରକାରର ସ୍କ୍ରବ ତିଆରି କରିପାରିବେ....

**କଦଳୀ ଓଟ୍‌ସ ସ୍କ୍ରବ**
ଗୋଟିଏ ପାଚିଲା କଦଳୀରେ ଦୁଇ ବଡ଼ ଚାମଚ ଓଟ୍‌ସ ମିଶାଇ ତାକୁ ଭଲଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୨୦ ମିନିଟ୍ ଛାଡ଼ିଦିଅନ୍ତୁ। ଶୁଖିଗଲା ପରେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ।

**ଛୋଲେ ଅଟାରେ ସ୍କ୍ରବ:**
୧ ଚାମଚ ହଳଦୀ ଗୁଣ୍ଡ, ୧ ଚାମଚ କ୍ରିମ୍, ଅଧାକପ୍ କ୍ଷୀର ସହିତ ଅଧା କପ୍ ଛୋଲେରୁ ପ୍ରସ୍ତୁତ ଅଟାମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଅନାବଶ୍ୟକ ଲୋମ ଥିବା ସ୍ଥାନରେ ଏହି ପେଷ୍ଟକୁ ଲଗାଇ ୩୦ ମିନିଟ୍ ଛାଡ଼ିଦିଅନ୍ତୁ। ଶୁଖିଗଲା ପରେ ତ୍ୱଚାର ବିପରୀତ ଦିଗରେ ଘଷି ଘଷି ଛଡାନ୍ତୁ। ଶେଷରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

**ଅଣ୍ଡା ଓ କର୍ନଫ୍ଲୋର ମାସ୍କ**
୧ଟି ଅଣ୍ଡାରେ ୧ ଚାମଚ ଚିନି ଓ ଅଧା ଚାମଚ କର୍ନଫ୍ଲୋର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଏହାପରେ ହାତରେ ଘଷି ଧୀରେ ଧୀରେ ଛଡ଼ାନ୍ତୁ। ଶେଷରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ଏପରି ଦୁଇ କିମ୍ବା ତିନିଥର କରନ୍ତୁ।

**ଅମୃତଭଣ୍ଡା ଓ ହଳଦୀ**
ଅଳ୍ପ ପାଚିଲା ଅମୃତଭଣ୍ଡା ସହିତ ଅଧା ଚାମଚ ହଳଦୀ ଗୁଣ୍ଡ ଓ ୩ ବଡ଼ ଚାମଚ ଆଲୋବେରା ଜେଲ୍‌କୁ ଭଲଭାବେ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହାକୁ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଶୁଖିବା ପାଇଁ ଛାଡ଼ିଦିଅନ୍ତୁ। ଶୁଖିଗଲା ପରେ ହାତରେ ଘଷି ଉଷୁମ ପାଣିରେ ଧୋଇ ଦିଅନ୍ତୁ।



ଇଏ ବି ଜଣେ ନାରୀ

# ନୃତ୍ୟ ପ୍ରବୀଣା ଏଲିଜା

ପ୍ରତିକୂଳ ପରିସ୍ଥିତି କେବେହେଲେ ପ୍ରତିଭାକୁ ବେଶିଦିନ ଲୁଚାଇ ରଖିପାରେନି। ବିଳମ୍ବରେ ହେଲେ ବି ତାହା ନିଶ୍ଚିତ ଲୋକଲୋଚନକୁ ଆସେ। ଠିକ୍ ଏମିତି ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ ହେଉଛନ୍ତି ଏଲିଜା ପ୍ରିୟଦର୍ଶିନୀ। ନୃତ୍ୟ ପ୍ରତି ସମର୍ପିତ ଏହି ମହିଳା ଜଣକ ଏବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରବାକୁ ସକ୍ଷମ ହୋଇଛନ୍ତି।

ଓଡ଼ିଶୀ ନୃତ୍ୟାଙ୍ଗନା ଏଲିଜା ପ୍ରିୟଦର୍ଶିନୀ। ରହୁଛନ୍ତି ଭୁବନେଶ୍ୱରର ଓଲ୍ଡ ଟାଉନ୍‌ରେ। ନୃତ୍ୟକଳା ପ୍ରତି ତାଙ୍କର ଛୋଟବେଳରୁ ରହିଛି ସ୍ୱତନ୍ତ୍ର ଆକର୍ଷଣ। ଏଥିପାଇଁ ମାତ୍ର ଦୁଇ ବର୍ଷ ବୟସରୁ ସେ ଆପେଆପେ ଖୁସିରେ ନାଚ କରୁଥିଲେ। ଏହାପରେ ନୃତ୍ୟ ପ୍ରତି ତାଙ୍କର ରହିଥିବା ରୁଚିକୁ ଦେଖି ତାଙ୍କ ମାଆ ସୁଚେତା ମହାନ୍ତି ତାଙ୍କୁ ଏହି କ୍ଷେତ୍ରରେ ଆଗକୁ ଯିବା ପାଇଁ ପ୍ରେରଣା ଦେଇଥିଲେ। ବାପା ସୁବୋଧ ମହାନ୍ତି ମଧ୍ୟ ତାଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ। ଏହାପରେ ସେ ଧୀରେ ଧୀରେ ଏହି କ୍ଷେତ୍ରରେ ପ୍ରବୀଣା ହେବାକୁ ଲାଗିଲେ। ଆଉ ବିଭିନ୍ନ ଅନୁଷ୍ଠାନ ତଥା ରାଜ୍ୟସ୍ତରର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଲେ। ପ୍ରଥମେ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କଠାରୁ ସେ ନୃତ୍ୟକଳା ଶିକ୍ଷା ଆରମ୍ଭ କରିଥିଲେ। କିଛି ଦିନ ମଧ୍ୟରେ ସେ ନୃତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ପ୍ରତିଭା ଭାବେ ବିବେଚିତ ହୋଇଥିଲେ।

ଶିକ୍ଷାର କେବେ ଶେଷ ନାହିଁ। ଏଥିପାଇଁ ସେ ଆହୁରି ଅଧିକରୁ ଅଧିକ ଶିଖିବା ପାଇଁ ଚାହାନ୍ତି। ଏଥିପାଇଁ ସେ ଏବେ ନୃତ୍ୟଗୁରୁ ଡକ୍ଟର ଗଜେନ୍ଦ୍ର କୁମାରଙ୍କ ତତ୍ତ୍ୱାବଧାନରେ ନୃତ୍ୟ ଶିକ୍ଷା କରୁଛନ୍ତି। ଏହା ସହିତ କଠିନ ପରିଶ୍ରମ କରି ଅଭ୍ୟାସ ବି କରୁଛନ୍ତି। ତେବେ ଏଲିଜା ବିବାହ ପରେ ବି ନୃତ୍ୟ କରିବା ଛାଡ଼ିନାହାନ୍ତି। ବରଂ ସ୍ୱାମୀଙ୍କ ପ୍ରେରଣାରେ ଏ କ୍ଷେତ୍ରରେ ଆହୁରି ଅନେକ ବାଟ ଅଗ୍ରସର ହୋଇଛନ୍ତି। ବିଭିନ୍ନ ସମୟରେ ତାଙ୍କର ସ୍ୱତନ୍ତ୍ର ନୃତ୍ୟ ପ୍ରତିଭା ପାଇଁ ତାଙ୍କୁ ଗୁରୁ ଦେବପ୍ରସାଦ ଦାସ, ଦେବସ୍ମୃତି ଏବଂ ଚକ୍ରଧର ସମାରୋହ ପୁରସ୍କାର ମଧ୍ୟ ମିଳିସାରିଛି।

ଏଲିଜା ନୃତ୍ୟକଳାରେ ନିଜ ସାଧନା ଜାରି ରଖିଛନ୍ତି ଏବଂ ଅଭିନୟ ପ୍ରତି ମଧ୍ୟ ତାଙ୍କର ଏକ ସ୍ୱତନ୍ତ୍ର ରୁଚି ରହିଛି। ଅବଶ୍ୟ ଛୋଟବେଳେ ସେ ଶିଶୁ କଳାକାର ଭାବେ କେତେକ ଟେଲି ଫିଲ୍ମରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ତେବେ ସୁଯୋଗ ମିଳିଲେ ଭବିଷ୍ୟତରେ ଅଭିନୟ ମଧ୍ୟ କରିବେ ବୋଲି ଇଚ୍ଛା ପ୍ରକାଶ କରିଛନ୍ତି। କିନ୍ତୁ ନୃତ୍ୟକଳାକୁ ଛାଡ଼ି ସେ ରହିପାରିବେ ନାହିଁ ବୋଲି କହନ୍ତି।




# ଯଦି ଶାଶୁ ବୋହୂ କର୍ମଜୀବୀ...

କର୍ମଜୀବୀ ମହିଳାଙ୍କୁ ଘରକାମରେ ସବୁଠୁ ଅଧିକ ସହଯୋଗ କରିଥା'ନ୍ତି ସେମାନଙ୍କ ଶାଶୁ। ହେଲେ ଯେଉଁଠି ଶାଶୁ-ବୋହୂ ଉଭୟ କର୍ମଜୀବୀ, ସେଠି ଘରକାମ କରିବା ପାଇଁ ଚାଲିଥାଏ ରୀତିମତ ଯୋଜନା। ଉଭୟଙ୍କୁ ସମୟ ଅନୁସାରେ ସବୁକିଛି ମିଳିମିଶି କରିବାକୁ ପଡ଼ିଥାଏ..

ଆଜିକାଲି ଅଧିକାଂଶ ମହିଳା ପରିବାରର ଆର୍ଥିକ ମେରୁଦଣ୍ଡକୁ ସଜାଡ଼ିବା ପାଇଁ ଭରପୂର ପ୍ରୟାସ କରୁଛନ୍ତି। ମହିଳା ଆଉ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ନାହାନ୍ତି। ସମୟ ସହ ତାଳ ଦେଇ ଚାକିରି କରି ନିଜକୁ ସ୍ୱୟଂସମ୍ପୂର୍ଣ୍ଣ କରି ଗଢ଼ି ପାରୁଛନ୍ତି। ଏମିତିକି ଅନେକ ଘରେ ଏବେ ଉଭୟ ଶାଶୁ-ବୋହୂ ଦୁଇଜଣଯାକ ଚାକିରି କରି ନିଜର ପରିଚୟ ସୃଷ୍ଟି କରି ପାରୁଛନ୍ତି। ଯେଉଁଠି ଶାଶୁ-ବୋହୂ କର୍ମଜୀବୀ, ସେଠାରେ ଘରର ସବୁ କାମ ମଧ୍ୟରେ ଏକ ସମନ୍ୱୟ ରକ୍ଷା କରିବା ବହୁତ କଷ୍ଟକର ହୋଇଥାଏ। କିନ୍ତୁ ଉଭୟଙ୍କ ମଧ୍ୟରେ ଭଲ ବୁଝାମଣା ରହିଲେ ସବୁ କାମ ବେଶ୍ ସୁରୁଖୁରୁରେ ହୋଇ ପାରିଥାଏ।

**ଯୋଜନା କରନ୍ତୁ:** ଯଦି ଉଭୟ ଚାକିରି କରିଥାଆନ୍ତି, ତେବେ ଘରକାମ କରିବା ପାଇଁ ଠିକ୍ ଭାବରେ ଏକ ଯୋଜନା କରନ୍ତୁ। କେବଳ ଆସନ୍ତାକାଲି କ'ଣ କରିବାକୁ ହେବ, ସେକଥା ନୁହେଁ ବରଂ ପୂରା ସପ୍ତାହେ ପାଇଁ ପ୍ଲାନିଂ କରି ନିଅନ୍ତୁ। କେଉଁ ଦିନ କ'ଣ ରୋଷେଇ ହେବ ସେନେଇ କଥା ହୋଇଥିଲେ କାମ କରିବା ପାଇଁ ସୁବିଧା ହେବ। ତା'ଛଡା ଉଭୟ କେଉଁ କେଉଁ କାମ କରିବେ, ସେ ବିଷୟରେ ବି କଥା ହୋଇଯା'ନ୍ତୁ। ଯେହେତୁ ଉଭୟଙ୍କର ଏକ ନିର୍ଦ୍ଦିଷ୍ଟ ସମୟରେ ବାହାରକୁ ଯିବାକୁ ଅଛି, ତେଣୁ ସେହି ଅନୁସାରେ ନିଜ ନିଜ ଦାୟିତ୍ୱକୁ ସଂପୂର୍ଣ୍ଣ କରନ୍ତୁ। ଏହାଛଡ଼ା ଘରର ଗୁରୁଜନ ହିସାବରେ ଶାଶୁମାନେ ପରିବାରର ଅନ୍ୟ ସଦସ୍ୟଙ୍କୁ ବି କିଛି କାମ ବାଣ୍ଟି ଦିଅନ୍ତୁ। ଏମିତିକି ଘରର ପିଲାମାନଙ୍କୁ କିଛି କିଛି କାମ ଦେଇ ସେମାନଙ୍କୁ ଦାୟିତ୍ୱବୋଧ ଜ୍ଞାନ ଶିଖାନ୍ତୁ।



ରୀତା ମଞ୍ଜରୀ ପ୍ରଣତି



**ଏକାଠି କଥା ହୁଅନ୍ତୁ:** ଅଫିସରୁ ଫେରିବା ପରେ ଉଭୟ ଶାଶୁ-ବୋହୂ ପରିବାରର ସମସ୍ତଙ୍କ ସହିତ କିଛି ସମୟ ବସି ଚା' ଜଳଖିଆ ଖାଆନ୍ତୁ। ସେହି ସମୟରେ ଶାଶୁଙ୍କ ସହିତ ଘରକାମ ନେଇ କଥାବାର୍ତ୍ତା ହୋଇଯା'ନ୍ତୁ। ଏହା ବ୍ୟତୀତ ଶାଶୁ-ବୋହୂ ଉଭୟ ପରସ୍ପରର ସମସ୍ୟା ସମ୍ପର୍କରେ ବି ଖୋଲାଖୋଲି କଥା ହୁଅନ୍ତୁ। ଯଦି ଉଭୟଙ୍କ ମଧ୍ୟରୁ କେହି ବି ଶାରୀରିକ ଅସୁସ୍ଥତା ଅନୁଭବ କରୁଥା'ନ୍ତି, ତେବେ ସେନେଇ କହିବା ପରେ ବିଶ୍ରାମ ନିଅନ୍ତୁ।

**ପରସ୍ପରକୁ ସାହାଯ୍ୟ କରନ୍ତୁ:** ସବୁଠୁ ବଡ଼ କଥା ହେଉଛି ପରସ୍ପର ମନକୁ ବୁଝି କାମ କରିବା। ଶାଶୁ ନିଜ ବୋହୂ ପ୍ରତି ଝିଅ ଭଳି ଭାବନା ରଖିବା ସହିତ ବୋହୂମାନେ ବି ଶାଶୁଙ୍କୁ ମା'ପରି ଭାବି ସବୁ ସମୟରେ ସାହାଯ୍ୟ ପାଇଁ ଆଗେଇ ଆସିବା ଉଚିତ। ଯେହେତୁ ଶାଶୁଙ୍କର ବୟସ ଅଧିକ ହୋଇଥିବ, ତେଣୁ ବୋହୂଙ୍କ ତୁଳନାରେ ତାଙ୍କ ଚାକିରି ଆଉ କମ୍ ଦିନ ରହିଥିବ। ତେଣୁ ଉଭୟଙ୍କ ମଧ୍ୟରୁ ଯଦି ଜଣଙ୍କୁ ଚାକିରି ଛାଡ଼ିବାର ଆବଶ୍ୟକତା ପଡ଼େ, ତେବେ ଶାଶୁ ପ୍ରଥମେ ଚାକିରିରୁ ଅବସର ନିଅନ୍ତୁ। ଏପରି କଲେ ଶାଶୁ ତାଙ୍କ କର୍ତ୍ତବ୍ୟ ପୂରା କରିବା ସହ ବୋହୂ ଭାବିବେ କି ତାଙ୍କ ପ୍ରତି ଶାଶୁଙ୍କର ଆନ୍ତରିକତା ରହିଛି।

## ଏମାନେ କଣ କହନ୍ତି

**ବୋହୂକୁ ସବୁ ଦାୟିତ୍ୱ ଦେଇନି:** ଶାଶୁ ଘରକୁ ଆସିବା ପରେ ମାତ୍ର କେଇଟା ବର୍ଷ ପରେ ମୁଁ ଆଉ ମୋ ସ୍ୱାମୀ ମିଶି ଘରର ସବୁ ଦାୟିତ୍ୱ ନେଇଥିଲୁ। ଏତେ ବର୍ଷ ଘର ଚଳାଇବାର ଅନୁଭୂତି ପରେ ମୁଁ ଚାକିରିଆ ବୋହୂ କରିବି ବୋଲି ଭାବିଥିଲି। ମୋ ବୋହୂ ଲିପ୍‌ସିତା ଏବେ ଅନୁଗୋଳ ଭିଜିଲାନ୍‌ସ କୋର୍ଟରେ ଷ୍ଟେନୋ ଅଛି। ତେଣୁ ସେ ସବୁ ଶନିବାର ଘରକୁ ଆସୁଛି। ମୋର ସ୍କୁଲ ଚାକିରି ହୋଇଥିବାରୁ ଏବେ ଘରକାମ ପ୍ରାୟ ମୁଁ କରି ନେଉଛି। ତା ଛଡା ବୋହୂକୁ ଏତେ ଶୀଘ୍ର ଘର ଦାୟିତ୍ୱ ସବୁ ଦେଇନି କିନ୍ତୁ ଘରେ କୌଣସି ଉତ୍ସବ ହେଲେ ସେ ଛୁଟି ଆଣି ଘରକୁ ଆସେ ଓ ଆମେ ଏକାଠି ସବୁ କାମ କରିଥାଉ। ବୋହୂକୁ ମୁଁ ଝିଅ ଭଳି ଭାବିଥିବାରୁ ଘର ଚଳାଇବାରେ ଆମର କିଛି ଅସୁବିଧା ହୁଏନି।

*-ନଳିନୀପ୍ରଭା ଦାସ*
*ଶିକ୍ଷୟିତ୍ରୀ, ତେରମାଣପୁର ୟୁ.ପି ସ୍କୁଲ, କୁଜଙ୍ଗ, ଜଗତସିଂହପୁର*



ନଳିନୀପ୍ରଭା

**ଏକାଠି ସବୁ କାମ କରୁ:** ରାଉଳହଜା ଗାଁର ରୀତାମଞ୍ଜରୀ ପାହାଡସିଂହ ଅଙ୍ଗନୱାଡିରେ ଚାକିରି କରିଛନ୍ତି ଏବଂ ତାଙ୍କ ବୋହୂ ପ୍ରଣତି ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ଉଭୟ ଏକାଠି ଘରେ ସବୁ କାମରେ ପରସ୍ପରକୁ ସହଯୋଗ କରନ୍ତି। ପ୍ରଣତିଙ୍କୁ ଘରେ ବେଶି ସମୟ ମିଳୁଥିବାରୁ ସେ ହିଁ ଅଧିକ କାମ କରି ନିଅନ୍ତି। ପ୍ରଣତି କହନ୍ତି ସକାଳୁ ଆମେ ଏକାଠି ରୋଷେଇ କରି ଯାଉ। ଆଉ ସନ୍ଧ୍ୟାରେ ଫେରିଲେ ବୋହୂ ଚା କରି ସମସ୍ତଙ୍କୁ ଦିଏ। ତାପରେ ଆମେ ଏକାଠି ମିଶି ସବୁ କାମ କରୁ।

*-ରୀତା ମଞ୍ଜରୀ ପାହାଡସିଂହ*
*ଅଙ୍ଗନୱାଡି କର୍ମୀ, ରାଉଳହଜା, ନିରାକାରପୁର, ଖୋର୍ଦ୍ଧା*



ମହାଶ୍ୱେତା



**ମା' ହିଁ ସବୁ କଥା ବୁଝନ୍ତି:** ମୋ ଶାଶୁ କୋଚିଂ ସେଣ୍ଟରରେ ସ୍କୁଲ ପିଲାଙ୍କୁ ପାଠ ପଢାନ୍ତି। ତେଣୁ ସେ ଦିନ ୧୧ଟାରୁ ୫ଟା ପର୍ଯ୍ୟନ୍ତ ବାହାରେ ରହନ୍ତି ଆଉ ମୁଁ ଦିନ ୧୦ ରୁ ୪ ପର୍ଯ୍ୟନ୍ତ ଅଫିସ ଯାଏ। କିନ୍ତୁ ଆମେ ମିଳିମିଶି ଘରର ସବୁ କାମ କରୁ। ମୋ ତୁଳନାରେ ଶାଶୁ ହିଁ ବେଶି ଘରକାମ କରି ଦିଅନ୍ତି। ମୁଁ ବେଳେବେଳେ ଅଫିସ୍ କାମରେ ବାହାରକୁ ଗଲେ ବି ମା' ମୋ ପୁଅ କଥା ବୁଝିବା ସହିତ ଘରକାମ ବି ସମ୍ଭାଳି ନିଅନ୍ତି। ଘରକାମ କରିବା ପାଇଁ ସେମିତି ଅସୁବିଧା ହେଲେ ଶାଶୁ ବରଂ କାମ ଛାଡିଦେବେ କିନ୍ତୁ ମତେ ଚାକିରି ନ ଛାଡିବା ପାଇଁ କହିଛନ୍ତି।

*-ମହାଶ୍ୱେତା ତ୍ରିପାଠୀ,*
*ଆଶାପୁରଣ, ନିମାପଡା*

ଖାଦ୍ୟ ରୁଚି

# ମୁଗ ସୋୟାବିନ୍ ବରା

**ଆବଶ୍ୟକ ସାମଗ୍ରୀ-**
ମୁଗ ଡାଲି- ୨୦୦ ଗ୍ରାମ୍, ସୋୟାବିନ୍- ୧୦୦ ଗ୍ରାମ୍, ପିଆଜ- ୩ଟି, କଞ୍ଚାଲଙ୍କା- ୩ଟି, ଆବଶ୍ୟକ ଅନୁଯାୟୀ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:-**
ମୁଗଡାଲି ଏବଂ ସୋୟାବିନ୍‌କୁ ରାତିରୁ ଭିଜାଇ ରଖନ୍ତୁ। ସକାଳେ ମୁଗଡାଲି ଏବଂ ସୋୟାବିନ୍‌ରୁ ପାଣି ବାହାର କରିଦେଇ ତାକୁ ଗ୍ରାଇଣ୍ଡରରେ ଦରଦର ବଟା କରି ବାହାର କରିଦିଅନ୍ତୁ। ପିଆଜ ଓ କଞ୍ଚାଲଙ୍କାକୁ ଚୂନାଚୂନା କରି କାଟି ଏଥିରେ ମିଶାନ୍ତୁ। ଏହି ମିଶ୍ରଣରେ ଲୁଣ ପକାଇ ସବୁକୁ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମ କରି ସେଥିରେ ଏହି ମିଶ୍ରଣକୁ ଛୋଟ ଛୋଟ କରି ଛାଣି ନିଅନ୍ତୁ। ବାଦାମୀ କଲର ହେବା ପରେ ଛାଣି ବାହାର କରିଦିଅନ୍ତୁ। ଏହାକୁ ଆପଣ ତାୱାରେ ତେଲ ଦେଇ ଭାଜିପାରିବେ। ଟମାଟୋ ଶସ୍ ସହିତ ଏହାକୁ ଗରମ ଗରମ ଖାଆନ୍ତୁ।



# ମଡର୍ନ ଲୁକ୍ ଷ୍ଟାଇଲ୍

ନିଜକୁ ମଡର୍ନ ଲୁକ୍ ଦେଇ ଆଧୁନିକ ଟ୍ରେଣ୍ଡରେ ସାମିଲ କରିବାକୁ ଚାହୁଁଥିଲେ, ସବୁବେଳେ ଫ୍ୟାଶନ୍ ଟ୍ରେଣ୍ଡରେ ଅପଡେଟ୍ ରହିବାକୁ ହେବ। ତେବେ ଏଭଳି ଏକ ଲୁକ୍ ପାଇଁ ଜାଣିରଖନ୍ତୁ କିଛି ଟିପ୍ସ...





➤ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ସିକ୍ୱିଣ୍ଡ ଡ୍ରେସ ଅବା ସ୍କର୍ଟର ଚାହିଦା ବହୁତ ରହିଛି। ତେଣୁ ଆପଣ ଚାହିଁଲେ ଏପରି ଫ୍ୟାଶନ୍ କ୍ୟାରି କରିପାରିବେ। ଏହା ସହିତ ଢିଲା ହାଇ କଲରଥିବା ବେବି ପିଙ୍କ୍ ଶାର୍ଟ ମଧ୍ୟ ଭଲ ଲାଗିବ।

➤ମଡର୍ନ ଲୁକ୍ ପାଇଁ ଫ୍ୟାବ୍ରିକ୍ କିମ୍ବା ପ୍ରିଟେଣ୍ଟ ଡ୍ରେସର ଲାଟେଷ୍ଟ ଡିଜାଇନ୍ ଚୟନ କରନ୍ତୁ। ଏହା ସୁନ୍ଦର ଲାଗିବ ଏବଂ ମଡର୍ନ ଲୁକ୍ ବି ଦେବ।

➤କେମି ଷ୍ଟାଇଲର ଟପ୍ ସହିତ ଜିନ୍ସ ମଧ୍ୟ ଉଭୟ କ୍ଲାସିକ୍ ଏବଂ ଟ୍ରେଣ୍ଡି ଲୁକ୍ ଦେବ।

➤ଯେଉଁମାନଙ୍କୁ ପିଙ୍କ୍ କିମ୍ବା ରେଡ୍ କଲର ପସନ୍ଦ ନୁହେଁ, ସେମାନେ ଆଙ୍କେଲ ଲେନ୍‌ଥ ଜିନ୍ସ ସହିତ ବଡି ଫିଟ୍ ପଫ୍ ସ୍ଲିଭର ଟପ୍ ପିନ୍ଧିପାରିବେ।

➤ଆଙ୍କେଲ ଲେନ୍‌ଥ ବେସିକ୍ ବ୍ଲୁ ଜିନ୍‌ସ ସହିତ ପୋଲ୍‌କା ଡଟ୍‌ସ ଶାର୍ଟ ବି ବହୁତ ଭଲ ଲାଗିବ। ଏହି ଲୁକ୍‌ରେ ହିଲ୍ ଚପଲ ପିନ୍ଧିଲେ ଭଲ ଲାଗିବ।

➤ଡ୍ରେସ୍ ସାଙ୍ଗକୁ ଷ୍ଟାଇଲ୍ ବଢ଼ାଇବାକୁ ଚାହୁଁଥିଲେ ସେହି ଅନୁସାରେ ମ୍ୟାଚିଂ ବ୍ୟାଗ୍ ଏବଂ ଚପଲ ପିନ୍ଧନ୍ତୁ।

➤ମଡର୍ନ ଲୁକ୍ ପାଇଁ ହେୟାର ଷ୍ଟାଇଲ୍ ଏବଂ ଗହଣା ଉପରେ ମଧ୍ୟ ଗୁରୁତ୍ୱ ଦିଅନ୍ତୁ।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୩/୨୦୨୧ | Bhubaneswar, Tuesday, February 23/ 2021


# ଯୁବା ବାସ୍କେଟବଲ: ଆର୍ମି ନାଗପୁର ଚାମ୍ପିୟନ

**ଭୁବନେଶ୍ୱର, ୨୨।୨ (କ୍ରୀଡ଼ା ପ୍ରତିନିଧି)**



ଚାମ୍ପିୟନ ଆର୍ମି ନାଗପୁର ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଶହୀଦନଗର ଇମ୍ପା ବାସ୍କେଟବଲ କୋର୍ଟରେ ୧୦ମ ଯୁବା ଓପନ ବାସ୍କେଟବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ଫାଇନାଲରେ କଟକର ଓଡ଼ିଶା ଷ୍ଟୁଡେଣ୍ଟ କ୍ଲବକୁ ୭୨-୬୮ ପଏଣ୍ଟରେ ହରାଇ ଆର୍ମି ନାଗପୁର ଚାମ୍ପିୟନ ହୋଇଛି। ଚାମ୍ପିୟନ ନାଗପୁର ଦଳକୁ ଟ୍ରଫି ସହ ୨୧,୦୦୦ ଓ ରନର୍ସ ଅପ୍ କଟକ ଦଳକୁ ୧୫,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ତାମିଲନାଡୁର ତ୍ରିବେଣୀ ୫୮-୪୨ ପଏଣ୍ଟରେ ରାଉରକେଲାକୁ ପରାସ୍ତ କରିଛି। ଫାଇନାଲ ମ୍ୟାଚ ଆରମ୍ଭ ପୂର୍ବରୁ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ହକି ସହିତ ସେ ମଧ୍ୟ ବାସ୍କେଟବଲ ପ୍ରସାର ଦିଗରେ କାମ କରିବେ ବୋଲି ପ୍ରକାଶ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଜାତୀୟସ୍ତରର ଟୁର୍ନାମେଣ୍ଟ ଆୟୋଜନ ପାଇଁ ମୁଖ୍ୟ ଉପଦେଷ୍ଟା ସରୋଜ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଦଳର ବିନୋଦ କୁମାର ପ୍ଲେୟର ଅଫ୍ ଦି ଫାଇନାଲ ଏବଂ ନାଗପୁର ଦଳର ସୌରଭ ବଗାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ତ୍ରିବେଣୀ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପୁରସ୍କାର ପାଇଥିଲା। ସମ୍ମାନିତ ଅତିଥି ଭାବେ ଶ୍ରୀମୟ କର, ମଦନ ମୋହନ ପଣ୍ଡା, ପଙ୍କଜ ପଟ୍ଟନାୟକ, ରାଜ୍ କିଶୋର ମଲ୍ଲିକ,ପ୍ରୀତମ୍ ପାଲ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ରଙ୍କ ସମେତ ବିଶ୍ୱରଞ୍ଜନ ରାୟ, ଚେୟାରମ୍ୟାନ ବିଶ୍ୱଜିତ ମହାନ୍ତି, ସଭାପତି ଜଗବନ୍ଧୁ ପାତ୍ର, ଆଦର୍ଶ ପଟ୍ଟନାୟକ, ସୁମନ ବେହେରା, ମୁନା ଗୌଡ଼, ଅରୁଣ ଦିଗଲ, ରାଜା ବିଶ୍ୱାଳ, ଦେବ ପ୍ରସାଦ ତ୍ରିପାଠୀ, ମିଥୁନ ବିଶୋଇ, ଅବିନାଶ ବେହେରା, ସନ୍ତୋଷ ସେଠୀ, ସମୀର ସେଠୀ, ରୁଦ୍ର, ବଦ୍ରି, ଦିବ୍ୟଶକ୍ତି ମହାପାତ୍ର, ଅଭିଜିତ ମହାପାତ୍ର, ସୋମନାଥ ମହାପାତ୍ର ପ୍ରମୁଖ ଆୟୋଜକ କ୍ଲବର ସଦସ୍ୟ ଉପସ୍ଥିତ ଥିଲେ।

## ଆଇଏସ୍ଏଲ୍: ମ୍ୟାଚ ଡ୍ର

**ଭାସ୍କୋ, ୨୨।୨:** ଆଇଏସ୍ଏଲର ସୋମବାର ଏଟିକେ ମୋହନ ବାଗାନ ଓ ହାଇଦ୍ରାବାଦ ଏଫ୍‌ସି ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଏଟିକେ ପକ୍ଷରୁ ଆରିଡେନ୍ ସାଣ୍ଟାନା, ରୋଲାଣ୍ଡ ଅଲ୍‌ବର୍ଗ ଏବଂ ହାଇଦ୍ରାବାଦର ମନବୀର ସିଂ, ପ୍ରୀତମ କୋଟାଲ ଗୋଲ ଦେଇଥିଲେ।

# ଜାତୀୟ ସବ୍‌ଜୁନିୟର ଟିଟି ପାଇଁ ଓଡ଼ିଶା ଦଳ


ଜାତୀୟ ସବ୍‌ଜୁନିୟର ଟେବୁଲ୍ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି):** ମଧ୍ୟପ୍ରଦେଶର ଇନ୍ଦୋରରେ ୮୨ତମ ଜାତୀୟ କ୍ୟାଡେଟ ଓ ସବ୍‌ଜୁନିୟର ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍ ଚଳିତମାସ ୨୫ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ଆସୋସିଏଶନ ପକ୍ଷରୁ ଉଭୟ ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳ ସୋମବାର ଇନ୍ଦୋର ଯାତ୍ରା କରିଛି। **ଓଡ଼ିଶା ଦଳ:** କ୍ୟାଡେଟ୍ ଓ ସବ୍‌ଜୁନିୟର ବାଳିକା: ଉର୍ଜା ବର୍ମା, ସାକ୍ଷୀ ଭଗତ, ଆଫିଆ ମୋହସିନ, ଶ୍ୱେତା ଦଳାଇ, ସାନିଆ ମିଶ୍ର, ଏମ୍.ବି.ବି. ପଣ୍ଡା, ସ୍ୱସ୍ତିକା ଆଦାବର। କ୍ୟାଡେଟ୍ ଓ ସବ୍‌ଜୁନିୟର ବାଳକ: ଜିଜ୍ଞାସୁ ସାହୁ, ଜୟସ୍ମୁ ଦାସଗୁପ୍ତା, ପ୍ରତ୍ୟୁଷ ମିଶ୍ର, ଆୟାନ ମୁସ୍ତାକ, ଫାରାଜ ରାଜା, ଏସ.ଏସ. ଆନନ୍ଦ। କୋଚ୍: ଜିତୁ ପଣ୍ଡା, ମ୍ୟାନେଜର ସମ୍ବିତ ଦାସ, ଅମ୍ପାୟର: ଶ୍ୱେତା ସାହୁ।





LOVED IN 70 COUNTRIES

BAJAJ — THE WORLD'S FAVOURITE INDIAN

# ଏହି ସପ୍ତାହରେ ଦରବୃଦ୍ଧି ମନା

ଏବେ ₹5000*/- ପର୍ଯ୍ୟନ୍ତର ପ୍ରଚୁର ସଞ୍ଚୟ




ଅଫର୍ 28 ଫେବୃଆରୀ ପର୍ଯ୍ୟନ୍ତ ଜାରି

| ପ୍ରକାର | ପ୍ଲାଟିନା 100 ES ଡିସ୍କ | ପ୍ଲାଟିନା 100 ES ଡ୍ରମ୍ | CT 110 ES |
|---|---|---|---|
| ପ୍ରଚଳିତ ମୂଲ୍ୟ# | ~~₹64 736/-~~ | ~~₹61 018/-~~ | ~~₹55 495/-~~ |
| ଅଫର୍ ମୂଲ୍ୟ | ₹59 736/- | ₹56 018/- | ₹52 495/- |

72198 21111 | www.bajajauto.com

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର୍ 22 ଫେବୃଆରୀ ରୁ 28 ଫେବୃଆରୀ 2021 ପର୍ଯ୍ୟନ୍ତ ବୈଧ । ଡିସ୍କାଉଣ୍ଟ ପ୍ଲାଟିନା 100 ଓ CT 110 ର ବଛା ବଛା ପ୍ରକାର ସକାଶେ ପ୍ରଯୁଜ୍ୟ । ବିନା ଅଗ୍ରୀମ ସୂଚନାରେ ଅଫର୍ ସୁଧାରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖିଛି । #ଏକ୍ସ-ଶୋରୁମ୍ ମୂଲ୍ୟ ଓଡ଼ିଶା ।

O&M ODI

**Authorised Dealers for BAJAJ Auto Ltd.: Bhubaneswar: Lewis Road** VINAYAK BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Balugaon** BHARAT BAJAJ 7381099441 • **Puri GRAND** BAJAJ 9438421344 • **Cuttack: Badambadi SURAJ BAJAJ 8093066603** • **Rahama** MAITREE BAJAJ 9668801781, **Nayagarh MSB BAJAJ 7790048130** • **Keonjhar** JR BAJAJ 9937697094 / 06766254999• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722, **Chandikhole** 9937310800. **Authorised Service Centre: Balianta 7978570067**, **Balipatna** 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara** 9777042612, **Iginia** 7064422415, **Rasulgad** 9937284842, **Nimapada** 9437030368, **Tangi** 8984562569, **Phulnakhara 9437410737, Niali 9437511829, Choudwar 7735864350**, **Salepur** 9040452661, **Jagatsinghpur** 9437273939, **Balikuda 9777683351, JajpurTown** 9937888777, **Bhuban 9438570111, Rasol 9938656276/9937513419, Kuakhia** 9937312014, **Chhatia** 9040084846, **Kamakhyanagar 9437079287, Parajang 9178061624, 06768261573, Barbil** 9437086335, **Jashipur 9437443161/8117041821**. **Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 9178064220 Bidanasi 94378776222**2, **Athgarh** 9937289417, **Bidharpur** 7008503281, **Banki** 8895278126, **Rambha** 7381099445.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ୩୨ଲକ୍ଷର ବ୍ରାଉନସୁଗାର ଜବତ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଟାଉନ ଥାନା ଅଧୀନ ଲୋକେଶ୍ୱର ମନ୍ଦିର ନିକଟରେ ଅବକାରୀ ପୋଲିସ ସୋମବାର ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଲାହାଟର ହରପ୍ରସାଦ ସାହୁ(୨୪)। ତାଙ୍କ ନିକଟରୁ ୩୨୦ଗ୍ରାମ ବ୍ରାଉନସୁଗାର, ୯ଲକ୍ଷ ୨୦ହଜାର ଟଙ୍କା, ଗୋଟିଏ ବାଇକ୍ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩୨ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ କହିଛନ୍ତି।

## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ତୁଳସୀ ମାନସ ସତ୍ସଙ୍ଗର ତିନିଦିନିଆ ରାମଚରିତ ମାନସ ପଠନ ଓ ମହାଯଜ୍ଞ, ତାରେଣି ମନ୍ଦିର ପରିସର, ବାସୁକେରା, ପୂର୍ବାହ୍ନ ୧୦ଟା।

**କୋଣାର୍କ**

- କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ପକ୍ଷରୁ ବିଚ୍ ସ୍କୋର ଟୁର୍ନାମେଣ୍ଟ, ଚନ୍ଦ୍ରାଭାଗା, ଅପରାହ୍ନ ୨ଟା ୩୦।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

**ନିମାପଡ଼ା,୨୨।୨(ଡି.ଏନ୍.ଏ):** ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ଗ୍ରାମର ବେଣୁଧର ବେହେରା(୫୬)ଙ୍କ ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ବେଣୁଧର ମଧ୍ୟାହ୍ନ ୧୨ଟାବେଳେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକ ଖୋଜାଖୋଜି କରିବାବେଳେ ପୋଖରୀରେ ବେଣୁଧର ଭାସୁଥିବା ଦେଖିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ ମୃତକଙ୍କ ସାନଭାଇ ସନ୍ତୋଷ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୪/୨୧) ରୁଜୁ କରି ତଦନ୍ତ ଚଳାଇଛି।

### କଫସିରପ ଜବତ, ୨ ଗିରଫ

**ପୁରୀ ଅଫିସ,୨୨।୨:** ପୁରୀ ସହରସ୍ଥ କ୍ୟାଥେଲିକ୍ ଚର୍ଚ୍ଚ ଛକରେ ରବିବାର ପୋଲିସ ବ୍ଲକିଂ ଡ୍ୟୁଟି ସମୟରେ ୨ଜଣଙ୍କୁ ଗିରଫ କରିବା ସହ ୧୬ଟି କଫସିରପ ବୋତଲ ଓ ବିନା ନମ୍ବରପ୍ଲେଟର ଏକ ବାଇକ୍ ଜବତ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ରାଜେନ୍ଦ୍ର ସାହୁ(୨୮) ଓ ତ୍ରିନାଥ ନାୟକ(୨୬)। ସୋମବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସ୍ୱାଧୀନତା ସଂଗ୍ରାମୀ ବଂଶୀଧରଙ୍କ ଜୟନ୍ତୀ ପାଇଁ ବୈଠକ

**କଣାସ,୨୨।୨(ସ୍ୱ.ପ୍ର):** ଜାଲି ଓହ୍ଲାଣ ବିଶ୍ୱନାଥ ସଂଯୁକ୍ତ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀ ୰ବଂଶୀଧର ମଙ୍ଗରାଜ ସ୍ମୃତି ପରିଷଦ ପକ୍ଷରୁ ଜୟନ୍ତୀ ଉତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଶରତ ଚନ୍ଦ୍ର ବଳିୟାରସିଂହ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସଂସଦ ଓଡିଶା ସଭାପତି କୃଷ୍ଣଚନ୍ଦ୍ର ଜଗଦେବ ଯୋଗଦେଇ ସ୍ୱର୍ଗତ ମଙ୍ଗରାଜଙ୍କ ୧୦୪ତମ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି କରିଥିଲେ।

### ଠକେଇ କରି ଧରମ ଭାଇ ଗିରଫ

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ମନରେ ବିଶ୍ୱାସ ଜନ୍ମାଇ ଜଣେ ଯୁବକ ଧରମ ଭାଇ ସାଜିଥିଲେ। ହେଲେ ସମ୍ପୃକ୍ତ ମହିଳାଙ୍କ ୩୦ ହଜାର ଟଙ୍କା ସହ ଏଟିଏମ୍ କାର୍ଡ ଧରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଏତଲା ପରେ ପୋଲିସ ସୋମବାର ଏହି ଅଭିଯୁକ୍ତ ଧରମ ଭାଇଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ନିମାପଡ଼ାର ବସନ୍ତ ସ୍ୱାଇଁ। ତାଙ୍କଠାରୁ ପୋଲିସ ୩୦ ହଜାର ଟଙ୍କା, ଏଟିଏମ କାର୍ଡ ଜବତ ହୋଇଛି।

# ୮ବର୍ଷ ହେଲା ଗଛମୂଳେ ଚାଲିଛି ଦମକଳ କେନ୍ଦ୍ର

**କଣାସ,୨୨।୨(ସ୍ୱ.ପ୍ର)**



ଅସ୍ଥାୟୀ ଦମକଳ କେନ୍ଦ୍ର।

କଣାସ ବ୍ଲକରେ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେବାରୁ ୨୦୧୩ ଫେବୃୟାରୀ ୧୨ରେ ମୁଖ୍ୟମନ୍ତ୍ରୀ ପଞ୍ଚାୟତ ସମିତି ସଭାଗୃହ ନିକଟରେ ଥିବା ଏକ ବରଗଛ ତଳେ ଅସ୍ଥାୟୀ ଭାବେ ଦମକଳ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ହେଲେ ଆଜକୁ ୮ବର୍ଷ ବିତିଯାଇଥିଲେ ମଧ୍ୟ ଦମକଳ କେନ୍ଦ୍ରର ନିଜସ୍ୱ ଗୃହ ତିଆରି ହୋଇପାରିନାହିଁ। ଫଳରେ ଦମକଳ କେନ୍ଦ୍ର କର୍ମଚାରୀ ସହ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଦମକଳ କେନ୍ଦ୍ରରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଖବର ଅନୁଯାୟୀ, ଦମକଳ କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପାଇଁ ୫ବର୍ଷ ହେଲା ୬୫ଲକ୍ଷ ଟଙ୍କା ଆସି ବ୍ୟାଙ୍କରେ ପଡିଛି। ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ । ଏ ସମ୍ପର୍କରେ ତହସିଲଦାର ଲକ୍ଷ୍ମୀଧର ମହାରଣା କୁହନ୍ତି, ଦମକଳ କେନ୍ଦ୍ର ପାଇଁ ଜାଗା ଚିହ୍ନଟ ହୋଇଯାଇଛି। କାଗଜପତ୍ର କାମ ନିକଟରେ ଶେଷ ହେବାପରେ ଖୁବଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

# ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଇଏସ୍‌ଓ ମାନ୍ୟତା

**ଗୋପ,୨୨।୨(ଡି.ଏନ୍.ଏ.)**

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଭାବେ ଡ. ଶିବ ପ୍ରସାଦ ମଙ୍ଗରାଜ ଯୋଗଦେବା ପରେ ବିଭିନ୍ନ ସମସ୍ୟାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକ ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ପରେ କାୟା କଳ୍ପ ଯୋଜନା ମାଧ୍ୟମରେ ଆସିଥିବା ଅର୍ଥକୁ ବିନିଯୋଗ କରାଯାଇ ଡାକ୍ତରଖାନା ପରିସରକୁ ସମ୍ପୂର୍ଣ୍ଣ ପରିଷ୍କାର କରିବା ସହ ଉତ୍ତମ ପରିବେଶ ସୃଷ୍ଟି କରାଯାଇଛି। ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ, ନିଦାନ, ଜନ୍ମ ନିୟନ୍ତ୍ରଣ, ମାତୃ ଓ ଶିଶୁମାନଙ୍କ ଚିକିତ୍ସା, ଟିକାକରଣ ସୁବିଧା ଲାଗି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଇଏସ୍‌ଓ ମାନ୍ୟତା ପ୍ରଦାନ କରାଯାଇଛି। ଏହାସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ଲାଗି ସହଜ ଚିକିତ୍ସା ସେବା ଉପଲବ୍ଧ କରିବା ଓ ଶୃଙ୍ଖଳ ସିକ୍ୟୁରିଟି କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ସେହିପରି ବିଭିନ୍ନ ରୋଗ ନିୟନ୍ତ୍ରଣ ଦିଗରେ ବୈଠକ ଦ୍ୱାରା ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବା ସହ ପ୍ରତି ଗାଁରେ ସଚେତନତା ବାର୍ତ୍ତା ଦିଆଯାଇଛି। ତେବେ ଏହି ମାନ୍ୟତା ପାଇବା ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ. ମଙ୍ଗରାଜ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରାଣୀ ଚିକିତ୍ସାଳୟରେ ନାହାନ୍ତି ଡାକ୍ତର

**କାକଟପୁର,୨୨।୨(ଡି.ଏନ୍.ଏ.)**

କାକଟପୁର ବ୍ଲକର ୧୬ଟି ପଞ୍ଚାୟତରେ ଥିବା ପ୍ରାଣୀମାନଙ୍କ ଚିକିତ୍ସା କ୍ଷେତ୍ରରେ ସରକାରଙ୍କ ଆନ୍ତରିକତା ନ ଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ହେବ ବ୍ଲକରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଜଣେ ବି କେହି ଡାକ୍ତର ନାହାନ୍ତି। ଫଳରେ ଅଞ୍ଚଳରେ ଥିବା ଗୋରୁ, ଛେଳି, ମେଣ୍ଢା ଭଳି ପ୍ରାଣୀମାନଙ୍କୁ କୌଣସି ପ୍ରକାର ଚିକିତ୍ସା ଆବଶ୍ୟକ ଥିଲେ ତାହା ହୋଇପାରୁ ନାହିଁ। ଅନେକ ପଶୁମାନଙ୍କ ଚିକିତ୍ସା ଅଭାବରୁ ମୃତ୍ୟୁର ଶିକାର ହେଉଛନ୍ତି। ଏପରିକି ଜଣେ ଅଧିକାରୀ ଦାୟିତ୍ୱରେ ଥିଲେ ମଧ୍ୟ ସେ ନିୟମିତ ଆସୁ ନଥିବା ଅଭିଯୋଗ ହୋଇଛି। ଗତ ଦୁଇଦିନ ତଳେ କଣ୍ଟାପଡା ଗ୍ରା.ପର ପତିସାହି ଗ୍ରାମର ଏକ ଗାଈ କୌଣସି ଏକ ରୋଗ ହୋଇଥିବାରୁ ପ୍ରାଣୀ ଚିକିତ୍ସାଳୟ ଯାଇଥିଲେ। ହେଲେ ସେ ସମୟରେ ଚିକିତ୍ସା ପାଇଁ କିଏ ନ ଥିବାରୁ ଗାଈଟିର ମୃତ୍ୟୁବରଣ ହୋଇଥିଲା। ଏହି ଚିକିତ୍ସାଳୟରେ ବିଭିଓ, ଏଭିଏଏସ ଓ ଏମଭି ଇଉ ଏ ଏସ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଖାଲିପଡ଼ିଛି। ଗୋପ ବିଭିଓଙ୍କୁ କାକଟପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତେଣୁ ସେ ନିଜ ମନମୁଖୀ ଅନୁଯାୟୀ ଏଠାକୁ ଆସନ୍ତି। ତେବେ ଚିକିତ୍ସାଳୟରେ ପଦବୀ ପୂରଣ ନିମନ୍ତେ ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ, ଜିଲା ପ୍ରାଣୀଧନ ଅଧିକାରୀ ଦୃଷ୍ଟି ଦେବାକୁ କାକଟପୁର ବୁଦ୍ଧିଜୀବୀ ଓ ଗୋ ରକ୍ଷକ ସଂଗଠନ ପକ୍ଷରୁ ଦାବି କରାଯାଉଛି।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସୋମବାର ଅନୁଷ୍ଠିତ ବ୍ରହ୍ମଜ୍ଞାନ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ଯୋଗ ପ୍ରଦର୍ଶନ କରୁଛନ୍ତି।

## ଦିବ୍ୟାଙ୍ଗଙ୍କୁ ଉପକରଣ ଦେବା ଲାଗି ଚୟନ ଶିବିର

**ସାକ୍ଷୀଗୋପାଳ, ୨୨।୨ (ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକର ପ୍ରଥମରୁ ୧୦ ଶ୍ରେଣୀ ମଧ୍ୟରେ ରହିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରାଂଶ ଓ ଉପକରଣ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବୀରାଗୋବିନ୍ଦପୁର ନୋଡାଲ ଉ. ପ୍ରା. ବିଦ୍ୟାଳୟରେ ସୋମବାର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ଯୋଗଦେଇଥିବା ୧୧୪ ଜଣ ଛାତ୍ରୀଛାତ୍ରଙ୍କୁ ଡା. ସସ୍ମିତା ଓଝା ଓ ସାକ୍ଷୀଗୋପାଳ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିମଳ କୁମାର ମଲ୍ଲିକ ପରୀକ୍ଷା କରିବା ସହ ସେମାନଙ୍କ ପାଇଁ ଆବଶ୍ୟକ ସହାୟକ ଉପକରଣ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ ଅନୁଷ୍ଠିତ ଶିବିର ପରିଦର୍ଶନ କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର ସଂଯୋଜନା କରିଥିବା ବେଳେ ସୁନିଲ ବେହେରା, ସନ୍ତୋଷ ସାହୁ, ଅଜୟ ପରିଡା ଓ ସରୋଜ କୁମାର ବେହେରା ପରିଚାଳନା ରେ ସହଯୋଗ କରିଥିଲେ। ସାଧନ ସହାୟକ ସସ୍ମିତା ରଥ, ସରୀତା ମହାପାତ୍ର, ବାସନ୍ତୀ ହୋତା ପ୍ରମୁଖ ଦିବ୍ୟାଙ୍ଗଙ୍କର ପଞ୍ଜୀକରଣ ଓ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥିଲେ।

# ଅପରାଧ ରୋକିବା, ଗାଡ଼ି ଯାଞ୍ଚ ଉପରେ ଗୁରୁତ୍ୱ

## ଉପନିର୍ବାଚନ ନେଇ ଏସ୍‌ପିଙ୍କ ସମୀକ୍ଷା



ଏସ୍‌ପି କେ. ବିଶାଳ ସିଂ ପିପିଲି ଥାନା ପରିଦର୍ଶନ କରୁଛନ୍ତି ।

**ପିପିଲି/ଡେଲାଙ୍ଗ,୨୨।୨ (ଡି.ଏନ୍.ଏ./ସ୍ୱ.ପ୍ର.)**

ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ଆଗକୁ ହେବାକୁଥିବା ଉପନିର୍ବାଚନ ପାଇଁ ଏବେଠାରୁ ସରଗରମ ହେଉଥିବା ବେଳେ ଆସନ୍ତା ୨୪ ତାରିଖରେ ନୂଆଶାସନ ପଞ୍ଚାୟତର ସରପଞ୍ଚ ଉପନିର୍ବାଚନ ହେବାକୁ ଯାଉଛି। ଏଭଳି ସ୍ଥିତିରେ ଗତ ୨ଦିନ ତଳେ ମହିଳା ଗୋଷ୍ଠୀକୁ କେନ୍ଦ୍ର କରି ସଂଘର୍ଷ ରାଜନୈତିକ ରୂପ ନେଇଛି। ତତ୍‌ସହିତ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାଣ୍ଡମୁକୁନ୍ଦପୁରରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଏସ୍‌ପି କେ. ବିଶାଳ ସିଂ ସୋମବାର ପିପିଲି ଏବଂ ଡେଲାଙ୍ଗ ଅଞ୍ଚଳ ବୁଲି ଦେଖିଛନ୍ତି। ପ୍ରଥମେ ପିପିଲିରେ ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ସମେତ ପିପିଲି, ଡେଲାଙ୍ଗ, ବଳଙ୍ଗା ଏବଂ ସତ୍ୟବାଦୀ ଥାନାର ଆଇଆଇସି ଯୋଗଦେଇ ଏକ ପ୍ରାକ୍ ପ୍ରସ୍ତୁତି ଭିତ୍ତିକ ବୈଠକରେ ଉପନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ଏସ୍‌ଡିପିଓଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଅଞ୍ଚଳର ସମସ୍ତ ପେସାଦାର ଅପରାଧୀଙ୍କ ନାମରେ ଗିରଫ ପରୱାନା ଜାରି କରିବା, ବେଆଇନ ନିଶା କାରବାର ଉପରେ ଅଙ୍କୁଶ ଲଗାଇବା, ଗାଡ଼ି ମୋଟର କଡ଼ାକଡ଼ି ଭାବେ ଯାଞ୍ଚ କରିବା ଏବଂ ସମସ୍ତ ଉତ୍ତେଜନା ପ୍ରବଣ ବୁଥଗୁଡିକୁ ଚିହ୍ନଟ କରିବା ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରେ ଏସ୍‌ପି ସିଂ ଡେଲାଙ୍ଗ ଥାନା ପରିଦର୍ଶନ କରିଛନ୍ତି।

# କ୍ରିକେଟ: ଫ୍ରେଣ୍ଡ୍‌ସ କ୍ଲବ ଚାମ୍ପିୟନ

**ଡେଲାଙ୍ଗ,୨୨।୨( ଡି.ଏନ୍.ଏ)**

ଡେଲାଙ୍ଗର ସାଉରିଆ ପଞ୍ଚାୟତରେ ସ୍ୱାଧୀନ ସେବା ସଂସ୍ଥା ପକ୍ଷରୁ ବାରବାଟୀ ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ପ୍ରିମିୟର ଲିଗ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କାକା ଇଲେଭେନକୁ ହରାଇ ଫ୍ରେଣ୍ଡ୍‌ସ କ୍ଲବ ଚାମ୍ପିୟନ ହୋଇଛି। କାକା ଇଲେଭେନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ କରିଥିଲା। ଜବାବରେ ଫ୍ରେଣ୍ଡସ କ୍ଲବ ୧୬ ଓଭରରେ ୧୦ ଉଇକେଟ ହରାଇ ୧୧୮ରନ କରି ବିଜୟୀ ହୋଇଥିଲା। ଆଲୋକ ରଞ୍ଜନ ପରିଡା ଓ ବିରଞ୍ଚି ପରିଡା ମ୍ୟାଚ ପରିଚାଳନା କରିଥିଲେ। ରାଜା ମହମ୍ମଦ ମ୍ୟାନ ଅଫ ଦି ସିରିଜ ଓ ଶାୱାନ ଖାନ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ପୁରସ୍କାର ବିରତଣୀ ଉତ୍ସବରେ ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର ଆଚାରିଆ, ଅମରଜିତ ସେନାପତି, ଡ.ଫାରିଜ ଜାଫର,ଏମ.ଡି .ଫାରିଜ ଆଜଫର, ଶଶିଶେଖର ରାୟ, କୁନୁମଣି ରାଉତରାୟ, ଏମ.ଡି.ଜାଫର ଇକବାଲ, ଅବିନାଶ କୁମାର, ବିଶ୍ୱଜିତ ପାଢ଼ୀ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ପରିବେଶବିତ୍ ବିଶ୍ୱଜିତ ପରିଡା, ମିଟୁକିଶୋର ପ୍ରଧାନ, ପ୍ରତାପଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ପ୍ରସନ୍ନ ତ୍ରିପାଠୀ, ରଶ୍ମିରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ଜେନାଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ଡେଲାଙ୍ଗର ଅବସରପ୍ରାପ୍ତ ୫ଜଣ ସାମରିକ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ବିଦ୍ୟାଳୟ ସୌନ୍ଦର୍ଯ୍ୟ ପାଇଁ ପୁରାତନ ଛାତ୍ରଙ୍କ ସହାୟତା

**ସାକ୍ଷୀଗୋପାଳ,୨୨।୨( ଡି.ଏନ୍.ଏ)**

ବନ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳର ସୌନ୍ଦର୍ଯ୍ୟକରଣ କାମ ନିମନ୍ତେ ପୁରାତନ ଛାତ୍ରମାନେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୋମବାର ୧୯୮୮ ମସିହା ଏହି ବ୍ୟାଚର ଛାତ୍ରଙ୍କ ମଧ୍ୟରେ ସୁବ୍ରତ ବରାଳ, ଜିତେନ୍ଦ୍ର ପଟ୍ଟନାୟକ, ବିଭୂତି ରଥ, ଡ. ସେକୁ ଅବଦୁଲ ନସିମ, ଡ. ନିଖିଳ ରଞ୍ଜନ ନାୟକ, ପ୍ରେମାଜିତ ଦାସ, ଶିବାଶିଷ ଦାସ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ମୋ ସ୍କୁଲ ଅଭିଯାନରେ ନିଜକୁ ସାମିଲ କରିଥିଲେ। ପରେ ସମସ୍ତେ ମିଶି ୫୫୦୦ ଟଙ୍କା ଆର୍ଥିକ ସହାୟତା ମୋ ସ୍କୁଲ ପାଣ୍ଠିକୁ ପ୍ରଦାନ କରିଥିଲେ। ଅଧିକ ସୌନ୍ଦର୍ଯ୍ୟକରଣ ପରିବେଶ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭବମ୍ ପ୍ରଧାନ, ଶିକ୍ଷକ ସତ୍ୟବାଦୀ ଦାସ ଓ ଆଲୁମ୍ନି ସଂଘର ସଭାପତି କିଶୋର ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ସହାୟତା ରାଶି ବାବଦ ଅର୍ଥ ପ୍ରଦାନ କରିଛନ୍ତି।

# ହାଟ, ବଜାରରେ କୋଭିଡ୍ ନିୟମକୁ ଫୁ

**କଣାସ,୨୨।୨(ସ୍ୱ.ପ୍ର.)**

କରୋନାର ନୂତନ ଷ୍ଟ୍ରେନ୍ ଭାରତରରେ ଦେଖାଯିବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏ ନେଇ ରାଜ୍ୟ ସରକାର ଜନସାଧାରଣଙ୍କୁ କୋଭିଡ୍ ନିୟମ ମାନିବାକୁ କଡ଼ା ନିର୍ଦ୍ଦେଶ ଦେଇଥିବାବେଳେ କଣାସ ବ୍ଲକର ହାଟ, ବଜାରଠାରୁ ପ୍ରତିଟି ଜାଗାରେ ଲୋକେ ନିୟମକୁ ବେଖାତିର କରୁଥିବା ଦେଖିବାକୁ ମିଳିଛି। କଣାସ ହାଟ, ବିଜିପୁର, ହାଟ, ମନ୍ଦାରବସ୍ତ ହାଟ, ଗଡିଶାଗୋଦା ହାଟ, କରମଳା ହାଟ, ଜଙ୍ଘାର ହାଟ ଓ ବିଭିନ୍ନ ବଜାରରେ ପ୍ରବଳ ଜନଗହଳି ହେଉଛି। ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁନି, ମାସ୍କ ନ ପିନ୍ଧି ବୁଲୁଛନ୍ତି। ତେଣୁ ରାଜ୍ୟ ସରକାର ନିୟ ମାନୁ ନ ଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ୍ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପ୍ରତି ପୋଲିସ ଓ ପ୍ରଶାସନ ଦୃଷ୍ଟି ଦେଇ ଲୋକଙ୍କୁ ସଚେତନ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ବିଡିଓ ଲୋଚନ ଦାସ ଖୁବଶୀଘ୍ର ଏହାର ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ରାଧାବଲ୍ଲଭ ମଠ ଉଚ୍ଛେଦ ଆରମ୍ଭ



**ପୁରୀ ଅଫିସ,୨୨।୨**

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଉଚ୍ଛେଦ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ସୋମବାର ରାଧାବଲ୍ଲଭ ମଠର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ମଠର ଗୃହକୁ ମେଶିନ ଲଗାଯାଇ ଭଙ୍ଗାଯାଉଛି। ଉଚ୍ଛେଦ ବେଳେ ସିଂହଦ୍ୱାର ଥାନା ଆଇଆଇସି ଉପସ୍ଥିତ ଥିବାବେଳେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଓବିସିସିର ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ରାଧାବଲ୍ଲଭ ମଠ ପରିସରରେ ଥିବା ଦୋକାନ ଗୃହ ଉଚ୍ଛେଦ କାର୍ଯ୍ୟ ପର୍ଯ୍ୟାୟ କ୍ରମେ କରାଯିବ। ପୂର୍ବରୁ ମଠ ଜମି ଅଧିଗ୍ରହଣ ନେଇ ମଠ ମହନ୍ତଙ୍କ ସହ ଜିଲା ପ୍ରଶାସନର ଆଲୋଚନା ସରିଛି।

# ସହାୟତା ଦାବିରେ ଫନୀ କ୍ଷତିଗ୍ରସ୍ତଙ୍କ ଅନଶନ

**ପୁରୀ ଅଫିସ,୨୨।୨**

ଫନୀ ବାତ୍ୟାର ଦୁଇବର୍ଷ ପରେ ବି କ୍ଷତିଗ୍ରସ୍ତଙ୍କ ଦୁଃଖ ଘୁଞ୍ଚିପାରିନାହିଁ। ସରକାରୀ ସହାୟତା ରାଶିରୁ ବଞ୍ଚିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ସେମାନେ ପ୍ରଶାସନର ପାତର ଅନ୍ତର ନୀତିକୁ ଦୋଷ ଦେଉଛନ୍ତି। ସମସ୍ତ ଫନୀ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ସହ ହୋଇଥିବା ଦୁର୍ନୀତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚଅଁରପଦା ପଞ୍ଚାୟତ ଜନ ସଂଘର୍ଷ ସମିତି ଦାବି କରିଛି। ଏ ନେଇ ଜନସଂଘର୍ଷ ସମିତି ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗପତ୍ର ଦିଆଯିବା ସହ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯାଇଛି। ଫନୀ ପ୍ରଭାବିତଙ୍କୁ କ୍ଷତିପୂରଣ, ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଜମି ଦେବା, ଏକାଧିକ ରାଶନ କାର୍ଡ ଓ ଆବାସ ଯୋଜନାରେ ନାଁ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।




ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫନୀ କ୍ଷତିଗ୍ରସ୍ତଙ୍କ ଆମରଣ ଅନଶନ।

# ନଳକୂପ ଅଚଳ, ମିଳୁନି ପାନୀୟ ଜଳ

**ବଳଙ୍ଗା,୨୨।୨(ଡି.ଏନ୍.ଏ.)**

ବଳଙ୍ଗା ଥାନା ଶାଇଁଶ ଶାସନ ପଞ୍ଚାୟତ ଦୁର୍ଗାପୁର, କାଶୀପୁର, ଭଗତୀପୁର ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଦେଖାଯାଇଛି। ଏହି ୩ଗ୍ରାମରେ ଲୋକେ ପାନୀୟ ଜଳ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗ୍ରାମର ନଳକୂପ ଥିବା ସତ୍ତ୍ୱେ ତାହା ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଏହି ୩ ଗ୍ରାମର ପ୍ରାୟ ୬ଶହ ପରିବାର ବାସ କରୁଛନ୍ତି। ଗ୍ରାମ ଚାରିପଟେ ପ୍ରାୟ ପାଞ୍ଚ ଶହ ହେକ୍ଟର ଜମିରେ ରିଧାନ ହେଉଛି। କେନାଲ ଜଳ ଯୋଗାଣ ନ ଥିବାରେ ୨ଶହରୁ ଉର୍ଦ୍ଧ୍ୱ ଏଲ ଆଇ ପଏଣ୍ଟ ବସିଛି। ମାତ୍ରାଧିକ ପଏଣ୍ଟ ଯୋଗୁ ଜଳସ୍ତର ଦ୍ରୁତ ବେଗରେ କମିଯାଉଛି। ଏହାଦ୍ୱାରା ଅଧିକାଂଶ ନଳକୂପ ଅଚଳ ହୋଇପଡ଼ିଛି। ବାକି ଥିବା ନଳକୂପରେ ସ୍ୱଳ୍ପ ପାଣି ବାହାରୁ ଥିବାରୁ ଆବଶ୍ୟକ ମେଣ୍ଟାଇ ପାରୁ ନାହିଁ। ଫଳରେ ଗ୍ରାମବାସୀ ବାଧହୋଇ କାଦୁଅ ପଙ୍କରେ ବିଲକୁ ଯାଇ ଏଲ ଆଇ ପଏଣ୍ଟରେ ସ୍ନାନଶୌଚ ହେବା ସହିତ ପାନୀୟ ଜଳ ବ୍ୟବହାର କରୁଛନ୍ତି। ଏପରିକି ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁ ସମୟ ଧରି ଅପେକ୍ଷା କରି ରହିଛନ୍ତି। ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ଏବଂ ଆବଶ୍ୟକ ପରିମାଣର ଡାନିଡା ନଳକୂପ ନାହିଁ। ଆଗାମୀ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ନିମନ୍ତେ ପରିସ୍ଥିତି ଅଣାୟତ୍ତ ହେବାର ଆଶଙ୍କା ଦେଖାଦେଇଛି। ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଆବଶ୍ୟକୀୟ ନଳକୂପ ବସାଇବା ସହିତ ବର୍ତ୍ତମାନ ସ୍ଥିତିରେ ପାଣି ଟାଙ୍କି ଦ୍ୱାରା ଜଳଯୋଗାଣ ନିମନ୍ତେ ଜିଲପାଳଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ କହିଛନ୍ତି, ଏ ବିଷୟରେ ମୁଁ ଅବଗତ ଅଛି। ଜଳ ସମସ୍ୟା ଦୂର କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଖୁବଶୀଘ୍ର ଜଳ ଯୋଗାଣ ବ୍ୟବସ୍ଥା ଦୂର କରାଯିବ ବୋଲି କହିଛନ୍ତି।



ପାଣି ପାଇଁ ଅପେକ୍ଷା କରିଛନ୍ତି ଗ୍ରାମବାସୀ।

**ତେଲ ଟ୍ୟାଙ୍କରରେ ପିଟି ହେଲା ବାଇକ୍: ଚାଳକ ଗୁରୁତର**

ଖୁଣ୍ଟୁଣୀ(ଡି.ଏନ.ଏ.): ୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ଅଧୀନ କଣ୍ଟାବନ୍ଧ ଛକରେ ସୋମବାର ଅପରାହ୍ନରେ ଏକ ତେଲ ଟ୍ୟାଙ୍କରରେ ପିଟି ହୋଇ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ନରଣପୁର ଗ୍ରାମର ଜିତେନ୍ଦ୍ର ନାୟକ। ଚିକିତ୍ସାଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ୟାଙ୍କର୍‌ଟି କଟକ ପଟୁ ତେଲ ନେଇ ଖୁଣ୍ଟୁଣୀ ଅଭିମୁଖେ ଆସୁଥିଲା। ସେହି ସମୟରେ ଜିତେନ୍ଦ୍ର ବାଇକରେ ଢେଙ୍କାନାଳରୁ ଆସୁଥିବାବେଳେ ଭାରସାମ୍ୟ ହରାଇ ଟ୍ୟାଙ୍କରରେ ପିଟି ହୋଇଯାଇଥିଲେ। ଖୁଣ୍ଟୁଣୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ଥାନାକୁ ନେଇଛି।



## ସଂକ୍ଷେପରେ

### ସହରର ମୁଖ୍ୟ ବ୍ୟବସାୟୀଙ୍କ ଜରୁରୀ ବୈଠକ

କଟକ ଅଫିସ, ୨୨।୨: କଟକ ବଣିକ ସଂଘ କାର୍ଯ୍ୟାଳୟରେ ସହରର ମୁଖ୍ୟ ବ୍ୟବସାୟୀଙ୍କ ଏକ ଜରୁରୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଦ୍ୱାରା କରାଯାଇଥିବା ଟିକସ ଜଟିଳତା ପାଇଁ ବ୍ୟବସାୟୀମାନେ ଆର୍ଥିକ ଓ ମାନସିକ ସ୍ତରରେ ନିର୍ଯ୍ୟାତିତ ହେଉଛନ୍ତି। ଏହାଦ୍ୱାରା ଆଗାମୀ ଦିନରେ ବ୍ୟବସାୟ ଚଳାଇବା କଷ୍ଟକର ହେବ ବୋଲି ବୈଠକରେ ବ୍ୟବସାୟୀମାନେ ମତପ୍ରକାଶ କରିଥିଲେ। ତେବେ ସରକାରଙ୍କ ଏହି ଟିକସ ବ୍ୟବସ୍ଥା ବିରୋଧରେ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ଆସନ୍ତା ୨୬ ତାରିଖରେ ସାରା ଭାରତରେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବା ପାଇଁ ଡାକରା ଦେଇଛି। ଏହାକୁ ସମର୍ଥନ କରି କଟକ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ସର୍ବସମ୍ମତି କ୍ରମେ ପ୍ରତିଷ୍ଠାନ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିରେ କଟକ ବଣିକ ସଂଘ ମାଲଗୋଦାମର ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ପାତ୍ର, ଶ୍ରୀକାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଭାଓସିଂକା, କାର୍ଯ୍ୟକାରୀ କମିଟି ସଦସ୍ୟ ପବନ କୁମାର ସନ୍ଥଲିଆ ଓ ପ୍ରଦୀପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧବାର୍ଷିକୀ

କଟକ ଅଫିସ, ୨୨।୨: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧବାର୍ଷିକୀ କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ସୋମବାର ପାଳିତ ହୋଇଯାଇଛି। ଏସ୍‌ସିବି ମେଡିକାଲ ପରିସରରେ ଥିବା ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଶିକ୍ଷାବିତ୍ ଗଜେନ୍ଦ୍ର ପାଣି ମୁଖ୍ୟଅତିଥି, ବିଦ୍ୟୁତ୍ ଲାଲା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଉତ୍କଳ ପୂଜନ ପରିଷଦ ଓ ଉତ୍କଳମଣି ସେବା ସଂଘ ମିଳିତ ଆନୁକୂଲ୍ୟରେ ପିଠାପୁରସ୍ଥିତ କାର୍ଯ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ପରିଷଦ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ବିଚିତ୍ରାନନ୍ଦ ସ୍ୱାଇଁ, ଡ. ଅର୍ଦ୍ଧେନ୍ଦୁ ଶେଖର ଭୋଳ, ଡ. ବସନ୍ତ କୁମାରୀ ନନ୍ଦ, ଶିକ୍ଷକ ନେତା ଜନାର୍ଦ୍ଦନ ଦାଶ, ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ରାଜେଶ ଓଝା ଧନ୍ୟବାଦ ଦେଇଥିଲେ।

### ସାରସ୍ୱତ କବିତା ଆସର

କଟକ ଅଫିସ, ୨୨।୨: ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସାରସ୍ୱତ କବିତା ଆସର କଟକ ଗୋପବନ୍ଧୁନଗରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ମୁଖ୍ୟବକ୍ତା କବି ଉଦୟ କେଶରୀ ବର୍ମା, ପଣ୍ଡିତ ଚୈତନ୍ୟ ସାହୁ, ପ୍ରାଧାପକ ଆଦିତ୍ୟ ପ୍ରତାପ ଧଳ ଯୋଗଦେଇଥିଲେ। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଂସଦର ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଅନେକ କବି କବିତା ପାଠ କରିଥିଲେ। କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

# ଅଣ୍ଡରପାସ୍ ରୋଡ୍ ନିର୍ମାଣ ଦାବିରେ ରେଳରୋକୋ

ଚୌଦ୍ୱାର,୨୨।୨(ଡି.ଏନ୍.ଏ.)

ରେଳଧାରଣା ପାର ହେବା ପାଇଁ ବ୍ରିଜ ଅଣ୍ଡର ପାସ୍ ରୋଡ ନିର୍ମାଣ ଦାବିରେ ସୋମବାର କଟକ ଜିଲା ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ବଡପଦା ଗାଁ ନିକଟରେ ରେଳରୋକୋ ଓ ଅନଶନ କରାଯାଇଥିଲା। ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଏହି ରେଳରୋକୋ କରାଯାଇଥିବାବେଳେ ଏଥିରେ ବଡସାମନ୍ତରାପୁର ପଞ୍ଚାୟତର କୃଷକ ସୁରକ୍ଷା ମଞ୍ଚ ସମେତ ୫ଟି ପଞ୍ଚାୟତର ଚାଷୀ ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। ରେଳରୋକୋ ଯୋଗୁ ଦୁର୍ଗ-ପୁରୀ ଏକ୍ସପ୍ରେସ ପ୍ରାୟ ଦୁଇ ଘଣ୍ଟା ଧରି ବଡପଦାଗାଁ ପିଏଚ୍ ପୂର୍ବରୁ ଅଟକି ରହିଥିଲା। ଏଥିଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ରେଲୱେ ଏଡିଏମ୍ ଓମ୍‌ପ୍ରକାଶ ମୀନା, କମିଶନରେଟ୍ ପୋଲିସର ଜୋନ୍-୧ ଏସିପି ଅମରେନ୍ଦ୍ର ପଣ୍ଡା ଓ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆସନ୍ତା ମାର୍ଚ୍ଚ ୨ ତାରିଖରେ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ପାଇଁ ପ୍ରତିଶ୍ରୁତି ଦେବାରୁ ଅନଶନକାରୀମାନେ ରେଳରୋକୋରୁ ହଟିଥିଲେ। ଅନଶନକାରୀଙ୍କ ଅଭିଯୋଗ ଅନୁଯାୟୀ, ବଡସାମନ୍ତରାପୁରଠାରେ ଥିବା ରେଳଫାଟକ ଘଣ୍ଟାଘଣ୍ଟା ଧରି ବନ୍ଦ ରହୁଛି। ଏଥିଯୋଗୁ ବଡସାମନ୍ତରାପୁର, ଶଙ୍କରପୁର, ଅମରାବତୀପୁର, ବିଶ୍ୱନାଥପାଟଣା, ଉଦୟପୁର ଓ ସର୍ଦ୍ଧାରଖଡିଆ ଗ୍ରାମର ଲୋକମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ରୋଗୀ, ସ୍କୁଲ ଛାତ୍ରୀଛାତ୍ର ଓ ସହରରେ ଚାକିରି କରୁଥିବା ଲୋକମାନେ ଅଧିକ ମାତ୍ରାରେ ଅସୁବିଧା ଭୋଗୁଛନ୍ତି। ଉକ୍ତ ଗ୍ରାମର ଲୋକମାନଙ୍କ ଚାଷଜମି ରେଳଧାରଣା ଅପର ପାର୍ଶ୍ୱରେ ରହିଛି। ସେମାନେ ଅମଳ ଫସଲକୁ ମୁଣ୍ଡାଇ ଘରକୁ ଆଣିବା ପାଇଁ ଜୀବନକୁ ବାଜି ଲଗାଇ ରେଳଧାରଣା ଉପରେ ଆସିବାକୁ ବାଧ ହେଉଛନ୍ତି। ଉପରୋକ୍ତ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପୂର୍ବରୁ ଲିଖିତ ଭାବେ ଅବଗତ କରାଯାଇଛି। ରେଳ କର୍ତ୍ତୃପକ୍ଷ ବଡସାମନ୍ତରାପୁର ଗବଗଣ୍ଡା ଗାଁକୁ ଯାଉଥିବା ମୁଖ୍ୟରାସ୍ତାକୁ ୮ବର୍ଷ ତଳେ ବନ୍ଦ କରିବା ସହ ଏକ ବ୍ରିଜ ଅଣ୍ଡର ରୋଡ୍ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ତାହା ନ କରିବାରୁ ଲୋକମାନେ ବାଧ୍ୟହୋଇ ରେଳରୋକୋ ଓ ଅନଶନ କରିଥିବା କୃଷକ ମଞ୍ଚର ସଭାପତି ନନ୍ଦ କିଶୋର ମହାନ୍ତି, ଦେବୀ ପ୍ରସାଦ ଖୁଣ୍ଟିଆ, ବାଇଧର ପ୍ରଧାନ, ବିଭୁତି ସ୍ୱାଇଁ, କରୁଣାକର ସ୍ୱାଇଁ, ଧନୁ ଦାସ, ଅକ୍ଷୟ ମହାନ୍ତି ଓ ଦିବାକର ମହାନ୍ତି ପ୍ରମୁଖ କହିଛନ୍ତି।


ରେଳଧାରଣାରେ ବସିଥିବା ମହିଳା ଓ ଅନ୍ୟମାନେ।

**ଅଟକିଲା ଦୁର୍ଗ-ପୁରୀ ଏକ୍ସପ୍ରେସ**

# ନାବାଳିକା ବଧୂ ଉଦ୍ଧାର, ଯୁବକ ଅଟକ

ଚୌଦ୍ୱାର,୨୨।୨(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଧୀନ କପାଳେଶ୍ୱର ନୂଆସାହିରୁ ବିବାହିତ ନାବାଳିକାଙ୍କୁ ସୋମବାର ଉଦ୍ଧାର କରାଯାଇଛି। ଏଥିସହ ନାବାଳିକାଙ୍କୁ ବିବାହ କରିଥିବା ଯୁବକଙ୍କୁ ପୋଲିସ ଅଟକ ରଖିଛି। ଉଦ୍ଧାର ଫାଉଣ୍ଡେଶନ୍‌ର ସଭାପତି ନରୋତ୍ତମ ଦାଶଙ୍କ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ଟମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡ଼ା ଗ୍ରାମର ୧୩ ବର୍ଷୀୟା ନାବାଳିକାଙ୍କୁ ଚୌଦ୍ୱାର ଅଞ୍ଚଳର ଯୁବକ ଜଣଙ୍କ ଗତ ୨୦ ତାରିଖରେ ସ୍ଥାନୀୟ ମନ୍ଦିରରେ ବିବାହ କରିଥିଲେ। ପରେ ନାବାଳିକାଙ୍କୁ ଯୁବକ ଜଣଙ୍କ ତାଙ୍କ ଘରେ ରଖିଥିଲେ। ଏହି ଖବର କଟକ ଚାଇଲ୍ଡଲାଇନ ପାଖରେ ପହଞ୍ଚିଥିଲା। ପରେ ଚାଇଲ୍ଡଲାଇନ୍‌ଠାରୁ ଖବରପାଇ ଟାଙ୍ଗୀ–ଚୌଦ୍ୱାର ବ୍ଲକ ବାଲ୍ୟ ବିବାହ ଟାସ୍କଫୋର୍ସ ସଦସ୍ୟ ନରୋତ୍ତମ ଦାସ, ଟାଙ୍ଗୀ ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ଆରତୀ ମହାନ୍ତି, ଚୌଦ୍ୱାର ଥାନା ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋ, ଉଦ୍ଧାର ଫାଉଣ୍ଡେଶନ୍‌ର ସଭାପତି ନରୋତ୍ତମ ଦାଶ, ସଦସ୍ୟା ପ୍ରମିଳା ଓଝା, କିରଣବାଳା ନାୟକ, ଦିଲ୍ଲୀପ ସାହୁ, ଶ୍ରୀକାନ୍ତ ଜେନା, ଶୁଭ୍ରଜିତ୍ ବିଶୋଇ ପ୍ରମୁଖ ନୂଆସାହିସ୍ଥିତ ଯୁବକଙ୍କ ଘରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ତାଙ୍କୁ କଟକସ୍ଥିତ ବସୁନ୍ଧରାରେ ଛାଡିବା ସହ ତାଙ୍କ ମାଆବାପାଙ୍କୁ ଖବର ଦେଇଥିଲେ।

# ପିଚୁରାସ୍ତା ଦାବିରେ ଧାରଣା


ମୋରମ ନେଇ ଆସିଥିବା ଟ୍ରକକୁ ଗ୍ରାମବାସୀ ଅଟକ ରଖିଛନ୍ତି ।

ନିଶ୍ଚିନ୍ତକୋଇଲି,୨୨।୨(ସ୍ୱ.ପ୍ର.)

**କେନାଲ ବନ୍ଧରେ ମୋରମ ପକାଇବାକୁ ବିରୋଧ**

କଟକ ଜିଲା ସରପଡ଼ା ପଞ୍ଚାୟତ ମଧ୍ୟରେ ଯାଇଥିବା ସି ୧ କେନାଲ ବନ୍ଧ ରାସ୍ତା ମରାମତି ପାଇଁ ମୋରମ ପକାଇବାକୁ ସୋମବାର ସ୍ଥାନୀୟ ଲୋକେ ବିରୋଧ କରି ସେଠାରେ ଧାରଣା ଦେଇଥିଲେ। ଉକ୍ତ ରାସ୍ତାକୁ ପିଚୁ ଅବା କଂକ୍ରିଟ୍ କରିବା ପାଇଁ ସେମାନେ ଦାବି କରିଛନ୍ତି। କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ରାସ୍ତାରେ ନାଲି ମୋରମ ପକାଇବା ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏନେଇ ଠିକାଦାର ଟ୍ରକରେ ମୋରମ୍ ନେଇ ଆସିଥିବା ବେଳେ ସ୍ଥାନୀୟ ଲୋକେ ଟ୍ରକ ଅଟକାଇ ରାସ୍ତା ଅବରୋଧ କରିଥିଲେ। ଫଳରେ ମୋରମ ଅନ୍ୟ ସ୍ଥାନରେ ଅନ୍‌ଲୋଡ କରାଯାଇଥିଲା। ଏହି କେନାଲ ବନ୍ଧ ରାସ୍ତା ଦୀର୍ଘଦିନ ହେବ ନଷ୍ଟ ହୋଇଯାଇଛି। ଏନେଇ ବାରମ୍ବାର ଦୁର୍ଘଟଣା ଘଟି ମରଣଯନ୍ତା ପାଲଟିଛି। ରାସ୍ତା ମରାମତି କରିବାକୁ ବାରମ୍ବାର ଦାବି ହେବା ପରେ ଜଳ ସମ୍ପଦ ବିଭାଗ ଏଫ୍ ୨ ଯୋଜନାରେ ଅସ୍ଥାୟୀଭାବେ ମରାମତି କରିବାକୁ ଠିକାଦାର ସହ ଚୁକ୍ତି କରିଛି। ଏହି ରାସ୍ତା ନିକଟରେ ଥିବା ଖଣ୍ଡସାହି– ଅଚ୍ୟୁତାନନ୍ଦ ମାର୍ଗ ପର୍ଯ୍ୟନ୍ତ ୫.୬ କି.ମି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଇବା ପାଇଁ ପ୍ରତାପ ଜେନା ଚିଠି ଲେଖିଛନ୍ତି ବୋଲି ସରପଞ୍ଚ ରୁନୁଲତା ମହାନ୍ତି କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନାଲ ବନ୍ଧ ରାସ୍ତାକୁ ମଧ୍ୟ ପିଚୁ ଅବା କଂକ୍ରିଟ୍ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ମିଳିଲାନି ଭଡ଼ା ଟଙ୍କା: ୭ ଦୋକାନ ସିଲ୍

କଟକ ଅଫିସ,୨୨।୨

- ୫ ଦୋକାନୀ ୩ ଲକ୍ଷ ପଇଠ କଲେ
- ୨ ଦୋକାନ ପାଇଁ ରିଟେଣ୍ଡରିଂ ହେବ

ଭଡା ଖିଲାପକାରୀଙ୍କ ବିରୋଧରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଏମ୍‌ପିଠାରେ ସିଏମ୍‌ସିର ମାର୍କେଟ କମ୍ପ୍ଲେକ୍ସରେ ୧୧୮ଟି ଦୋକାନ ଘର ରହିଛି। ଏହାକୁ ସିଏମ୍‌ସି ଭଡା ସୂତ୍ରରେ ଦୋକାନୀଙ୍କୁ ଦେଇଛି। ସେଥିମଧ୍ୟରୁ ୧୨ ଜଣ ଦୋକାନୀ ଘରଭଡା ବାବଦ ଟଙ୍କା ପଇଠ ନ କରିବାରୁ ସେମାନଙ୍କୁ ବାରମ୍ବାର ସିଏମ୍‌ସି ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ହେଲେ ବର୍ଷ ବର୍ଷ ଧରି ବାକି ଥିବା ଭଡା ଟଙ୍କା ଦେବା ତ ଦୂରର କଥା ସେମାନେ ସିଏମ୍‌ସି ଅଧିକାରୀଙ୍କୁ ସାକ୍ଷାତ ମଧ୍ୟ କରୁ ନ ଥିଲେ। ଫଳରେ ସୋମବାର ସିଏମ୍‌ସି ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନକୁ ଡରି ୫ ଜଣ ଦୋକାନୀ ମିଳିତ ଭାବରେ ୩ ଲକ୍ଷ ଟଙ୍କା ପଇଠ କରିଥିବାବେଳେ ବାକି ଟଙ୍କା ମାର୍ଚ୍ଚ ଶେଷ ସୁଦ୍ଧା ପଇଠ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବାକି ୭ ଜଣ ମାଲିକ ବକେୟା ପଇଠ ନ କରିବାରୁ ସିଏମ୍‌ସି ପକ୍ଷରୁ ସେମାନଙ୍କ ଦୋକାନକୁ ସିଲ୍ କରାଯାଇଛି। ସେଥିମଧ୍ୟରୁ ୨ ଜଣ ମାଲିକଙ୍କର ପତ୍ତା ମିଳିପାରିନାହିଁ। ତେଣୁ ଏହି ଦୁଇ ଦୋକାନ ପାଇଁ ରିଟେଣ୍ଡରିଂ କରାଯିବ ବୋଲି ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ୍ କହିଛନ୍ତି।

# ବସ୍ ଟର୍ମିନାଲ ପାଇଁ ୧୨ ଏକର ଜମି ଉପଲବ୍ଧ

କଟକ ଅଫିସ, ୨୨।୨

ପ୍ରସ୍ତାବିତ ନେତାଜୀ ବସ୍ ଟର୍ମିନାଲ ପାଇଁ ଆବଶ୍ୟକ ଥିବା ୧୨ ଏକର ସରକାରୀ ଜମି ପ୍ରଶାସନ ପାଖରେ ଉପଲବ୍ଧ ରହିଛି। ଏଥିସହ ଜବରଦଖଲରେ ଥିବା ସରକାରୀ ଜମିକୁ ମଧ୍ୟ ମୁକ୍ତ କରାଯିବ। ବସ୍ ଟର୍ମିନାଲ ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକମାନଙ୍କ କୌଣସି ଅସୁବିଧା ହେବନାହିଁ। ସେଠାରେ ଥିବା ବୈଷ୍ଣବ ପାଣି ପାର୍କର ସମ୍ପ୍ରସାରଣ ଓ ଉନ୍ନତୀକରଣ କରାଯିବ। ସେହିପରି ବିଶ୍ୱନାଥ ପାଠାଗାରକୁ ଷ୍ଟେଟ୍ ଅଫ ଦି ଆର୍ଟରେ ଗଢ଼ାଯିବ ଓ ଟର୍ମିନାଲ ପ୍ରକଳ୍ପକୁ ୧୮ ମାସ ମଧ୍ୟରେ ଶେଷ କରାଯିବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମୋଦି ଟ୍ରଷ୍ଟ ଅଧୀନରେ ଥିବା ୧ ଏକର ୬୧୭ ଡିସିମିଲ ସରକାରୀ ଜମିକୁ ପ୍ରଶାସନ ନିଜ ଅକ୍ତିଆରକୁ ଆଣିଛି। ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟି ବସ୍ ଟର୍ମିନାଲ ନିର୍ମାଣ ନିମନ୍ତେ ସହଯୋଗ କରିବେ ବୋଲି କହିଛନ୍ତି।



କୃଷି ଆଇନ ବାତିଲ, କଟକ ଜିଲାରେ ଆବଶ୍ୟକ ଶୀତଳଭଣ୍ଡାର ନିର୍ମାଣ, ସରକାରୀ ମଣ୍ଡି ପ୍ରତିଷ୍ଠା କରିବା ଓ ଜଳସେଚନ ଦାବିରେ ଏଆଇକେକେଏମ୍‌ଏସ୍ ପକ୍ଷରୁ ସୋମବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ପ୍ରଦର୍ଶନୀ ମ୍ୟାଚରେ ଓସିଏ ରୋଜ୍ ବିଜୟୀ

ନିଶ୍ଚିନ୍ତକୋଇଲି,୨୨।୨(ସ୍ୱ.ପ୍ର.)

**ବିଜୁ ପଟ୍ଟନାୟକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ବଳଦେବ ଜୀଉ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଗ୍ନିପୁର ଖେଳପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ପଞ୍ଚାୟତିରାଜ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରି କହିଥିଲେ, ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଜିଲା ଓ ରାଜ୍ୟସ୍ତରରେ ଖେଳିବାକୁ ସୁଯୋଗ ମିଳିବ। କାର୍ଯ୍ୟକ୍ରମରେ କଟକ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ଜିଲା ପରିଷଦ ସଭ୍ୟା ସବିତା ସାମଲ, ଗୀତାଞ୍ଜଳିପଣ୍ଡା ଓ ଜାହିର ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ୩୨ଟି ଟିମ୍ ଭାଗ ନେଇଛନ୍ତି। ମାର୍ଚ୍ଚ ୭ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଦୁଇ ମହିଳା ଦଳ ଓସିଏ ରୋଜ୍ ଏବଂ ଓସିଏ ଲୋଟସ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଓସିଏ ରୋଜ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ ଓସିଏ ଲୋଟସ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୦୩ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଓସିଏ ରୋଜ୍ ୨୮ ରନ୍‌ରେ ବିଜୟୀ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ୨୦୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ : ସେମିରେ ଧର୍ମଶାଳା

ସାଲେପୁର,୨୨।୧ (ଡି.ଏନ୍.ଏ.)

ସାଲେପୁର ହାଇସ୍କୁଲ ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଅନୁଷ୍ଠିତ ହେଉଛି। ସୋମବାର ୩ୟ ଦିବସରେ ପାରାଦୀପ ପୋର୍ଟ ଜଗତସିଂହପୁର ଓ ଯାଜପୁର ଧର୍ମଶାଳା ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଧମଶାଳା ଫୁଟ୍‌ବଲ କ୍ଲବ ୪–୨ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

# ମଉଗଜପୁର ହାଟସାହି ପ୍ରିମିୟର ଲିଗ୍: ଟ୍ରଫି ଫାଇଟର ଚାମ୍ପିୟନ

କଟକ ସଦର,୨୨।୨(ଡି.ଏନ.ଏ.)

କଟକ ସଦର ବ୍ଲକ ଅଧୀନ ପରମହଂସ ପଞ୍ଚାୟତ ମଉଗଜପୁର ଖେଳପଡିଆରେ ମଉଗଜପୁର ହାଟସାହି ପ୍ରିମିୟର ଲିଗ୍ ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଫି ଫାଇଟର ଚାମ୍ପିୟନ ଓ ବାସୁଦେବ ସୁପର କିଙ୍ଗସ ରନର୍ସ ଅପ୍ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭାରତ ମସଲାର ଡାଇରେକ୍ଟର ଦିଗନ୍ତ ପଣ୍ଡା ଓ ପୂର୍ବତନ ସରପଞ୍ଚ ଅକ୍ଷର ପରିଡା ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ଆଶୁତୋଷ ପଣ୍ଡା, ମ୍ୟାନ ଅଫ ଦି ସିରିଜ ବିଜୟ ମାହଲିଙ୍କ ସମେତ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ହୃଦୟ ରଞ୍ଜନ ସାହୁ, ମନୋରଞ୍ଜନ ବେହେରା, ବେଣୁଧର ବେହେରା, ରାମଚନ୍ଦ୍ର ସାହୁ ଓ ଗୋପାଳ ଚନ୍ଦ୍ର ଦାସଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଲୋକଙ୍କୁ ସଚେତନ କଲା ସିଏମ୍‌ସି

**କରୋନା କଟକଣା ପାଳନ**

- କଟକଣା ନ ମାନି ଗଣିଲେ ୨୦,୦୦୦ ଟଙ୍କା

କଟକ ଅଫିସ, ୨୨।୨

କଟକରେ କରୋନା ଗାଇଡ୍‌ଲାଇନ୍‌କୁ କଡାକଡି ଭାବେ ପାଳନ କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୋମବାର ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଗାଇଡ୍‌ଲାଇନକୁ କଡାକଡି ପାଳନ କରିବା ପାଇଁ ଡେପୁଟି କମିଶନର ଅବିନାଶ ରାଉତଙ୍କ ଅଧ୍ୟକ୍ଷତାରେ ଦୁଇଟି ସ୍ୱତନ୍ତ୍ର ଟିମ୍ ରବିବାର ଗଠନ କରାଯାଇଥିଲା। ସୋମବାର ଏହି ଟିମ୍ ସହରର କୃଷକ ବଜାର, ଛତ୍ରବଜାର, ବାଦାମବାଡ଼ି, ଦୋଳମୁଣ୍ଡାଇ, ରାଣୀହାଟ, ବକ୍ସିବଜାର, ତିନିକୋଣିଆ ବଗିଚା, ଚୌଧୁରୀବଜାର ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ମାଇକ୍ ଜରିଆରେ ପ୍ରଚାର କରିବା ସହ ଲୋକମାନଙ୍କୁ ସଚେତନ କରିଥିଲା। ଅନ୍ୟପକ୍ଷରେ ସାମାଜିକ ଦୂରତା ଓ ମାସ୍କ ପରିଧାନ ନିୟମ ଭଙ୍ଗ କରିଥିବା ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକୁ ୨୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ଏହି ନିୟମ କଡାକଡି ପାଳନ କରାଯିବ ବୋଲି ଡେପୁଟି କମିଶନର ରାଉତ କହିଛନ୍ତି।


ମାସ୍କ ପିନ୍ଧିବା ପାଇଁ ଗାଡି ଚାଳକଙ୍କୁ ସଚେତନ କରାଯାଉଛି।

# ସଂସ୍କାର ନ ଥିଲେ ସବୁ ଜ୍ଞାନ ବେକାର: ପ୍ରତାପ

କଣ୍ଟାପଡା, ୨୨।୨(ଡି.ଏନ୍.ଏ.)

କଟକ ଜିଲା ଓଲଟପୁର ସ୍ଥିତ ଏସ୍‌ଭି ନିର୍‌ତାରର ୩୭ ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ସଭାଗୃହରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସଂସ୍କାର ନ ଥିବା ବ୍ୟକ୍ତି ଯେତେ ଜ୍ଞାନ ଆହରଣ କଲେ ମଧ୍ୟ ସବୁ ବେକାର। ନିଜକୁ ବେତନଭୋଗୀ କର୍ମଚାରୀ ନ ଭାବି ସେବା ପାଇଁ ସମର୍ପିତ ବୋଲି ସବୁବେଳେ ଚିନ୍ତା କରିବାକୁ ଉପସ୍ଥିତ ନିର୍‌ତାର କର୍ମଚାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇ ନିର୍‌ତାରକୁ ଚିକିତ୍ସା ପାଇଁ ଆସୁଥିବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ଦେଖାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ଅନୁଷ୍ଠାନର ଉନ୍ନତି ପାଇଁ ସେ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କହିଥିଲେ। ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ମହାପାତ୍ର ରାଜ୍ୟ ତଥା ରାଜ୍ୟବାହାରେ କାର୍ଯ୍ୟ କରୁଥିବା ନିର୍‌ତାରର ବିଭିନ୍ନ ଶାଖା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ ଯୋଗଦେଇ ଅନୁଷ୍ଠାନର କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରସଂଶା କରିଥିଲେ। ଏହି ଅବସରରେ ଅତିଥିମାନେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରିବା ସହ ଦୁଇଟି ୟୁ୍ୟଟ୍ୟୁବ ଡକୁମେଣ୍ଟାରି ଉନ୍ମୋଚନ କରିଥିଲେ। ଏହି ଅବସରରେ ଡା. ବନବିହାରୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ 'ସଞ୍ଜ ଆସିଛି ରାତ୍ରିର ଶେଷେ' ପରିବେଷିତ ହୋଇଥିଲା। ଏଥିରେ ରଶ୍ମିରଞ୍ଜନ ସେଠୀ, ଡା. ପବିତ୍ର ସାହୁ, ଡା. ନରେନ୍ଦ୍ର ବେହେରା, ରାମଚନ୍ଦ୍ର ଆଚାର୍ଯ୍ୟ, ଅଜୟ ମହାନ୍ତି, ମନ୍ଦାକିନୀ ଲୋଭ୍‌କା, ଜ୍ୟୋତ୍ସାରାଣୀ ପାତ୍ର, ନଳତା ଦେବୀ, ଭିକାରୀ ବିଶ୍ୱାଳ, ନର୍ଗିସ ଆଦିଙ୍କ ନିଖୁଣ ଅଭିନୟକୁ ଦର୍ଶକ ଉପଭୋଗ କରିଥିଲେ। ରଶ୍ମିରଞ୍ଜନ ସ୍ୱାଇଁ, ସମ୍ବିତ୍ ସେଠୀ, ଚିତ୍ତ ମିଶ୍ର, ପ୍ରଜ୍ଞା ସିଂ, ଦୀପ୍ତିରାଣୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ସହ ଅନ୍ୟ ଅତିଥି।

**ଏସ୍‌ଭି ନିର୍‌ତାରର ପ୍ରତିଷ୍ଠା ଦିବସ**

## ଛତାବରକୁ ଗଡ଼ିଲା ମୋ ବସ୍

ଯାଁଳା,୨୨।୨(ଡି.ଏନ୍.ଏ.): ଜଟଣୀ ବ୍ଲକ ଅଧୀନ ଛତାବରକୁ ସୋମବାର ମୋ ବସ୍ ସେବା ଆରମ୍ଭ ହୋଇଛି। ସ୍ଥାନୀୟ ଲୋକେ ଖୁସି ପ୍ରକଟ କରିବା ସହ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି ବୋଲି କହିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ମନସ୍ୱିନୀ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ଖୋର୍ଦ୍ଧା ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ବସ୍ ସେବା ଶୁଭାରମ୍ଭ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସମେତ ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ୩୨ଲକ୍ଷର ବ୍ରାଉନସୁଗାର ଜବତ

- ଦୌଡ଼ିବା ବେଳେ ଯୁବକଙ୍କୁ ମାଡ଼ିବସିଲା ପୋଲିସ
- ୯ଲକ୍ଷ ୨୦ହଜାର ଟଙ୍କା, ବାଇକ୍ ଜବତ

**ଖୋର୍ଦ୍ଧା ଅଫିସ,୨୨।୨**

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଛି। ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଅଣାଯାଇ ଏଠାରେ ବିକ୍ରି କରାଯାଉଛି। ଏହି କାରବାରରେ ଯୁବପିଢ଼ିଙ୍କୁ ସାମିଲ କରାଯାଉଛି। ସୋମବାର ଖୋର୍ଦ୍ଧା ଟାଉନ ଥାନା ଅଧୀନ ଲୋକେଶ୍ୱର ମନ୍ଦିର ନିକଟରେ ଅବକାରୀ ପୋଲିସ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଲାହାଟର ହରପ୍ରସାଦ ସାହୁ(୨୪)। ତାଙ୍କ ନିକଟରୁ ୩୨୦ଗ୍ରାମ ବ୍ରାଉନସୁଗାର, ୯ଲକ୍ଷ ୨୦ହଜାର ଟଙ୍କା, ଗୋଟିଏ ବାଇକ୍ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩୨ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ କହିଛନ୍ତି। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ସୋମବାର ପୂର୍ବାହ୍ନରେ ଅବକାରୀ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ହରପ୍ରସାଦ ଲୋକେଶ୍ୱର ମନ୍ଦିର ନିକଟରେ ବାଇକ୍‌ରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଅବକାରୀ ପୋଲିସକୁ ଦେଖି ବାଇକ୍ ଛାଡି ଦୌଡିବାକୁ ଆରମ୍ଭ କରିଥିଲେ। ପାଟ୍ରୋଲିଂ ଟିମ୍ ତାଙ୍କୁ ଗୋଡ଼ାଇ କାବୁ କରିଥିଲା। ତେବେ ଅଭିଯୁକ୍ତ ବ୍ରାଉନସୁଗାର କେଉଁଠାରୁ ଆଣିଥିଲେ। ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାର ତଦନ୍ତ ଚାରି ରହିଛି ବୋଲି ଅବକାରୀ ଇନ୍ସପେକ୍ଟର ସାହୁ କହିଛନ୍ତି।





ଜବତ ହୋଇଥିବା ବ୍ରାଉନ୍ ସୁଗାର, ଟଙ୍କା ଏବଂ ଗିରଫ ଅଭିଯୁକ୍ତ।

ପ୍ରକାଶ ଯେ, ଆଦର୍ଶ ଥାନା ପୋଲିସ ଗତ ବର୍ଷ ୪.୫କୋଟିର ବ୍ରାଉନସୁଗାର ଜବତ କରିଥିଲା। ନିକଟରେ ଗୁରୁଜଙ୍ଗ ଗୁଳିକାଣ୍ଡ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ପେଶାଦାର ବ୍ରାଉନସୁଗାର ବେପାରୀ ଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ଜେଲ ଭିତରେ ରହି ଅପରାଧୀମାନେ ଏହି କାରବାରକୁ ଅପରେଟିଂ କରୁଛନ୍ତି। କେଉଁଠି ମାଲ ଆସିବ, କାହାଠୁ ଆସିବ, କେଉଁମାନଙ୍କ ପାଖକୁ ଯିବ, ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଥିବା ଏକ ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଥିଲା। ଅନ୍ୟପଟେ ପାଇକବୀରଙ୍କ ମାଟି ଭାବେ ପରିଚିତ ଖୋର୍ଦ୍ଧା ଏବେ ବ୍ରାଉନସୁଗାର କାରବାର ଲାଗି ଏହାର ଗାରିମା ନଷ୍ଟ ହେବାକୁ ବସିଛି ବୋଲି କେତେଜଣ ବୁଦ୍ଧିଜୀବୀ କହିଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଏସ୍‌ପି ରାଜକିଶୋର ଦୋରା କହିଛନ୍ତି, ବ୍ରାଉନସୁଗାର କାରବାର ରୋକିବା ଲାଗି ଗୁରୁତ୍ୱ ଦିଆଯାଉଛି। ଏନେଇ ଆଗକୁ ସ୍ୱତନ୍ତ୍ର ଡ୍ରାଇଭ କରାଯିବ। ଜେଲ ଫେରନ୍ତାଙ୍କ ଉପରେ ନଜର ରଖାଯିବ। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ତାଲିକା ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କମ୍ୟୁନିଟି ହଲ୍ ସ୍ଥାନ ବଦଳାଇବା ଅଭିଯୋଗ

**ବେଗୁନିଆ,୨୨।୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ମଲ୍ଲିପଦର-ବାସୁଦେବପୁର ଗ୍ରାମବାସୀଙ୍କ ହିତରେ ଏକ କମ୍ୟୁନିଟି ହଲ୍ ନିର୍ମାଣ କରାଯାଉଛି। ଉକ୍ତ କମ୍ୟୁନିଟି ହଲ୍ ଖାତା ନଂ. ୩୨୬ ଓ ପ୍ଲଟ ନଂ. ୯୮୬ରେ ନିର୍ମାଣ ପାଇଁ ଅନୁମୋଦନ କରାଯାଇଛି। ତେବେ ନିର୍ମାଣ କାର୍ଯ୍ୟ ଉକ୍ତ ସ୍ଥାନରେ ନ ହୋଇ ଖାତା ନଂ. ୩୨୫, ପ୍ଲଟ ନଂ. ୯୮୯ରେ ନିର୍ମାଣ କରାଯାଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲାପାଳ ଏବଂ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଯେଉଁ ସ୍ଥାନରେ ଉକ୍ତ ହଲ୍ ନିର୍ମାଣ କରାଯାଉଛି, ସେଠାରେ ଅସମାଜିକଙ୍କ ଆଡ୍ଡସ୍ଥଳୀ ପାଲଟିବ ବୋଲି ଆଶଙ୍କା କରାଯାଉଛି। ପ୍ରଶାସନ ପକ୍ଷରୁ ତୁରନ୍ତ ତଦନ୍ତ କରାଯାଇ ପଦକ୍ଷେପ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏନେଇ ଦାୟିତ୍ୱରେ ଥିବା ବିଡିଓ ରତିକାନ୍ତ ମିଶ୍ର କହିଛନ୍ତି, ଅଭିଯୋଗ ପାଇବା ପରେ ତହସିଲଦାରଙ୍କ ସହଯୋଗ ଲୋଡ଼ା ଯାଇଛି। ଜାଗା ମାପଚୁପ ପରେ ଜଣାପଡ଼ିବ ବୋଲି କହିଛନ୍ତି।

### ପିଲାଚୋରି ସନ୍ଦେହରେ ମହିଳା ଅଟକ

**ବୋଲଗଡ଼,୨୨।୨(ଡି.ଏନ୍.ଏ.):** ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ କାଉଁରିପାଟଣା ଗ୍ରାମରେ ସୋମବାର ରାତି ପ୍ରାୟ ୮ଟାରେ ୩ବର୍ଷର ଶିଶୁକନ୍ୟାଙ୍କୁ ଜଣେ ମହିଳା ଚୋରିକରି ନେଇଯାଉଥିବା ସନ୍ଦେହର ସମ୍ପୃକ୍ତ ମହିଳାଙ୍କୁ ଧରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଉକ୍ତ ଗ୍ରାମର ନୀଳକଣ୍ଠ ମହାରଣାଙ୍କ ୩ବର୍ଷର ଶିଶୁକନ୍ୟାଙ୍କୁ ମହିଳା ଜଣକ ନେଇଯାଉଥିବା ବେଳେ ସ୍ଥାନୀୟ ଯୁବକ ଦେଖିଥିଲେ। ସନ୍ଦେହରେ ଯୁବକମାନେ ମହିଳାଙ୍କୁ ପଚରାଉଚରା କରିବା ସହ ଶିଶୁ କନ୍ୟାଙ୍କୁ ଉଦ୍ଧାର କରି ନୀଳକଣ୍ଠଙ୍କ ଘରେ ଛାଡିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଗ୍ରାମବାସୀ ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ମହିଳାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ବାଣପୁରରେ ଜନଶୁଣାଣି କାର୍ଯ୍ୟକ୍ରମ

**ବାଣପୁର,୨୨।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ପଲଟଣ ପଡିଆରେ ସୋମବାର ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହାର ସମୀକ୍ଷା କରିଥିଲେ। ରାଶନ କାର୍ଡ, ଗୃହ ନିର୍ମାଣ ଯୋଜନା ଓ ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ପରେ ଶ୍ରମିକ ସଙ୍ଗଠନର ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଷଡ଼ଙ୍ଗୀ, ଅତିଥି ଭାବେ ପୃଥ୍ୱିରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ।

# ଆଖୁପଦର ପାନୀୟ ଜଳ ପ୍ରକଳ୍ପ ବନ୍ଦ, ଲୋକେ ହନ୍ତସନ୍ତ

**ବେଗୁନିଆ,୨୨।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବୋଡଳମା ପଞ୍ଚାୟତରେ ରହିଥିବା ଆଖୁପଦର ପାନୀୟ ଜଳ ପ୍ରକଳ୍ପ ଗତ ଦୁଇମାସ ହେବ ବନ୍ଦ ରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ୪ଗ୍ରାମର ପ୍ରାୟ ୬୦୦ ପରିବାର ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଏନେଇ ସରପଞ୍ଚ ଭରତ ଚରଣ ଛୋଟରାୟ ଜିଲାପାଳ, ବିଡିଓ ଏବଂ ଗ୍ରାମ୍ୟ ଜଳଯୋଗାଣ ହେଲ୍ପ ଲାଇନରେ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସ୍ଥାନୀୟ ଲୋକଙ୍କ ପାଇଁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ସରପଞ୍ଚ ଛୋଟରାୟ କହିଛନ୍ତି। ଅନ୍ୟପଟେ ଏହି ସମସ୍ୟା ସମ୍ପର୍କରେ ସରପଞ୍ଚ ଛୋଟରାୟ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ନଂ.୨୪ରେ ଜଣାଇବା ସହ ଏହାର ସମାଧାନ ପାଇଁ ନିବେଦନ କରିଛନ୍ତି। ପ୍ରକାଶ ଯେ, ଏହି ପ୍ରକଳ୍ପ ଉପରେ ଅଠରାଙ୍ଗ, ପାଟଣା, ଡୋଭା, ଆଦିବାସୀ ସାହି ଏବଂ ଆଖୁପଦର ଗ୍ରାମବାସୀ ପାଣି ପାଇଁ ନିର୍ଭର କରିଥାନ୍ତି। ଗତ ସେପ୍ଟେମ୍ବରରେ କେତେଜଣ ଲୋକ ମୁଖ୍ୟ ପାଇପ କାଟି ପାଣି ଚୋରି କରିବାରୁ ସ୍ଥାନୀୟ ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଥିଲେ। ଏନେଇ ସରପଞ୍ଚ ଛୋଟରାୟ ଓ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଓ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏ ସମ୍ପର୍କରେ ଜଳଯୋଗାଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ସେନାପତି କହିଛନ୍ତି, ପାଣି ଚୋରି କରି ନେଉଥିବା ଲୋକଙ୍କୁ ନୋଟିସ କରାଯାଇଛି।

# ନୂତନ ରୁଟ୍‌ରେ ମୋ' ବସ୍ ସେବା ଦାବି

**ଜଟଣୀ,୨୨।୨(ଡି.ଏନ୍.ଏ.)**

ନୂତନ ରୁଟ୍‌ରେ ମୋ' ବସ୍ ଚଳାଚଳ ପାଇଁ ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଛି। ସୂଚନା ମୁତାବକ, ପ୍ରଥମ ପର୍ଯ୍ୟାୟରେ ସୁନ୍ଦରପଦା, ଓଇସି କଲେଜ, ଜାଭିୟର ୟୁନିଭର୍ସିଟି, ହରିରାଜପୁର, ଜଟଣୀ ରେଳ ଜଙ୍କଶନ ଦେଇ ଖୋର୍ଦ୍ଧା ପର୍ଯ୍ୟନ୍ତ ମୋ ବସ୍ ସେବା ଜଟଣୀରେ ଆରମ୍ଭ ହୋଇଥିଲା। ତେବେ ହଜାର ହଜାର ଜନସାଧାରଣ ଜଟଣୀ ଗେଟ୍ ତଳଖେତା ଛକ ଦେଇ ଭୁବନେଶ୍ୱର ଏମ୍‌ସ, ଆମ୍ରି ଓ ସମ୍ ହସ୍ପିଟାଲ, ଖଣ୍ଡଗିରି ସହିତ ରାଜଧାନୀର ବିଭିନ୍ନ ସରକାରୀ ଏବଂ ଘରୋଇ ସଂସ୍ଥାକୁ ବିଭିନ୍ନ କାର୍ଯ୍ୟରେ ଯାତାୟାତ କରୁଛନ୍ତି। ଏହି ରୁଟ୍‌ରେ ମୋ ବସ୍‌ସେବା ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଦୂର କରିବା ପାଇଁ ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ଗତ ବର୍ଷ ଜାନୁୟାରୀ ୧୪ରେ କ୍ରୁଟ୍‌ର ଜେନେରାଲ ମ୍ୟାନେଜରଙ୍କୁ ୪ଟି ବସ୍ ମାଷ୍ଟର କ୍ୟାଣ୍ଟିନ ଛକରୁ ଜଟଣୀ ତଳଖେତା ଗେଟ୍ ଦେଇ ଖୋର୍ଦ୍ଧାରୋଡ ରେଳ ଜଙ୍କଶନ(ଜଟଣୀ), ବାଛରା ଗ୍ରାମ, ଅରୁଗୁଳ ଗ୍ରାମ ଓ ତରାବୋଇ ପର୍ଯ୍ୟନ୍ତ ମୋ ବସ୍ ସେବା ଚଳାଚଳ ସମ୍ପର୍କରେ ଏକ ଦାବିପତ୍ର କ୍ୟାପିଟାଲ୍ ରିଜନ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍)ର ଜେନେରାଲ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଚଳିତ ମାସ ୩ ତାରିଖରେ ପୁଣି ୫୦୦ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଅରୁଣ ମହାନ୍ତି, ପ୍ରହଲ୍ଲାଦ ସାହୁ, ତରାବୋଇ, ବେଣାପଞ୍ଜରି, ହରିପୁର, ତିରୁମ୍ପଲ ପ୍ରମୁଖ ଅଞ୍ଚଳରେ ସରପଞ୍ଚଙ୍କ ଉପସ୍ଥିତିରେ କ୍ରୁଟ୍ ଅଧିକାରୀମାନେ ଗତ ୯ତାରିଖରେ ରୁଟ୍ ତଦାରଖ କରିଥିଲେ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ବସ୍ ସେବା ଆରମ୍ଭ ହୋଇ ନ ଥିବାରୁ ମଞ୍ଚ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଉକ୍ତ ରୁଟ୍‌ରେ ମୋ ବସ୍ ଚଳାଚଳ ଆରମ୍ଭ ହେଲେ ଜଟଣୀ ସହର ଓ ପାଖଆଖ ଅଞ୍ଚଳର ଜନସାଧାରଣ ଉପକୃତ ହେବେ।



ଦ୍ରବ୍ୟ ଓ ସେବାକର ସରଳୀକରଣ ଦାବିରେ ସୋମବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଓଡ଼ିଶା ବ୍ୟବସାୟୀ ମହାସଂଘର ପ୍ରତିନିଧି।

# ଉମାମହେଶ୍ୱର ବଣିକ ସଂଘର ପଦଯାତ୍ରା

**ବାଲୁଗାଁ,୨୨।୨(ଡି.ଏନ୍.ଏ.)**

ଏକ ଦେଶ ଏକ ଟିକସ ନାମରେ ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ଦିନକୁ ଦିନ ଜଟିଳ ହେଉଥିବାରୁ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସଂଶୋଧନ ପାଇଁ ସର୍ବଭାରତୀୟ ବ୍ୟବସାୟ ସଙ୍ଗଠନ ପକ୍ଷରୁ ଆସନ୍ତା ୨୬ ତାରିଖରେ ଭାରତର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବାକୁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବନ୍ଦକୁ ସମର୍ଥନ ଜଣାଇ ସୋମବାର ଜନସାଧାରଣଙ୍କୁ ଏ ସମ୍ପର୍କରେ ଅବଗତ ଉଦ୍ଦେଶ୍ୟ ନେଇ ବାଲୁଗାଁ ଉମାମହେଶ୍ୱର ବଣିକ ସଂଘ ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ରବି ନାରାୟଣ ନାୟକ, ସମ୍ପାଦକ ସରୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ସକାଳ ୯ ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସଂଘର ସମସ୍ତ ବ୍ୟବସାୟୀ ପଦଯାତ୍ରାରେ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ବାଲୁଗାଁ ନଗର ପରିକ୍ରମା କରିଥିଲେ। ଏହି ବନ୍ଦକୁ ସଫଳ କରିବା ପାଇଁ ସଂଘ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

# ଚାଷୀ ତାଲିକା, ରେକର୍ଡ ଯାଞ୍ଚ ଦାବି

**ମଣ୍ଡିରେ ଧାନ କିଏ ଦେଇଛି, ତାହାର ତଦନ୍ତ ହେଉ**

**ଖୋର୍ଦ୍ଧା ଅଫିସ,୨୨।୨:** ଚଳିତ ଖରିଫ ଧାନକିଣାରେ ବ୍ୟାପକ ଅନିୟମିତତା ନେଇ ବିଧାନସଭାରେ ବିରୋଧୀ ହଙ୍ଗାମା କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ୫୫ଲକ୍ଷ ଟନ ଧାନକିଣା ସରିଥିବା ନେଇ ସଫେଇ ଦେଇଛନ୍ତି। ଏବେ ବି ମଣ୍ଡିରେ ଲକ୍ଷାଧିକ କୁଇଣ୍ଟାଲ ଧାନ ପଡି ରହିଛି। ଗୋଟିଏ ପଟେ ସରକାର ଟାର୍ଗେଟ ଠାରୁ ଅଧିକ ଧାନ କିଣା ସରିଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କିଣାଯାଇ ନ ଥିବା ନେଇ ଚାଷୀ ଅଭିଯୋଗ କରୁଛନ୍ତି। ମଣ୍ଡିରେ କିଏ ଧାନ ଦେଇଛି, ତାହାର ଖୋଲାତାଡ କରାଗଲେ, ବହୁ ଗୁମର ତଥ୍ୟ ପଦାକୁ ଆସିବ ବୋଲି ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି। ଚାଷୀ ଧାନ ଧରି ଶୀତ କାକରରେ ମଣ୍ଡିରେ ପଡି ରହିଛନ୍ତି। ଟାର୍ଗେଟ ଆସିନି, ଆସିଲେ ନିଆଯିବ କହି ସମିତି ସମ୍ପାଦକମାନେ ଦିନ ଗଡାଇ ଚାଲିଛନ୍ତି। ମିଲର୍ସ ଧାନ ଉଠାଉନାହାନ୍ତି। ଫଳରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କଂଗ୍ରେସ ନେତା ରଞ୍ଜିତ ମହାପାତ୍ର କହିଛନ୍ତି। ଚଳିତ ବର୍ଷ ଟୋକନ କାରବାରରେ ବଡ ଧରଣ ଦୁର୍ନୀତି ହୋଇଛି। ଧାନ ବିକ୍ରି କରିଥିବା ଚାଷୀ ଏବଂ ରେକର୍ଡ ଯାଞ୍ଚ କରାଗଲେ ସମସ୍ତ ଘଟଣା ପଦାକୁ ଆସିବ ବୋଲି କଂଗ୍ରେସ ପିସିସି ସଭ୍ୟ ଶିଶିର ପରିଡା କହିଛନ୍ତି। ସମସ୍ତ ସମିତି ଧାନକିଣା କାଗଜପତ୍ର, ରେକର୍ଡପତ୍ର ଯାଞ୍ଚ କରାଗଲେ ଏହି ହେରାଫେରିର ପର୍ଦ୍ଦାଫାଶ ହୋଇପାରିବ। ନକଲି ଚାଷୀଙ୍କ ନାମ ପଞ୍ଜିକୃତ ପଛରେ କେତେଜଣ ଅସାଧୁ ତହସିଲ କର୍ମଚାରୀଙ୍କ ମଧ୍ୟ ହାତ ରହିଛି। ସମସ୍ତ ଘଟଣା ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

## ନୀଳାଚଳ ଭକ୍ତ ସମ୍ମିଳନୀ

**ବୋଲଗଡ଼,୨୨।୨(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ଶ୍ରୀତାରେଶ୍ୱର ଦେବଙ୍କ ପୀଠରେ ୨୨ତମ ବାର୍ଷିକ ନୀଳାଚଳ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଦେବନୀତି ଆରମ୍ଭ ପରେ ପ୍ରଭାତ ଅବକାଶ କରାଯାଇଥିଲା। ପରେ ତାରେଶ୍ୱରଦେବଙ୍କୁ ଭକ୍ତମାନେ ସମୂହ ଦୀପ ସମର୍ପଣ କରିଥିଲେ। ଏହି ଅବସରରେ ଭକ୍ତି ସଙ୍ଗୀତ ପରିବେଷଣ ପରେ ପୂର୍ବାହ୍ନ ୧୦ଟାରୁ ଜପ, ସତ୍‌ସଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ଅପରାହ୍ନରେ ଆଳତି କରାଯାଇଥିଲା। କାର୍ଯ୍ୟକ୍ରମର ଶିବତତ୍ତ୍ୱ ଆଲୋଚନା ସଭାରେ ଟିକାତାଲସ୍ଥିତ ରାମକୃଷ୍ଣ ସେବାଶ୍ରମର ଅଧ୍ୟକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀ ପୌରୋହିତ୍ୟ କରିବା ସହିତ ମହାଶିବରାତ୍ରିରେ ହରିହର ମିଳନ ଓ ମହାଦୀପ ବିଷୟରେ ତତ୍ତ୍ୱ ଆଲୋଚନା କରିଥିଲେ। ସେହିପରି ଡ. ଆରତି କର ମହିଳାଙ୍କ ଆଧ୍ୟାତ୍ମିକ ବିକାଶ ପାଇଁ ନୀଳାଚଳ ସତ୍‌ସଙ୍ଗର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବାଲୁଗାଁ,୨୨।୨(ଡି.ଏନ୍.ଏ.):** ବାଲୁଗାଁ ଅଗ୍ନିଶମ ସେବା କେନ୍ଦ୍ର ପରିସରରେ ସୋମବାର ଶ୍ରୀ ହନୁମାନ ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଜଳଯାତ୍ରା ଓ ଗର୍ଭଧାନ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସୋମବାର ମହାସ୍ନାନ ଓ ପ୍ରାଣ ପ୍ରତିଷ୍ଠା ସହ ପୂଜାନୀତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କୁମ୍ଭୀରପଡ଼ା ଗ୍ରାମର ସୁକାନ୍ତ କୁମାର ବିଶ୍ୱାଳଙ୍କ ସହଯୋଗକ୍ରମେ ଏହି ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଗ୍ନିଶମ ଅଧିକାରୀ ନିତ୍ୟାନନ୍ଦ ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମିଶନ ଶକ୍ତି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ



**ଜଟଣୀ,୨୨।୨(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ତରାବୋଇ ଗ୍ରାମରେ ସୋମବାର ଏକ ମିଶନ ଶକ୍ତି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତିଭୂଷଣ ବଳବନ୍ତରାୟ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ପଞ୍ଚାୟତ ପକ୍ଷରୁ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଗୃହ ନିର୍ମାଣ କରାଯିବ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଜୟ କୁମାର ଛୋଟରାୟ, ଦୀପକ କୁମାର ଜେନା, ଅମିୟ ଦଳେଇ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜୟନ୍ତୀ ଛୋଟରାୟ, ସମସିରା ବିବି, ମହମ୍ମଦ ହୁମାୟୁନ୍, ରମାକାନ୍ତ ପଟ୍ଟନାୟକ, ବିଜୟ ଜେନା, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆଗେ ଥଇଥାନ, ପରେ ଉଚ୍ଛେଦ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚନ୍ଦକା ବାରମଣା ଅଞ୍ଚଳବାସୀ।

**ଖୋର୍ଦ୍ଧା ଅଫିସ,୨୨।୨**

ଭୁବନେଶ୍ୱର ବ୍ଲକ ଚନ୍ଦକାରେ ଦୀର୍ଘ ବର୍ଷ ହେଲା ପରିବାର ଧରି ରହୁଛୁ। ଦୈନିକ ମୂଲ ଲାଗିଲେ ପରିବାର ଚଳେ। ଆମକୁ କୌଣସି ନୋଟିସ କିମ୍ବା ଥଇଥାନ ବ୍ୟବସ୍ଥା ନ କରି ସ୍ଥାନୀୟ ପ୍ରଶାସନ ଆମ ଘର ଭାଙ୍ଗିବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଚନ୍ଦକାରେ ରହିଥିବା ୧୫୦ରୁ ଊର୍ଦ୍ଧ୍ୱ ଦଳିତ ପରିବାର। ଏନେଇ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଆଗ ଥଇଥାନ କରାଯାଉ, ପରେ ଉଚ୍ଛେଦ କାର୍ଯ୍ୟ କରିବେ ବୋଲି ଦାବିରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଗତ ୧୯ ତାରିଖରେ ଚନ୍ଦକା ଅଞ୍ଚଳରେ ରହୁଥିବା ବାରମାଣ ଦଳିତ ସାହି ଉଚ୍ଛେଦ ଲାଗି ଭୁବନେଶ୍ୱର ତହସିଲଦାର ଟିମ୍ ସହ ପହଞ୍ଚିଥିଲେ। ସ୍ଥାନୀୟ ବାସିନ୍ଦା ବିରୋଧ କରିବାରୁ ଉଚ୍ଛେଦ କାର୍ଯ୍ୟ ଅଟକିଥିଲା। ଏନେଇ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସପ୍ତାହ ନୋଟିସ ଜାରି କରାଯାଇଥିବା କହିଛନ୍ତି। ବର୍ଷ ବର୍ଷ ଧରି ଏଠାରେ ରହୁଛୁ। ଏଠାରୁ ଉଚ୍ଛେଦ ହେଲେ କେଉଁଆଡ଼େ ଯିବୁ, କେଉଁଠି ରହିବୁ। ବିନା ଥଇଥାନରେ ଉଚ୍ଛେଦ କରାଗଲେ, ଏହାର ବିରୋଧ କରାଯିବା ସହ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କହିଛନ୍ତି।

# କୋଭିଡ୍ କଟକଣା କଡ଼ାକଡ଼ି କରାଯିବ

- ଏନଫୋର୍ସମେଣ୍ଟକୁ ଗୁରୁତ୍ୱ, ନ ମାନିଲେ କାର୍ଯ୍ୟାନୁଷ୍ଠାନ
- ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା
- ପ୍ରବାସୀ ଶ୍ରମିକଙ୍କ ଉପରେ ରହିବ ନଜର

**ଖୋର୍ଦ୍ଧା ଅଫିସ,୨୨।୨**

ମହାରାଷ୍ଟ୍ର ସମେତ ପଡ଼ୋଶୀ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ରାଜ୍ୟ ସରକାର କୋଭିଡ୍ କଟକଣାକୁ କଡାକଡି କରିଛନ୍ତି। ଏସ୍‌ଆର୍‌ସି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାରେ କୋଭିଡ୍ ନିୟନ୍ତ୍ରଣ ରହିଛି। ସରକାରଙ୍କ ଗାଇଡଲାଇନକୁ ଆଧାର କରି ଜିଲାରେ କୋଭିଡ୍ କଟକଣାକୁ କଡ଼ାକଡି କରାଯିବ। ଏନଫୋର୍ସମେଣ୍ଟକୁ ଉପରେ ଗୁରୁତ୍ୱ ଦିଆଯିବ। ବିଶେଷତଃ ମାସ୍କ ପରିଧାନ, ସାନିଟାଇଜ ଏବଂ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହେବ। ଦୋକାନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନରେ କୋଭିଡ୍ ନିୟମକୁ କଡାକଡି କରାଯିବ। ସମସ୍ତ ବ୍ୟବସାୟୀ ଏଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ପ୍ରବାସୀ ଶ୍ରମିକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯିବ ବୋଲି ସୋମବାର ଜିଲାପାଳ ସନତ୍ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି। ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନ ପାଇଁ ଲୋକଙ୍କୁ ସଚେତନ ରହିବାକୁ ଜିଲାପାଳ ନିବେଦନ କରିଛନ୍ତି। କୋଭିଡ୍ କଟକଣା ନେଇ ବିଡିଓ, ତହସିଲଦାର, ପୌର ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ଆଲୋଚନା କରାଯାଇଛି। କରୋନ ସନ୍ଦିଗ୍ଧ ଅଞ୍ଚଳରେ ବିଶେଷ ଗୁରୁତ୍ୱ ଦିଆଯିବ। ଚିଲିକା, ବାଣପୁର ବ୍ଲକରେ ସୋମବାର ଠାରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ହୋଟେଲ, ରେଷ୍ଟୁରାଣ୍ଟ ଏବଂ ବାର୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଏନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ। ଏହି ସ୍କ୍ୱାଡ୍ ବିଭିନ୍ନ ସ୍ଥାନ ବୁଲି କୋଭିଡ୍ କଟକଣା ଯାଞ୍ଚ କରିବେ। କୋଭିଡ୍ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କରୋନା ଲକ୍ଷଣ ଦେଖାଦେଲେ, ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କୋଭିଡ୍ କଟକଣାକୁ ନେଇ କେହି ଭୟଭୀତ ହୁଅନ୍ତୁ ନାହିଁ। ଏଥିପ୍ରତି ସଚେତନ ହେବା ଜରୁରୀ ବୋଲି ଜିଲାପାଳ ମହାନ୍ତି କହିଛନ୍ତି।

### 'ସ୍କୁଲକୁ ନିୟମିତ ସାନିଟାଇଜ୍ କରାଯାଉଛି'

ବିଦ୍ୟାଳୟରେ ନବମ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଚାଲିଛି। ସ୍କୁଲ ପରିସର ସ୍ୱଚ୍ଛତା, ପରିଷ୍କାର, ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦେବାକୁ ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ କୁହାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ(ଡିଇଓ) ବନ୍ଦନା ମହାପାତ୍ର କହିଛନ୍ତି। ବିଦ୍ୟାଳୟରେ ଥର୍ମାଲ ସ୍କ୍ରିନିଂ ବାଧ୍ୟତାମୂଳକ ସହ ସ୍କୁଲକୁ ନିୟମିତ ସାନିଟାଇଜ କରାଯାଉଛି। ସ୍କୁଲରେ ପିଲାଙ୍କ ପାଠପଢ଼ା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକ୍ରମ ଆୟୋଜିତ ହେବ ନାହିଁ। କୌଣସି ଛାତ୍ରୀଛାତ୍ର ପରସ୍ପର ଏକାଠି ହେବେ ନାହିଁ। ଖାଦ୍ୟ ପଦାର୍ଥ, ପାଣି ବୋତଲ ଦିଆନିଆ କରିବେ ନାହିଁ, ସେଥିପ୍ରତି ଶିକ୍ଷକମାନେ ଦୃଷ୍ଟି ଦେବେ। ପିଲାଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏନେଇ ସମସ୍ତ ବିଇଓ, ସିଆର୍‌ସିସି, ସ୍କୁଲ ପରିଚାଳନା କମିଟି, ଅଭିଭାବକଙ୍କ ସହ ଆଲୋଚନା କରାଯାଇଛି। ଆଗକୁ ପିଲାଙ୍କ ମାଟ୍ରିକ ପରୀକ୍ଷା ରହିଛି, ଯେପରି ସେମାନଙ୍କ ପାଠପଢ଼ାରେ କୌଣସି ବ୍ୟାହତ ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। କରୋନା କଟକଣା ପାଳନ ଲାଗି କ୍ଲଷ୍ଟର ସ୍ତରୀୟ ସ୍କ୍ୱାଡ୍ ରହିଛି। ଏହି ସ୍କ୍ୱାଡ୍ ନିଜ ଅଞ୍ଚଳରେ ବିଦ୍ୟାଳୟ ବୁଲି ତଦାରଖ କରିବେ। ନିୟମିତ ବ୍ୟବଧାନରେ ଏ ସମ୍ପର୍କରେ ରିପୋର୍ଟ ଦେବାକୁ କୁହାଯାଇଛି।